R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୫
ତିଥି : ପଞ୍ଚମୀ
୧୨ ସେପ୍ଟେମ୍ବର ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 335
12 Sept 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଏନ୍‌କାଉଣ୍ଟରରେ ୧୦ ମାଓବାଦୀ ନିପାତ

ମାଲକାନଗିରି, ୧୧।୯ (ସବ୍ୟୁ): ଯବାନ ମାନେ ଓଡ଼ିଶା-ଛତିଶଗଡ଼ ସୀମାରେ ଏକ ବଡ଼ଧରଣର ଏନକାଉଣ୍ଟର କରିଛନ୍ତି । ନୂଆପଡ଼ା ଜିଲ୍ଲା ସୀମାନ୍ତ ମହାସମୁଦ ଜିଲ୍ଲା ଗରିଆବନ୍ଧ ଜଙ୍ଗଲରେ ଯମାନମାନେ ମୋଡେମ୍ ବାଲକ୍ରୀଷ୍ଣାକୁ ନିପାତ କରିଛନ୍ତି । ସୁରକ୍ଷା ବାହିନୀର ଏହି ଅପରେସନରେ ଏସଟିଏଫ୍ ଯବାନ ନିୟୋଜିତ ଅଛନ୍ତି।





### ମୋଷ୍ଟ ୱାଣ୍ଟେଡ୍ ବାଲକ୍ରିଷ୍ଣା ମୁଣ୍ଡ ପାଇଁ ଥିଲା କୋଟିଏ ଟଙ୍କା ପୁରସ୍କାର

ମୋଡେମ ବାଲକ୍ରୀଷ୍ଣା ଏକାଧିକ ନାମରେ ଜଣାଶୁଣା । ମନୋଜ, ଭାସ୍କର, ବାଲାନ୍ନା, ରାମଚନ୍ଦ୍ର ଆଦି ନାଁରେ ସେ ପରିଚିତ । ତେଲେଙ୍ଗାନାର ହାଇଦ୍ରାବାଦ୍ ନିବାସୀ ମେଡେମ ବାଲକ୍ରୀଷ୍ଣା ପ୍ରାୟ ୩ ଦଶକ ଧରି ମାଓ ସଙ୍ଗଠନ ସହ ଜଡ଼ିତ ରହିଥିଲା । କେନ୍ଦ୍ରୀୟ କମିଟି ଓ ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋ ସଦସ୍ୟ ଥିଲା । ଓଡ଼ିଶା ରାଜ୍ୟ କମିଟିର ମୁଖ୍ୟ ଥିଲା । ଓଡ଼ିଶା-ଛତିଶଗଡ଼ ସୀମାରେ ସକ୍ରିୟ ଥିଲା ମେଡେମ ବାଲକ୍ରୀଷ୍ଣା । ତା ନାଁରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ପୁରସ୍କାର ଥିଲା । କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ ଅଞ୍ଚଳରେ ବେଶ ସକ୍ରିୟ ଥିଲା ମୋଡ଼େମ ବାଲକ୍ରିଷ୍ଣା । ସୁରକ୍ଷାକର୍ମୀଙ୍କ ଗୁଳିରେ ମୋଷ୍ଟ ଓ୍ୱାଣ୍ଟେଡ ମାଓବାଦୀ ମୋଡେମ ବାଲକ୍ରୀଷ୍ଣା ଟଳି ପଡ଼ିଥିବା ବେଳେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଜଙ୍ଗଲ ଗରିଆବନ୍ଧରେ ବଡ଼ ଏନକାଉଣ୍ଟର ହୋଇଛି । ଏନକାଉଣ୍ଟରରେ ପ୍ରାୟ ୧୦ ମାଓବାଦୀ ପ୍ରାଣ ହରାଇଥିବା ସୂଚନା ମିଳିଛି ।

ସେହିପରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲା ପୁଲିସ ନିକଟରେ ଆବୁଝମାଡ ଜଂଗଲର ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଲଚ୍ଛୁ ପଡିଆମି(୪୪), କେସା କୁଞ୍ଜାମ(୩୮), ମୁନ୍ନା ହେମଲା(୪୦), ଜରୁ ପଲ୍ଲୋଶ୍ର(୩୬), ମାସୁ ମହନ୍ଦା(୪୩), ଲାଲୁ ପୋୟାମ(୩୫), ରେନୁ ମହନ୍ଦା(୩୨), (୯ ପୃଷ୍ଠାରେ)

## ମହାନଦୀ ନଦୀତଟ ବିକାଶ ଯୋଜନାକୁ ମଞ୍ଜୁରୀ

ଭୁବନେଶ୍ୱର, ୧୧।୯ (ସବ୍ୟୁ) : ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମଞ୍ଜୁରୀ ଦେଇଛନ୍ତି । ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା । ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ ।

ଯୋଜନାକୁ ମଞ୍ଜୁରୀଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା । ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ । ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡିକ ହେଉଛି, ନଦୀ କୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା ।

- ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା
- ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀ ତଟ ବିକାଶ ପାଇଁ ୧୬୦ କୋଟି
- ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ତଟ ବିକାଶ ପାଇଁ ୮୦ କୋଟି
- ଜୀବନରେଖା ମହାନଦୀ ତଟ ହେବ ପର୍ଯ୍ୟଟନ କେନ୍ଦ୍ର : ମୁଖ୍ୟମନ୍ତ୍ରୀ

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ । ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ । ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲ୍‌ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତି କରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସଫି କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ । ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ ।

ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ । ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ ରୋଡ ସହିତ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକଗେଟ୍, ସେତୁ, ପାର୍କିଂ, (୯ ପୃଷ୍ଠାରେ)

## ନେପାଳ ପ୍ରଧାନମନ୍ତ୍ରୀ ଦୌଡ଼ରେ କୁଲମନ୍

କାଠମାଣ୍ଡୁ, ୧୧।୯ : ଜେନ ଜେଡ ଆନ୍ଦୋଳନ ଯୋଗୁ ନେପାଳରେ ଶାସନ ପରିବର୍ତ୍ତନ ହୋଇଛି । ପ୍ରଧାନମନ୍ତ୍ରୀ ଭାବେ କାମ କରୁଥିବା କେମି ଶର୍ମା ଓଲି ଇସ୍ତଫା ଦେଇ ଦେଶ ଛାଡ଼ି ଚାଲି ଯାଇଛନ୍ତି । ତାଙ୍କ ସ୍ଥାନରେ କିଏ ନେପାଳର ପ୍ରଧାନମନ୍ତ୍ରୀ ହେବେ, ତା'କୁ ନେଇ ଚର୍ଚ୍ଚା ଲାଗି ରହିଛି । ବୁଧବାର ଜେନ ଜେଡ ପକ୍ଷରୁ ଦେଶର ପ୍ରଥମ ତଥା ଏକମାତ୍ର ମହିଳା (୯ ପୃଷ୍ଠାରେ)



## ରାଜ୍ୟପାଳ ପଦରୁ ଇସ୍ତଫା ଦେଲେ ରାଧାକୃଷ୍ଣନ୍

ମୁମ୍ବାଇ, ୧୧।୯ : ଭାରତର ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ସିପି ରାଧାକୃଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ ରାଷ୍ଟ୍ରପତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଆଚାର୍ଯ୍ୟ ଦେବବ୍ରତ ଗୁଜରାଟର ଦାୟିତ୍ୱ ସହିତ ମହାରାଷ୍ଟ୍ରର ରାଜ୍ୟପାଳର ଦାୟିତ୍ୱ

### ଆଜି ଉପରାଷ୍ଟ୍ରପତି ଭାବେ ଶପଥ ନେବେ

ମଧ୍ୟ ଗ୍ରହଣ କରିବେ । ସିପି ରାଧାକୃଷ୍ଣନ ସେପେଟମ୍ବର ୧୨ ରେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗତ ମଙ୍ଗଳବାର ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ସିପି ରାଧାକୃଷ୍ଣନ ୪୫୨ ଭୋଟ ପାଇଥିଲେ । ସେହିପରି ବିପକ୍ଷ ଇଣ୍ଡିମେଣ୍ଟ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ୩୦୦ଟି ଭୋଟ ପାଇଥିଲେ ।

## ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳିକରି ହତ୍ୟା



ୱାଶିଂଟନ, ୧୧।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଚାର୍ଲି କିର୍କଙ୍କୁ ଗୁଳି ମାଡ ହୋଇଛି । ଗୁଳି ମାଡରେ ତାଙ୍କର ମୃତ୍ୟୁ ଘଟିଛି ।ଏହି ଘଟଣା ପରେ ଆମେରିକାରେ ଚହଳ ସୃଷ୍ଟି ହୋଇଛି। କଞ୍ଜରଭେଟିଭ ଆକଫିଭିଷ୍ଟ ଚାଲ କିର୍କଙ୍କୁ ଏକ ଖୋଲା ମଞ୍ଚର କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯାଇଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟାକରାଯାଇଛି। ଭାଷଣ ଦେବା ବେଳେ (୯ ପୃଷ୍ଠାରେ)

### ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ସାରର କୌଣସି ଅଭାବ ନାହିଁ

ଭୁବନେଶ୍ୱର, ୧୧।୯ (ସବ୍ୟୁ) : ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି । ସମସ୍ତ ଜିଲ୍ଲାରେ ଥିବା ପ୍ୟାକ୍ସ ଏବଂ ଲ୍ୟାମ୍ପସ୍‌ରେ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପ୍ୟାକ୍ସ ଏବଂ ଲ୍ୟାମ୍ପସ୍‌କୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।



ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ରାଜ୍ୟରେ ସାରର କୌଣସି ଅଭାବ ନାହିଁ । ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରରେ ଚାଲିଛି । ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପେଟମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧,୭୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୭୭ ମେଟ୍ରିକଟନ ସାର ବିକ୍ରି ହୋଇସାରିଛି ।

### ଚାହିଦା ମୁତାବକ ସାର ଆବଣ୍ଟିତ କରିଛନ୍ତି କେନ୍ଦ୍ର ସରକାର

### ପ୍ୟାକ୍ସ ଏବଂ ଲ୍ୟାମ୍ପସ୍‌ରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ମନିଟରିଂ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ବୈଠକରେ, ଜିଲ୍ଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପ୍ୟାକ୍ସ ଏବଂ ଲ୍ୟାମ୍ପସ୍‌କୁ ବିଭିନ୍ନ ଗ୍ରେଡ଼ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

### ଜାତିସଂଘ ମାନବାଧିକାର ପରିଷଦ ବୈଠକ

## ସ୍ୱିଜରଲ୍ୟାଣ୍ଡକୁ ଦୃଢ଼ ଜବାବ ଦେଲା ଭାରତ

ନୂଆଦିଲ୍ଲୀ, ୧୧।୯ : ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ବ୍ୟବହାର ସମ୍ପର୍କରେ ସ୍ୱିଜରଲ୍ୟାଣ୍ଡର ପ୍ରତିନିଧି ମନ୍ତବ୍ୟ ଦେବା ପରେ ଭାରତ କଡ଼ା ଜବାବ ଦେଇଛି। "ସଂଖ୍ୟାଲଘୁଙ୍କ ସୁରକ୍ଷାଦଦ ପାଇଁ ସ୍ୱିଜରଲ୍ୟାଣ୍ଡ ଭାରତକୁ ପରାମର୍ଶ ଦେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦିଆଯାଇଛି । ଭାରତ ଏହି ୟୁରୋପୀୟ ଦେଶକୁ ନିଜ ମାଟିରେ ଥିବା ବ୍ୟାପକ ଭେଦଭାବ ସମସ୍ୟା ସମ୍ପର୍କରେ ସ୍ମରଣ କରାଇ ଦେଇଛି ।

ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦଠାରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ଏକ ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ରାଷ୍ଟ୍ର ସ୍ୱିଜରଲ୍ୟାଣ୍ଡ ଦ୍ୱାରା ଦିଆଯାଇଥିବା ଆଶ୍ଚର୍ଯ୍ୟଜନକ, ତୁଚ୍ଛ ଏବଂ ଭୁଲ ସୂଚନାପୂର୍ଣ୍ଣ ମନ୍ତବ୍ୟର ମଧ୍ୟ ଜବାବ ଦେବାକୁ ଚାହୁଁଛୁ । ଯେହେତୁ ସ୍ୱିଜରଲ୍ୟାଣ୍ଡ ଜାତିସଂଘ ମାନବାଧିକାର ପରିଷଦର ଅଧ୍ୟକ୍ଷତା କରୁଛି, ସେଥିପାଇଁ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭାରତର ବାସ୍ତବତା ସହ ନ୍ୟାୟ କରୁନଥିବା ଏଭଳି ମନଗଢ଼ା କାହାଣୀ କହି ପରିଷଦର ସମୟ ନଷ୍ଟ କରିବା ଉଚିତ୍ ନୁହେଁ । ଏହା ଅଧ୍ୟକ୍ଷତା କରୁଥିବା ଦେଶ ପାଇଁ ଅତ୍ୟନ୍ତ ଜରୁରୀ । ଏଭଳି କରିବା ପରିବର୍ତ୍ତେ ସ୍ୱିଜରଲ୍ୟାଣ୍ଡ ବର୍ଣ୍ଣବୈଷମ୍ୟ, ବ୍ୟବସ୍ଥିତ ଭେଦଭାବ ଏବଂ ବିଦେଶୀ ଦ୍ୱେଷ ଭଳି ନିଜ ଦେଶର ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ବିଶ୍ୱର ସବୁଠୁ ବଡ଼, ସର୍ବାଧିକ ବିବିଧ ଏବଂ ସକ୍ରିୟ ଗଣତନ୍ତ୍ର ରୂପରେ ଭାରତରେ ସଭ୍ୟତାଗତ ଭାବେ ବହୁଳତାବାଦ ସମାବିଷ୍ଟ ହୋଇ ରହିଛି । ତେଣୁ ସ୍ୱିଜରଲ୍ୟାଣ୍ଡର ନିଜସ୍ୱ (୯ ପୃଷ୍ଠାରେ)

### ଗ୍ରାମାଞ୍ଚଳରେ ମିଳୁନି ୟୁରିଆ ସାର

## ଚାଷୀଙ୍କ ଅଭାବ ପୂରଣ କରିପାରୁନି ପ୍ୟାକ୍ସ



ବଲାଙ୍ଗିର/ଝାରସୁଗୁଡ଼ା/ସୋନପୁର, ୧୧।୯ (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ୟୁରିଆ ସାରର ଉତ୍କଟ ଅଭାବ। ପ୍ୟାକ୍ସ ଜରିଆରେ ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଉଛି ବୋଲି ବିଭାଗୀୟ ଅଧିକାରୀ କହୁଥିବା ବେଳେ ତାହା ଗ୍ରାମାଞ୍ଚଳରେ ବାସ୍ତବତାରେ ପରିଲକ୍ଷିତ ହେଉନାହିଁ। କିନ୍ତୁ ସାର ପାଇଁ ପଞ୍ଚାୟତ, ପ୍ୟାକ୍ସ ଗୁଡ଼ିକରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି । ୟୁରିଆ ପାଇଁ ଏକ ପ୍ରକାର ଆଇନ ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି ।

ପଶ୍ଚିମ ଓଡ଼ିଶା ଓ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଗତ ୧୫ ଦିନରୁ ଉର୍ଦ୍ଧ୍ୱ ହେବୟୁରିଆ ସାରର ବ୍ୟାପକ କଳାବଜାର ହେଉଥିବା ଅଭିଯୋଗ ହେଉଛି । କେନ୍ଦ୍ର ସରକାର ଓଡ଼ିଶା ପାଇଁ ଯେତିକି ସାର ଦରକାର ଥିଲା ଆମେ ତାହା ପଠାଇ ଦେଇଛୁ ବୋଲି କହୁଥିବା ବେଳେ କେଉଁଠି ଏହା ବାଟମାରଣ ହେଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ମାଲକାନଗିରି ଜିଲ୍ଲାରେ (୯ ପୃଷ୍ଠାରେ)

### ବାଣୀବିହାରରେ ମିଶନ ଅଲ୍‌ଆଉଟ୍

## ଜବରଦଖଲ ମୁକ୍ତ ହେଲା ୫୦ କ୍ୱାର୍ଟର୍ସ




ଭୁବନେଶ୍ୱର, ୧୧।୯ (ସବ୍ୟୁ) : ବାଣୀବିହାର କର୍ତ୍ତୃପକ୍ଷଙ୍କ ମିଶନ ଅଲ୍‌ଆଉଟ୍‌ରେ ପ୍ରଥମେ ଅଣଛାତ୍ରଙ୍କୁ ହଷ୍ଟେଲରୁ ବାହାର କରାଗଲା । ଦ୍ୱିତୀୟ ପର୍ଯ୍ୟାୟରେ ଜବରଦଖଲରେ ଥିବା କ୍ୱାର୍ଟର୍ସକୁ ଫାଙ୍କା କରାଯାଇଛି। ଗୁରୁବାର ୫୦ କ୍ୱାର୍ଟର୍ସରୁ ପୋଲିସ ସହାୟତାରେ ଜବରଦଖଲକାରୀଙ୍କୁ ହଟାଇ ଦିଆଯାଇଛି । ହେଲେ ଭଡାରେ ଲାଗିଥିବା ୩୦ କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ କେବେ ହେବ ସେଥିନେଇ ଛାତ୍ରଛାତ୍ରୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଣୀବିହାର କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ମିଶନ ଅଲ୍‌ଆଉଟ୍‌ରେ ପର୍ଯ୍ୟାୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଭଡାରେ (୯ ପୃଷ୍ଠାରେ)



## ଆଜି ଜନ୍ମଦିନ
# ଫିରୋଜ ଗାନ୍ଧି

୧୨ ସେପ୍ଟେମ୍ବର ୧୯୧୨ରେ ଜନ୍ମିତ ଫିରୋଜ ଗାନ୍ଧି ଏକାଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ସାମ୍ବାଦିକ ଥିଲେ । ସେ ଲୋକସଭା ସଦସ୍ୟ ଭାବେ ଅନେକ ଦିନ କାର୍ଯ୍ୟ କରିଥିଲେ । ସେ ଥିଲେ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧିଙ୍କର ସ୍ୱାମୀ । ଫିରୋଜ ଗାନ୍ଧିଙ୍କର ଜନ୍ମ ବମ୍ବେରେ ହୋଇଥିଲା । ତାଙ୍କ ପାଠପଢା ବିଦ୍ୟାମନ୍ଦିରରୁ ଆରମ୍ଭ ହୋଇଥିଲା । ଏହାପରେ ସେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ନାମ ଲେଖାଇଥିଲେ । ଅଧାରୁ ପାଠପଢା ଛାଡି ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଏହି ସଂଗ୍ରାମ ସମୟରେ ଅନେକଥର ସେ କାରାବରଣ କରିବା ସହିତ ଦେଶବାସୀଙ୍କ ପାଇଁ କାର୍ଯ୍ୟ କରିଥିଲେ । ସେ ଗାନ୍ଧିଜୀଙ୍କ ନେତୃତ୍ୱରେ ଅନେକ ଆନ୍ଦୋଳନରେ ଭାଗନେଇଥିଲେ । ସେ ନ୍ୟାସନାଲ ହେରାଲ୍ଡ ଇଂରାଜୀ ସମ୍ବାଦପତ୍ରର ଜଣେ ଦକ୍ଷ ସମ୍ପାଦକ ଥିଲେ । ତେବେ ଏହି ମହାନ ଜନନାୟକଙ୍କର ମାତ୍ର ୪୭ ବର୍ଷ ବୟସରେ ୮ ସେପ୍ଟେମ୍ବର ୧୯୬୦ରେ ଦେହାନ୍ତ ହୋଇଥିଲା । ତାଙ୍କ ବିୟୋଗରେ ଭାରତ ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।

## ସୋସିଆଲ କୋଟ୍ସ




"ମୋତେ ୩ଟା ସୁଦ୍ଧା ଡକାଯାଇଥାଏ । ଏହାପରେ ସନ୍ଧ୍ୟା ୫.୩୦ ସୁଦ୍ଧା ସଲମାନ ପହଞ୍ଚି ଯାଇଥାଆନ୍ତି । ସେ ଦେଶର ସବୁଠାରୁ ବଡ ଷ୍ଟାର, ତାଙ୍କ ପାଖରେ ଆହୁରି ଅନେକ କାମ ରହିଛି । ତେଣୁ ତାଙ୍କ ପାଇଁ ଅପେକ୍ଷା କରିବା କୌଣସି ବଡକଥା ନୁହେଁ ।

ଅୟାନ ଲାଲ, ଅଭିନେତା



"ଜୁଗନୁମା ଏକ ଭଲ ଫିଲ୍ମ । ମୁଁ ଏହି ଫିଲ୍ମରୁ ଅନେକ କିଛି ଶିଖିଛି । ଜୀବନର ଅନେକ ପ୍ରଶ୍ନର ଉତ୍ତର ମୋତେ ଏହି ଫିଲ୍ମରୁ ମିଳିଛି ।

ମନୋଜ ବାଜପେୟି, ଅଭିନେତା



"ତମାଖୁ ଆମ ଶରୀର ପାଇଁ ଖୁବ କ୍ଷତିକାରକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ । ତେଣୁ ଖାଆନ୍ତୁ ନାହିଁ ।

ଅକ୍ଷୟ କୁମାର, ଅଭିନେତା

# ୯୭ଟି ନଦୀର ଘର



ଗୁଜରାଟକୁ ନଦୀମାନଙ୍କର ରାଜ୍ୟ ଭାବେ ମଧ୍ୟ ସମ୍ବୋଧନ କରାଯାଇଥାଏ । ଏହି ରାଜ୍ୟରେ ପାଖାପାଖି୧୮୫ ଟି ନଦୀ ବୋହିଥାଏ । ତେବେ ସେହି ନଦୀରୁ ୯୭ଟି ନଦୀ କେବଳ ଗୋଟିଏ ଜିଲ୍ଲାରେ ବହିଥାଏ । ଗୁଜରାଟର ତିନୋଟି ରିଜନରେ ଏହି ନଦି ଗୁଡିକ ଭାଗ ବାଣ୍ଟି ବହିଥାଆନ୍ତି । ୧୮୫ରୁ ୧୭ଟି ଗୁଜରାଟ ମେନଲାଣ୍ଡରେ, ୭୧ ଟି ସୌରାଷ୍ଟ୍ରରେ ଓ ୯୭ଟି କୁଚ୍ ରିଜନରେ ବହିଥାଏ । କୁଚ ଜିଲ୍ଲାରେ ହିଁ ସବୁଠାରୁ ଅଧିକ ଅର୍ଥାତ ୯୭ଟି ନଦୀ ବହିଥାଏ । ଏହି ନଦୀରୁ କିଛି ନଦୀ କେବଳ ମନସୁନ୍ ସିଜିନରେ ହିଁ ବହିଥାଆନ୍ତି । ଏହି ନଦୀ ତାଲିକାରେ ରୁକ୍ମାବତି,ସୁଭି, ମଲାନ, ସାରନ, ମିଠି, ଘୁରୁଦ୍ ଆଦି ରହିଛି । ଏଥିପାଇଁ ଏହାକୁ ଲୋକମାନେ ନଦୀର ଘର ବୋଲି ସମ୍ବୋଧନ କରିଥାଆନ୍ତି ।

### ହାହାଃ..ହାହାଃ..



ପୁଅ– ବାପା ମୋର ମାର୍କ କମ ଆସିଛି ।
ବାପା – କ'ଣ ପାଇଁ ?
ପୁଅ – ପ୍ରଶ୍ନ ଆଉଟ୍ ଅଫ ସିଲାବସ୍ ଥିଲା ।
ବାପା – ଆଉ ତୋ ପାଠ ପଢା ?
ପୁଅ – ସେଇଟା ବି ଆଉଟ୍ ଅଫ ମାଇଣ୍ଡ ଥିଲା ।

### ଇତିହାସ

୧୮୭୩– ବିକ୍ରି ଉଦ୍ଦେଶ୍ୟରେ ବଜାରକୁ ଆସିଲା ଟାଇପ୍ରାଇଟର ।
୧୮୯୮– ପ୍ରସିଦ୍ଧ ହିନ୍ଦୀ ସାହିତ୍ୟକାର ବଳଦେବ ପ୍ରସାଦ ମିଶ୍ରଙ୍କ ଜନ୍ମ ।
୧୯୧୨– ସ୍ୱତନ୍ତ୍ରତା ସେନାନି ଫିରୋଜ ଗାନ୍ଧିଙ୍କ ଜନ୍ମ ।
୧୯୨୮– ଫ୍ଲୋରିଡ଼ାରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ୬୦୦୦ ଲୋକଙ୍କ ମୃତ୍ୟୁ ।
୧୯୭୧– ପ୍ରସିଦ୍ଧ ସଂଗୀତକାର ଜୟକିଷାନଙ୍କ ନିଧନ ।
୧୯୪୮– ମହମ୍ମଦ ଅଲ୍ଲି ଜିନ୍ନାଙ୍କ ପରଲୋକ ।
୧୯୮୮– କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଶୁଭାରମ୍ଭ ।
୨୦୦୧– ଆତଙ୍କବାଦ ବିରୋଧରେ ଆମେରିକାର ଯୁଦ୍ଧ ଘୋଷଣା ।
୨୦୦୮– ନନ୍ବ୍ୟାଙ୍କିଙ୍ଗ ବିତ୍ତୀୟ କାରବାର ବନ୍ଦ କଲା ସାହାରାଇଣ୍ଡିଆ ଇନ୍ଭେଷ୍ଟମେଣ୍ଟ କର୍ପୋରେସନ୍ ।

# ଚାଟଜିପିଟି ଥେରାପିଷ୍ଟ




ଆଜିକାଲିର ଯୁବପିଢି ବା ଜେନ୍ ଜେଡ୍‌ଙ୍କ ପାଇଁ ଚାଟ୍ ଜିପିଟି ଏକ ଥେରାପିଷ୍ଟ ଭଳି କାମ କରୁଛି । ଏହା ସେମାନଙ୍କ ପାଇଁଦ୍ୱଏଭଳି ଏକ ଥେରାପିଷ୍ଟ ପାଲଟିଛି ଯିଏ ରାତିରେ ଶୋଉନି । ସେମାନଙ୍କ ଟାଇମ ହିସାବରେ ସେ ତାଙ୍କର ଅଭିଯୋଗ ଶୁଣିବା ସହିତ ପରାମର୍ଶ ଦେଉଛି । ସେହିଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେ ଏହି ପିଲାମାନଙ୍କୁ ମଣିଷଙ୍କ ଭଳି ଜଜ୍ କରୁନାହିଁ , ତେଣୁ ସେମାନେ ତାଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଟ ଜିପିଟି ସହିତ କଥା ହେଉଛନ୍ତି । ନିକଟରେ ହୋଇଥିବା ଏକ ସର୍ଭେରେ ମିଳିଥିବା ତଥ୍ୟ ଅନୁସାରେ ଏହି ଜେନେରେସନର ପିଲାମାନେ ଡିଜିଟାଲ ମେଣ୍ଟାଲ ହେଲ୍‌ଥ ଟୁଲ୍ସ ଉପରେ ଅଧିକ ନିର୍ଭର ରହୁଛନ୍ତି । ଏଆଇ ଥେରାପି ବର୍ତ୍ତମାନ ସେମାନଙ୍କ ପାଇଁ ଖୁବ ଉପକାରୀ ସାଜିଛି । ଏହି ଚାଟ୍‌ଜିପିଟିର କିଛି ଏଭଳି ଫିଚର ରହିଛି ଯାହା ଜେନ୍ ଜେଡଙ୍କ ପାଇଁ ଖୁବ ଆକର୍ଷକ ପାଲଟିଛି । ପ୍ରଶ୍ନ ପଚାରିବା ସଙ୍ଗେସଙ୍ଗେ ଉତ୍ତର ମିଳୁଛି, କାହାପାଇଁ ଅପେକ୍ଷା କରିବାକୁ ପଡୁନାହିଁ । ସେହିଭଳି ଚାଟ ଜିପିଟିକୁ ପ୍ରଶ୍ନ ପଚାରିବା ପାଇଁ କୌଣସି ସମୟର ବାଧା ନାହିଁ । ଅର୍ଥାତ ରାତି ୨ଟାରେ ମଧ୍ୟ ପ୍ରଶ୍ନ ପଚାରିଲେ ଉତ୍ତର ମିଳୁଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହା ମଣିଷଙ୍କ ଭଳି ଜଜ୍ କରୁନଥିବାବେଳେ ପଛରେ ଚୁଗୁଲି ମଧ୍ୟ କରୁନାହିଁ, ତେଣୁ ଏହାକୁ ନିଜର ମନ କଥା କହିବାକୁ ଜେନ୍ ଜେଡମାନେ ବେଶି ସୁରକ୍ଷିତ ମଣୁଛନ୍ତି । ତେବେ ଏହାର ବ୍ୟବହାର କିଛି କ୍ଷେତ୍ରରେ ଭଲ ହୋଇଥିଲେ ମଧ୍ୟ କିଛି କ୍ଷେତ୍ରରେ ଏହା ସୁରକ୍ଷିତ ନୁହେଁ । ତେଣୁ ପିଲାମାନଙ୍କୁ ଏହା ସମ୍ପର୍କରେ ସଚେତନ ହୋଇ ଏହାକୁ ବ୍ୟବହାର କରିବାର ଅଛି । ସେହିଭଳି କେବଳ ଚାଟ ଜିପିଟି ଉପରେ ନିର୍ଭର ନକରି ମଣିଷଙ୍କ ଉପରେ ମଧ୍ୟ ବିଶ୍ୱାସ କରିବାର ଆବଶ୍ୟକତା ରହିଛି । କାରଣ ସବୁ ସମସ୍ୟାର ସମାଧାନ ଚାଟ୍ ଜିପିଟି ଦେବ ନାହିଁ । ତେଣୁ ଉଭୟ ଟେକ୍ନୋଲୋଜି ଓ ମଣିଷଙ୍କୁ ବାଲାନ୍ସ କରି ଜୀବନରେ ରଖିପାରିଲେ କୌଣସି ସମସ୍ୟା ରହିବ ନାହିଁ ।



# ପାମ୍ପଡ ତରକାରୀ

**ସାମଗ୍ରୀ–** ୬ ରୁ ୭ଟି ପାମ୍ପଡ, ପିଆଜ କଟା (୨ ରୁ ୩ଟି), ୨ଟି ଟମାଟୋ କଟା, କଞ୍ଚା ଲଙ୍କା, ଅଦା ରସୁଣ ପେଷ୍ଟ, ଦହି, ଗୁଣ୍ଡ ମସଲା, ଧନିଆ ପତ୍ର କଟା ।

**ପ୍ରଣାଳୀ–** ପ୍ରଥମେ ତେଲ ଗରମ କରି ଏଥିରେ ଜିରା ପକାଇବା ପରେ ପିଆଜ ପକାଇ ଭାଜନ୍ତୁ । ଏହା ଭାଜିହେବା ପରେ ଏଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ । ଏହାପରେ ଏଥିରେ ଟମାଟୋ ପକାଇ ଜାରନ୍ତୁ । ଟମାଟୋ ଭଲକରି ନରମ ହୋଇଯିବା ପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଲୁଣ ପକାଇ ଗୋଳାନ୍ତୁ । ମସଲାକୁ ଅଳ୍ପଅଳ୍ପ ପାଣି ଦେଇ କଷନ୍ତୁ । ଯେତେବେଳେ ମସଲାରୁ ତେଲ ଛାଡିବ ସେତେବେଳେ ଏଥିରେ ଦହି ପକାନ୍ତୁ । ପୂର୍ବରୁ ପାମ୍ପଡକୁ ଭାଜି ରଖନ୍ତୁ । ବର୍ତ୍ତମାନ ଏହି ମସଲାରେ ପାମ୍ପଡ ଖଣ୍ଡକୁ ପକାଇ ଗୋଳାନ୍ତୁ । ଅଳ୍ପ ସମୟରେ ଧନିଆ ପତ୍ର ଓ ଗରମ ମସଲା ପକାଇ ପ୍ରସ୍ତୁତ କରନ୍ତୁ ପାମ୍ପଡ ତରକାରୀ ।



# ଶାହରୁଖଙ୍କ ସହିତ ଅଭିନୟ ପାଇଁ ଇଚ୍ଛା

ତେଲୁଗୁ ଅଭିନେତା ତେଜା ସଜ୍ଜାଙ୍କ ଫିଲ୍ମ ମିରାଇ ୧୨ତାରିଖରେ ପ୍ୟାନ୍ ଇଣ୍ଡାଇ ରିଲିଜ ହେଉଛି । ଏହାକୁ ନେଇ ସେ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ତେବେ ନିକଟରେ ସେ ଏକ ସାକ୍ଷାତକାରରେ ବଲିଉଡକୁ ନେଇ ମନଖୋଲି କଥା ହୋଇଛନ୍ତି । ତାଙ୍କର ବଲିଉଡରେ କାମ କରିବାକୁ ଖୁବ ଇଚ୍ଛା ଥିବା ସେ ପ୍ରକାଶ କରିଛନ୍ତି । ବଲିଉଡରେ ଅନେକ ଦିଗଜ କଳାକାର ରହିଛନ୍ତି ଯେଉଁମାନେ ସମସ୍ତ ଅଭିନେତାଙ୍କ ପାଇଁ ପ୍ରେରଣା । ସେଥିମଧ୍ୟରୁ ସେ ଶାହରୁଖଙ୍କୁ ଖୁବ ପସନ୍ଦ କରନ୍ତି ଦ୍ୱଏବଂ ତାଙ୍କ ସହିତ କାମ କରିବାକୁ ତାଙ୍କର ଖୁବ ଇଚ୍ଛା ରହିଥିବା ତେଜା ପ୍ରକାଶ କରିଛନ୍ତି । ଗୋଟିଏ ସିନ ପାଇଁ ହେଲେ ବି ସେ ତାଙ୍କ ସହିତ ସ୍କ୍ରିନ ସେୟାର କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହାବ୍ୟତିତ ତାଙ୍କୁ ହ୍ରିତିକ ରୋଶନ ଖୁବ ପସନ୍ଦ ତାଙ୍କର ସୁପରହିରୋ ଚରିତ୍ର କ୍ରିସ ତେଜାଙ୍କୁ ଖୁବ ଭଲ ଲାଗିଥାଏ ବୋଲି ମତ ଦେଇଛନ୍ତି । ତାଙ୍କ ସହିତ ମଧ୍ୟ କାମ କରିବାକୁ ଇଚ୍ଛା ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ତେଜାଙ୍କର ଫିଲ୍ମ ହନୁମାନକୁ ହିନ୍ଦୀ ଡବିଂରେ ଦର୍ଶକ ଖୁବ ଭଲପାଇବା ଦେଇଥିଲେ ।



# ବିରଳ ପଲ୍ଲାସ ବିଲେଇ ଠାବ

ଅରୁଣାଚଳ ପ୍ରଦେଶରେ ଥିବା ଉଚ୍ଚତମ ଶୃଙ୍ଗ ଗୁଡିକରେ ଅନେକ ବିରଳ ପଶୁ ଦେଖିବାକୁ ମିଳନ୍ତି । ଯାହା ଖୁବ କମ ଲୋକଙ୍କ ଆଖି ସାମନାକୁ ଆସନ୍ତି । ଏଠାରେ ପ୍ରକୃତିର ଏକ ଭିନ୍ନ ରୂପ ଦେଖିବାକୁ ମିଳିଥାଏ । ତେବେ ନିକଟରେ ସେହିଭଳି ଏକ ଜୀବନର ଫଟୋ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଏହି ଫଟୋଟି ହେଲା ବିରଳ ପଲ୍ଲାସ ବିଲେଇର । ଡବ୍ଲୁଡବ୍ଲୁଏଫ୍ ଭାରତ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଏହି ଫଟୋ ସାମନାକୁ ଆସିଛି । ଏହି ସମୟରେ ଚିତାବାଘର ବିଭିନ୍ନ ପ୍ରକାର ଯେପରି ସ୍ନୋ ଲିଓପାର୍ଡ, କ୍ଲାଉଡେଡ୍ ଲିଓପାର୍ଡ, ଲିଓପାର୍ଡ କ୍ୟାଟ, ମାର୍ବେଲ କ୍ୟାଟ ସହିତ ସାଧାରଣ ଚିତାବାଘ ମଧ୍ୟ ରେକର୍ଡ ହୋଇଛନ୍ତି । ଯାହା ସ୍ଥାନୀୟ ଅଞ୍ଚଳର ଚିତାବାଘଙ୍କର ବିବିଧତାକୁ ସୂଚାଉଛି । ତେବେ ଏହାରି ଭିତରେ ପଲ୍ଲାସ ବିଲେଇର ସନ୍ଧାନ ମଧ୍ୟ ମିଳିଛି । ଏହା ଭାରତର ଜୈବ ବିବିଧତାକୁ ଆହୁରି ଆଗକୁ ନେବ ବୋଲି ବୈଜ୍ଞାନିକମାନେ ଆଶା ବ୍ୟକ୍ତ କରିଛନ୍ତି । ଏହି ଗବେଷଣା ସମୟରେ ୨ହଜାର ସ୍କୋୟାରମିଟର ପରିଧିରେ ୮୩ଟି ସ୍ଥାନରେ ୧୩୬ଟି କ୍ୟାମେରା ଲଗା ଯାଇଥିଲା, ଯେଉଁଥିରେ ଏହି ବିରଳ ବିଲେଇର ଫଟୋ ଉତ୍ତୋଳନ ହୋଇଛି । ଏହି ଫଟୋଫଳରେ ଜଣା ପଡିଛି କି ଉକ୍ତ ସ୍ଥାନରେ ଏହି ପ୍ରଜାତି ବସବାସ କରୁଛନ୍ତି । ଏହି କ୍ୟାମେରା ଗୁଡିକ ପାଖାପାଖି ୮ମାସ ଧରି ଉକ୍ତ ଅଞ୍ଚଳରେ ଫିଟ୍ କରାଯାଇଥିଲା ଯେଉଁଥିରେ ଏହି ବିଲେଇ ସେଠାରେ ବାସ କରୁଥିବା ଜଣା ପଡିଛି । ଏହି କ୍ୟାମେରା ସାହାଯ୍ୟରେ ଉକ୍ତ ସ୍ଥାନରେ ବସବାସ କରୁଥିବା ପଶୁଙ୍କ ସମ୍ପର୍କରେ ଅନେକ ତଥ୍ୟ ସାମନାକୁ ଆସିଛି । ପଲ୍ଲାସ ବିଲେଇ ଏକ ଛୋଟ ଜଙ୍ଗଲୀ ବିଲେଇ ଯାହା ଏସିଆର ଥଣ୍ଡା ଅଞ୍ଚଳରେ ବସବାସ କରିଥାଏ ।

## ବ୍ରାଉନ ସୁଗର ଜବତ, ଜଣେ ଗିରଫ

ନିମାପଡ଼ା,(ସବ୍ୟୁ): ଗୁରୁବାର ଏହି ଏନ ଏସି ଅନ୍ତର୍ଗତ ପାଟପୁର ଗ୍ରାମ ନିକଟରେ ନିମାପଡ଼ା ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ଚଢାଉ କରି ଜଣେ ଯୁବକ ଠାରୁ ୧୨୮ ଗ୍ରାମ ଓଜନରବ୍ରାଉନ ସୁଗର ଜବତ କରିଛନ୍ତି । ନିମାପଡ଼ା ଅବକାରୀ ଇନ୍ସପେକଟର ପ୍ରଭାକର ସେଠୀ ଙ୍କ ନେତୃତ୍ୱରେ ଅବକାରୀ ବିଭାଗ ଓ ପୁଲିସ ମିଳିତ ଭାବେ ପାଟପୁର ଗ୍ରାମ ନିକଟରେ ବୁଲୁଥିବା ଶ୍ରେଷ୍ଠ ନାୟକଙ୍କ ଠାରୁ ୧୨୮ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଥିଲେ । ତାର ମୂଲ୍ୟ ୧୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ବ୍ରାଉନ ସୁଗର ବିକ୍ରି କରୁଥିବା ଅଭିଯୋଗରେ ନିଶା ବ୍ୟବସାୟୀ ଶ୍ରେଷ୍ଠ ନାୟକ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହିତ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### କରେନ୍ଦ୍ର ମାଝୀଙ୍କ ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

## ଜନଜାତି ମାନଙ୍କ ବିକାଶ ପାଇଁ ସଦା ସ୍ମରଣୀୟ ରହିବେ କରେନ୍ଦ୍ର ଭାଇ

ଭୁବନେଶ୍ୱର, (ସବ୍ୟୁ): ବାଲିଗୁଡାର ପୂର୍ବତନ ବିଧାୟକ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତି ମାନଙ୍କ ବିକାଶ ଓ ଜନଜାତି ଭାଷାର ଉନ୍ନତି ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ସଦା ସ୍ମରଣୀୟ ରହିବେ । ଭୁବନେଶ୍ୱର କଳିଙ୍ଗ ନଗର କଳିଙ୍ଗ ବିହାର ବିକାଶ ପରିଷଦ ପକ୍ଷରୁ କଳିଙ୍ଗ ବିହାର ଠାରେ ଆୟୋଜିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱର୍ଗତ



କରେନ୍ଦ୍ର ମାଝୀ ସମାଜସେବା ଓ ଜିଲ୍ଲାବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଜୀବନ ବ୍ରତୀ ଥିଲେ ବୋଲି କହିଛନ୍ତି । ଜନଜାତି ଭାଷାର ସେ ଜଣେ ପ୍ରସିଦ୍ଧ ଗବେଷକ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ୱର୍ଗତ କରେନ୍ଦ୍ର ମାଝୀ ଓଡିଆ ଲିପିରେ କୁଇ ଭାଷାରେ 'ପିଲାଙ୍କ ରାମାୟଣ', ଡ. ଆମ୍ବେଦକରଙ୍କ ଜୀବନୀ ଏବଂ କୁଇ ଭାଷାର ଅଭିଧାନ ରଚନା କରିଛନ୍ତି । କନ୍ଧମାଳ ଜିଲ୍ଲା ବିଶେଷକରି ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ଜିଲ୍ଲାବାସୀଙ୍କ ମନରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ବଡ଼ମ୍ବା, ନରସିଂହପୁର କୁ ଏନ୍‌ଏସି ଘୋଷଣା କରାଯାଇଥିବାରୁ ରାଜ୍ୟ ଅତିଥିଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଡ଼ମ୍ବା ନରସିଂହପୁର ଅଞ୍ଚଳବାସୀ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛନ୍ତି ।

## ସରକାରୀ ଜମି ଦଖଲରେ ଥିଲେ ବି ମାଲିକାନାସତ୍ତ୍ୱ ବ୍ୟକ୍ତିଗତ ହୋଇ ପାରିବନି:ହାଇକୋର୍ଟ

କଟକ,(ସବ୍ୟୁ) : ଯେତେବର୍ଷ ଧରି ଜଣେ ସରକାରୀ ଜମିକୁ ନିଜ ଦଖଲରେ ରଖିଲେ ମଧ ସେ ଏହାର ମାଲିକାନା ଦାବି କରିପାରିବେ ନାହିଁ ଓ କିମ୍ବା ଉକ୍ତ ଜମିକୁ ତାଙ୍କ ନାମରେ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସରକାରୀ ଜମିକୁ କରାଯାଉଥିବା ଜବରଦଖଲକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଓ ଜବରଦଖଲରେ ଥିବା ସମସ୍ତ ସରକାରୀ ଜମିକୁ ମୁକ୍ତ କରାଯିବା ଦରକାର ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ମତ ଦେଇଛନ୍ତି ।

କେନ୍ଦୁଝରର ଘଟଗାଁ ତହସିଲ୍ ଅଧୀନରେ ଉମେଶ ଚନ୍ଦ୍ର ସାହୁଙ୍କ ପରିବାର ୧୯୬୬ ମସିହାରୁ ଜଙ୍ଗଲ କିସମ ଜମିରେ ରହିଆସୁଥିଲାବେଳେ ଉକ୍ତ ଜମିରୁ ଉଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ନୋଟିସ୍ ଜାରି କରିଥିଲା । ଉକ୍ତ ନୋଟିସ୍‌କୁ ଚାଲେଞ୍ଜ କରି ସେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆବେଦନକାରୀଙ୍କ ଏହି ପିଟିସନ୍‌କୁ ଖାରଜ କରିବା ସହ ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଜଣେ ଦୀର୍ଘବର୍ଷ ଧରି କୌଣସି ଜମିରେ ରହିବା ଅର୍ଥ ନୁହେଁ ତାହା ଆଇନଗତ ହୋଇଯିବା । ଏଭଳି କ୍ଷେତ୍ରରେ ଅଦାଲତ ଏହି ବେଆଇନ ଦଖଲକାରୀଙ୍କୁ କେବେ ବି ସେମାନଙ୍କ ନାମରେ ଜମି କରିବା ଲାଗି କହିପାରିବେ ନାହିଁ । ଅନେକ ସମୟରେ ଅଦାଲତ ଏହିଭଳି ଜବରଦଖଲକାରୀଙ୍କୁ ହଟାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ସ୍ଥାନରେ ଜବରଦଖଲକାରୀଙ୍କ ନାମରେ ଜମି କରାଯିବାର ନିହାତି ଆବ୍ୟକତା ରହିଛି ସେ କ୍ଷେତ୍ରରେ ଆଇନକୁ ସଠିକ୍ ଭାବେ ଅନୁପାଳନ କରିବା ଆବଶ୍ୟକ । ଆବେଦନକାରୀଙ୍କ ପରିବାର ୧୯୬୬ ମସିହାରୁ ସେହି ସ୍ଥାନରେ ରହି ଆସୁଛନ୍ତି ବୋଲି ସେମାନଙ୍କ ନାମରେ ଉକ୍ତ ଜମି କରାଯିବା ଦାବି କରିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ବିବାଦୀୟ ଜମି ଆବାଦ ଯୋଗ୍ୟ ଅନାବାଦୀ ଜଙ୍ଗଲ ଜମି । ଏହା ଏକ ଜଙ୍ଗଲ ଜମି ହୋଇଥିବାରୁ ସମ୍ବେଦନଶୀଳ । କୌଣସି ସର୍ବସାଧାରଣଙ୍କ ଜାଗାକୁ ଅନୁକମ୍ପା ଆଧାରରେ କାହାରିକୁ ଦିଆଯାଇ ପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି ।

### ବର୍ଷେ ହେଲା ଲୋକାୟୁକ୍ତ ଅଚଳ

## ଅକ୍ଟୋବର ୧୯ ସୁଦ୍ଧା ରାଜ୍ୟ ସରକାର ରଖନ୍ତୁ ଜବାବ : ହାଇକୋର୍ଟ

କଟକ,(ସବ୍ୟୁ) : ଗୋଟେ ବର୍ଷ ହେଲା ଓଡ଼ିଶା ଲୋକାୟୁକ୍ତ ସମ୍ପୂର୍ଣ୍ଣ ଅଚଳ । ଜଣେ ହେଲେ ବି କେହି ସଦସ୍ୟ ନାହାନ୍ତି । ଲୋକାୟୁକ୍ତକୁ ସଚଳ କରିବା ଲାଗି ରୁଜୁ ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । କ'ଣ ପାଇଁ ଏତେଦିନ ଧରି ଲୋକାୟୁକ୍ତର ବିଭିନ୍ନ ପଦବି ପୂରଣ କରଯାଉ ନାହିଁ ଏବଂ ଏହି ପଦ ପୂରଣ ଲାଗି କି' ପଦକ୍ଷେପ ଗ୍ରହଣ କରୁଛନ୍ତି ସେ ସଂକ୍ରାନ୍ତରେ ସତ୍ୟପାଠ ଜରିଆରେ ରାଜ୍ୟ ସରକାର ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବେ । ଏହା ଉପରେ ଆବେଦନକାରୀ ମଧ ପ୍ରତିଜବାବ ରଖିବାକୁ କୁହାଯାଇଛି ଓ ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ଅକ୍ଟୋବର ୧୬କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଶ୍ରୀ ଦାସ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଓଡ଼ିଶାରେ ୨୦୧୯ ମସିହା ଫେବ୍ରୁଆରୀ ୨୮ରେ ଲୋକାୟୁକ୍ତ କାର୍ଯ୍ୟ ଆରମ୍ଭ କରିଥିଲା । ଏଥିରେ ଜଣେ ଅଧ୍ୟକ୍ଷ, ଦୁଇଜଣ ବିଚାର ବିଭାଗୀୟ ସଦସ୍ୟ, ଦୁଇଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଥିଲା । ଅଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟଙ୍କ ପାଞ୍ଚବର୍ଷ କାର୍ଯ୍ୟ ୨୦୨୪ ଅଗଷ୍ଟରେ ଶେଷ ହୋଇଥିଲା । ସେବେଠାରୁ ଏହି ସମସ୍ତ ପଦବି ଖାଲି ପଡ଼ିଛି । ଏହାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି । ଜନ ପ୍ରତିନିଧ ବା ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ତଦନ୍ତ ପାଇଁ ଏହି ଲୋକାୟୁକ୍ତ ଗଠନ ହୋଇଥିଲା । ଦୁର୍ନୀତି ସଂକ୍ରାନ୍ତ ଅନେକ ଅଭିଯୋଗ ଲୋକାୟୁକ୍ତକୁ ଆସିଥାଏ । ୨୦୨୪ ଅଗଷ୍ଟରୁ ଗତ ମେ ମଧ୍ୟରେ ଲୋକାୟୁକ୍ତକୁ ୪୪୪ଟି ଅଭିଯୋଗ ଆସିଛି । କିନ୍ତୁ କେହି ନଥିବାରୁ ଏହିସବୁ ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରୁ ନାହିଁ ବୋଲି ଆବେଦନକାରୀ ଶ୍ରୀ ଦାସ ଉଲ୍ଲେଖ କରିଛନ୍ତି ।

ନିୟମ ଅନୁଯାୟୀ, ଲୋକାୟୁକ୍ତର କୌଣସି ପଦବି ଖାଲି ପଡ଼ିବାର ତିନିମାସ ଆଗରୁ ସେହି ପଦବି ପୂରଣ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବା କଥା । କିନ୍ତୁ ଗୋଟେ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ଆବଶ୍ୟକନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଗୁଳି ମାଡ଼ କରି ଖଣ୍ଡାରେ ଆକ୍ରମଣ : ଦୁଇ ଗୁରୁତର,୨ ଅଟକ

ବୋଲଗଡ଼, (ସବ୍ୟୁ): ପୂର୍ବ ଶ୍ରତୃତାକୁ ନେଇ ବୋଲଗଡ଼ ଥାନା ହାଟବସ୍ତ ଗ୍ରାମ ଠାରୁ ସ୍ଥାନୀୟ ଅଞ୍ଚଳର ବଡ଼କୁମାରୀ ଗ୍ରାମର ଦୁଇଜଣ ଯୁବକଙ୍କୁ ବୁଧବାର ରାତିରେ ୫ଟି ବାଇକରେ ଆସି ଅପହରଣ କରିନେବା ପରେ ଯୁବକ ଦୁଇଜଣଙ୍କୁ ଅପହରଣକରିମାନେ ମରଣାନ୍ତକ ଆକ୍ରମଣ କରିଥିବାର ଥାନା ପୁଲିସ ସୂତ୍ରରୁ କୁହାଯାଇଛି । ବୋଲଗଡ଼ ଥାନା ନିରୀକ୍ଷିକା ସ୍ୱିପା ମୟୀ ବରାଳଙ୍କ ଠାରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଏଥିରେ ଗୁରୁତର ଦୁଇ ଯୁବକ ହେଉଛନ୍ତି ବଡ଼କୁମାରି ଗ୍ରାମର ମାନସ ଜେନା ଓ ଟୁଲୁ ପରିଡା । ଉଭୟ ଯୁବକ ଙ୍କୁ ମରଣାସ୍ତ୍ର ରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଉଭୟ ଙ୍କ ଦେହ ରେ ଗଭୀର କ୍ଷତାକ୍ତ ହୋଇଛି । ଉଭୟ ଗୁରୁତର ଯୁବକଙ୍କୁ ସ୍ଥାନୀୟ ଥାନା ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସେମାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ହାଟବସ୍ତ ଠାରୁ ଦୁଇ ଯୁବକଙ୍କୁ ଅପହରଣ ହୋଇଥିବା ଖବର ପାଇ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ସେମାନଙ୍କୁ ପିଛା କରି ଫତେଗଡ଼ ଥାନା ଅଞ୍ଚଳ ବାଲିଆପଟା ଗ୍ରାମ ନିକଟରୁ ଗୁରୁତର ଅବସ୍ଥାରେ ମାନସ ଏବଂ ଟୁଲୁ ଙ୍କୁ ଉଦ୍ଧାର କରିଥିଲା । ଅପହରଣକାରୀ ମାନେ ଯୁବକ ଦୁଇଜଣଙ୍କୁ ମରଣାସ୍ତ୍ର ରେ ଆକ୍ରମଣ କରିବା ସହିତ ଗୁଳି ଫୁଟାଇ ଥିବାର ମାନସଙ୍କ ଭାଇ ନିହାର କୁମାର ଜେନା ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ପୋଲିସ ଗୁରୁତର ସହିତ ନେଇ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମଜାରି ରଖିଛି । ଏସଂକ୍ରାନ୍ତରେ ୨ ଜଣ ଙ୍କୁ ଥାନାରେ ଅଟକ ରଖି ପୋଲିସ ପଚାରା ଉଚରା ଚଳାଇଛି ।

### ରାଜ୍ୟ ପୋଲିସର ଅପରେସନ ପ୍ରହାର

## ୭ଦିନରେ ୧୧୦ ମାମଲା, ୧୫୭ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ପୋଲିସ ନିଶା ବ୍ୟବସାୟୀ ଓ ନିଶାଖୋରଙ୍କ ବିରୋଧରେ ଅପରେସନ ପ୍ରହାର ଆରମ୍ଭ କରିଛନ୍ତି । ୭ଦିନ ପୂର୍ବରୁ ଏହା ଆରମ୍ଭ ହୋଇଥବା ବେଳେ ୧୧୦ଟି ମାମଲା ରୁଜୁ ହୋଇଥିବା ବେଳେ ୧୫୭ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୨କେଜି ୩୭୪ଗ୍ରାମ୍ ବ୍ରାଉନସୁଗର ଓ ୪୮୦୮ କେଜି ଗଞ୍ଜେଇ ଜବତ ହୋଇଛି । ଏଥିସହ ୩୦୫୨ ବୋତଲ କଫ ସିରପ୍ ମଧ ଜବତ କରାଯାଇଛି ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଚଳିତ ମାସ ୧ ତାରିଖରୁ ଅପରେସନ ପ୍ରହାର ଆରମ୍ଭ ହୋଇଛି । ୭ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି । ଚଢାଉ ବେଳେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର, କଫ୍ ସିରପ୍ ଭଳି ନିଶାଦ୍ରବ୍ୟ ଚୋରାଚାଲାଣ ଉପରେ ରୋକ ଲଗାଇବାରେ ପୋଲିସ ସଫଳ ହୋଇଛି ।

ରାଜ୍ୟର ବିଭିନ୍ନ ଜିଲ୍ଲା ଓ କମିଶନରେଟ୍ ପୋଲିସରେ ୧୧୦ଟି ମାମଲା ରୁଜୁ ହୋଇଥିବା ବେଳେ ୧୫୭ଜଣଙ୍କୁ ଗିରଫ କରାଯାଇଛି

**୨କେଜି ୩୭୪ଗ୍ରାମ୍ ବ୍ରାଉନସୁଗର, ୪୮୦୮ କେଜି ଗଞ୍ଜେଇ ଜବତ**

। ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରାଚାଲାଣକୁ ନେଇ ୭୨ ମାମଲା ରୁଜୁ ହେବା ସହ ୪୮୦୮ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୯୩ଜଣଙ୍କୁ ଗିରଫ କରାଯାଇଛି । ସେହିପରି ବ୍ରାଉନସୁଗର କାରବାରରେ ୨୭ଟି ମାମଲା ରୁଜୁ କରାଯାଇଥିବା ବେଳେ ୨କେଜି ୩୭୪ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି । ମାମଲାରେ ସମ୍ପୃକ୍ତ ୪୫ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ।

୭ଦିନ ମଧ୍ୟରେ ୩ ହଜାର ୫୨ ବୋତଲ କଫ୍ ସିରପ୍ ଜବତ କରାଯିବା ସହ ୧୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହା ସହ ୧୨୯ ବିଏନ୍‌ଏସ୍‌ଏସ୍ ଅନୁଯାୟୀ ୭୦ଜଣ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ନିଶାଦ୍ରବ୍ୟ କାରବାର କରୁଥିବା ତିନୋଟି ଦୋକାନକୁ ମଧ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି । ଅପରେସନ ପ୍ରହାର ଜାରି ରହିଥିବାରୁ ନିଶା ମାଫିଆମାନେ ଏକପ୍ରକାର ସତର୍କ ହୋଇଗଲେଣି ।

## ବ୍ରାଉନସୁଗର ମାଫିଆକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ଏକ ସରକାରୀ କ୍ୱାର୍ଟର୍ସରେ ବ୍ରାଉନସୁଗର ରଖି ବ୍ୟବସାୟ କରୁଥିବା ମାଫିଆ ଚିତ୍ତରଞ୍ଜନ ସାହୁକୁ ଅଦାଲତ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି । ମାଫିଆ ଚିତ୍ତକୁ ୨୦୨୩ ମସିହା ମେ' ୨୦ ତାରିଖରେ କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍‌ୟୁନିଟ୍-୮ ଅଞ୍ଚଳର ଏକ ସରକାରୀ କ୍ୱାର୍ଟର୍ସରୁ ଗିରଫ କରିବା ସହ ତା'ନିକଟରୁ ୧କେଜି ୧୦୦ଗ୍ରାମ୍ ବ୍ରାଉନସୁଗର ଜବତ କରିଥିଲା । ଏନ୍‌ଡିପିଏସ୍ ମାମଲାରେ ତାକୁ କୋର୍ଟଚାଲାଣ କରାଯିବା ସହ ନିର୍ଦ୍ଧାରିତ ସମୟରେ ଏସ୍‌ଟିଏଫ୍ ଚାର୍ଜସିଟ୍ କରିଥିଲା । ୟୁନିଟ୍-୮ ଡିଏଭି ସ୍କୁଲ ପଛ ପାଖରେ ଥିବା ଆଇଆର୍-୨ କ୍ୱାର୍ଟର୍ସରେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଏସ୍‌ଟିଏଫ୍ ଚଢାଉ କରିଥିଲା । ନିଶା ମାଫିଆ ଚିତ୍ତରଞ୍ଜନ ଘର ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ସରକାରୀ କ୍ୱାର୍ଟର୍ସରେ ବ୍ରାଉନସୁଗର ରଖି ବେପାର କରୁଥିଲା । ଦ୍ୱିତୀୟ ଅତିରିକ୍ତ ଖୋର୍ଦ୍ଧା ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ୧୪ଜଣ ସାକ୍ଷୀ ଓ ୨୮ ଦସ୍ତାବିଜ୍ ଆଧାରରେ ଏହି ଦଣ୍ଡାଦେଶ ହୋଇଛି ।

## ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ : ସମ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସେପ୍ଟେମ୍ବର ୧୦ ତାରିଖ ସକାଳେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ଉପସ୍ଥିତିରେ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ବିଶାଳ ସଚେତନତା ର୍‌ୟାଲିର ଆୟୋଜନ କରାଯାଇଥିଲା ।

ଏହି ଉପଲକ୍ଷେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମହତ୍ୟା ନିରାକରଣ ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ୍ କଲେଜର ଡିନ୍ ଇନ୍‌ଚାର୍ଜ ପ୍ରଫେସର ସୌମ୍ୟରଞ୍ଜନ ଦାଶ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସର୍ଟ ଫିଲ୍ମ ଓ ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ନାଟକ ଅନେକଙ୍କୁ ପ୍ରଭାବିତ କରିଥିଲା ।

କାର୍ଯ୍ୟକ୍ରମରେ ପ୍ରଫେସର ଦାଶ ସମାବେଶକୁ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା ବିଷୟରେ ଗଭୀର ଚିନ୍ତା ପ୍ରକଟ କରିବା ସହ ମାନସିକ ସ୍ଥିରତା ସମ୍ବନ୍ଧୀୟ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

ମାନସିକ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୁରଜିତ ସାହୁ ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ଏବଂ ଏହା କିପରି ଏକ ଭୁଲ ପଦକ୍ଷେପ ସେ ବିଷୟରେ ଆଲୋଚନା କରିଥିଲେ ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସୁରକ୍ଷା ଏବଂ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗୁରୁବାର



ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମଞ୍ଜେଶ୍ୱର-ତାଳଚେର ସେକ୍ସନ ନିରୀକ୍ଷଣ କରିଥିଲେ । ଯାତ୍ରୀ ଏବଂ ମାଲ ପରିବହନ ପରିଚାଳନା କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କରିଡରରେ ଟ୍ରେନଗୁଡ଼ିକର ନିରାପଦ, ନିର୍ଭରଯୋଗ୍ୟ ଏବଂ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ଟ୍ରେନ ପରିଚାଳନାର ସୁରକ୍ଷା ଦିଗ, ଟ୍ରାକ ଅବସ୍ଥା, ସିଗନାଲିଂ ସିଷ୍ଟମ ଏବଂ ସାମଗ୍ରିକ ଭିତ୍ତିଭୂମି ପ୍ରସ୍ତୁତି ଉପରେ ନିରୀକ୍ଷଣ କେନ୍ଦ୍ରିତ ଥିଲା । ଗସ୍ତ ସମୟରେ, ଶ୍ରୀ ଫୁଙ୍କୱାଲ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଢେଙ୍କାନାଳ ଏବଂ ତାଳଚେର ଷ୍ଟେସନରେ ପୁନଃବିକାଶ କାର୍ଯ୍ୟର ସମୀକ୍ଷା ମଧ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହେଉଛି ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ-ଅନୁକୂଳ ହବରେ ପରିଣତ କରିବା ପାଇଁ ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟ, ଉନ୍ନତ ସଞ୍ଚାଳନ କ୍ଷେତ୍ର, ଉନ୍ନତ ପ୍ଲାଟଫର୍ମ, ଆଧୁନିକ ସମ୍ମୁଖଭାଗ ଏବଂ ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ପାଇଁ ଆବଶ୍ୟକ ସମସ୍ତ ସୁବିଧା ଉପଲବ୍ଧ ହେବ । ମହାପ୍ରବନ୍ଧକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉକ୍ତ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମୀକ୍ଷା କରିଥିଲେ । ସୁରକ୍ଷା ମାନଦଣ୍ଡର କଠୋର ପାଳନ, ଉଚ୍ଚ ମାନର କାର୍ଯ୍ୟାନ୍ୱୟନ ଏବଂ ସମସ୍ତ କାର୍ଯ୍ୟ ସମୟସୀମା ଭିତରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳବାଇ ପାଇଁ ପ୍ରାଥମିକତା ଏବଂ ଏହା ଯାତ୍ରୀଙ୍କ ଆରାମ ଏବଂ ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ।

### ରାଜ୍ୟ ସଭାପତିଙ୍କ ଯାଜପୁର ଗସ୍ତର ଦ୍ୱିତୀୟ ଦିନରେ ସମ୍ବର୍ଦ୍ଧନା ସହିତ ମିଶ୍ରଣ ପର୍ବ

## ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବ ବିଜେପି ସରକାର : ମନମୋହନ

ଭୁବନେଶ୍ୱର (ସବ୍ୟୁ): ବିଜେପି ଓଡ଼ିଶାରେ ଏକାକୀ ସରକାର ଗଢ଼ିବାରେ ସଫଳ ହୋଇଛି । ସରକାର ପରିବର୍ତ୍ତନ କରିବାରେ ସମସ୍ତଙ୍କ ଯୋଗଦାନ ରହିଛି । ଏଥିରେ ଯାଜପୁର ଜିଲ୍ଲାର ଭୂମିକା ସବୁଠାରୁ ଆଗରେ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ଲୋକଙ୍କ ସରକାର ଚାଲିଛି । ପୂର୍ବରୁ କଂଗ୍ରେସ, ବିଜେଡି ସରକାର ଓଡ଼ିଶାର ଜନସାଧାରଣଙ୍କୁ ଲୁଟି ଚାଲିଥିଲେ । ଏପରିକି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ମଧ କରିପାରି ନ ଥିଲେ । ଏସବୁ ସମାସ୍ୟାର ସମାଧାନ କରି ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଯାଜପୁର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଦଶରଥପୁର ବ୍ଲକର



ନନ୍ଦୀପୁରଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଗଠନର ମାତ୍ର ୨୪ ଘଂଟା ମଧ୍ୟରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦିଆଗଲା । ଜଗନ୍ନାଥଙ୍କ ରୀତିନୀତି ପାଇଁ ଅର୍ଥର ଅଭାବ ନ ହେବା ପାଇଁ ଅଗ୍ରୀମ ୫୦୦ କୋଟି ଟଙ୍କା ଦିଆଗଲା । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ମରାମତି କାର୍ଯ୍ୟ ଶେଷ କରାଗଲା । ଧାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟ ଦୁଇଗୁଣିତ କରିବାରେ ସହାୟତା କରାଗଲା । ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଗଲା । ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି । ଏହାଦ୍ୱାରା କେବଳ ଆତ୍ମବିଶ୍ୱାସ ବଢ଼ିନି, ଆତ୍ମନିର୍ଭର ଓଡ଼ିଶା ଗଠନର ସ୍ୱପ୍ନ ମଧ ପୂରଣ ହେବାରେ ଲାଗିଛି । ବିଜେପି ଯାହା କହିଛି ତାହା ପୂରା କରିଛି ।

ଏହି ଜିଲ୍ଲାକୁ ୧ ନମ୍ବର କରି ଗଢ଼ି ତୋଳିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ।

ଏହି ଅବସରରେ ମନ୍ତ୍ରୀ ପଦୀପ ବଳସାମନ୍ତ, ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ୍‌ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବିଂଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକର ନନ୍ଦୀପୁରଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଶରଥପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ସମେତ ବିଜେଡି ଓ କଂଗ୍ରେସର ବହୁ ସରପଂଚ, ସମିତି ସଭ୍ୟ ନିଜ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଥିଲେ ।

### ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ

# ନାଲକୋ ଫାଉଣ୍ଡେସନ ଏବଂ ଏସ୍‌ଡିଆଇ, ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ






ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ଭାରତ ସରକାର ଅଧୀନରେ ଥିବା ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ), ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଓ ନାଲକୋ ଫାଉଣ୍ଡେସନ ସହାୟତାରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ଦ୍ୱାରା କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକ ଯୁବତୀମାନଙ୍କ ପାଇଁ ଏକ ଆବାସିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ତଥା ନିର୍ଦ୍ଦେଶକ(ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ପଦକ୍ଷେପ ମାଧ୍ୟମରେ, ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ନାଲକୋର ମାଇନ୍ସ ଆଣ୍ଡ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଯୋଡ଼ି ଏବଂ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାରପାର୍ଶ୍ୱିକ ଗ୍ରାମରୁ ପ୍ରାଥମିକ ପର୍ଯ୍ୟାୟରେ ସମୁଦାୟ ୬୦ ଜଣ ଯୁବକ ଯୁବତୀଙ୍କୁ ତିନି ମାସିଆ ଆବାସିକ ଦକ୍ଷତା ତାଲିମ ପ୍ରଦାନ କରାଯିବ ଓ ଏହି ଅବସରରେ ସିଏମଡି ଶ୍ରୀ ସିଂହ କହିଥିଲେ ଯେ, "ସ୍ଥାନୀୟ ଯୁବକଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁସାରେ ଦକ୍ଷତା ଏବଂ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏହା ଏକ ପଦକ୍ଷେପ ଅଟେ"। ଏସଡିଆଇ, ଭୁବନେଶ୍ୱରର ମିଳିତ ସହଯୋଗରେ, ନାଲକୋ ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବାର ଲକ୍ଷ୍ୟ ରଖୁଛି ବୋଲି ମଧ୍ୟ ସେ କହିଥିଲେ । ନାଲକୋର ଏହି ସିଏସଆର ପଦକ୍ଷେପ କମ୍ପାନୀର ପରିଚାଳନା କ୍ଷେତ୍ରଗୁଡ଼ିକରେ ଯୁବ ଦକ୍ଷତା, ନିଯୁକ୍ତି ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ମାଧ୍ୟମରେ ସାମୁଦାୟିକ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

### ଦୁର୍ନୀତି ରୋକିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଆଭିମୁଖ୍ୟ

# ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ସମସ୍ତ ବିଭାଗ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକେନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ ପଦକ୍ଷେପ ଆବଶ୍ୟକ। ଏ ସଂପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି । ପ୍ରତିରୋଧାତ୍ମକଦୁର୍ନୀତି ନିବାରଣ ସଚେତନତା ମାଧ୍ୟମରେ ଅଧିକ ନିୟାମକତା, ଇଚ୍ଛାଧୀନ କ୍ଷମତା, ସେବା ପ୍ରଦାନରେ ଏକାଧିକାର, ଦୁର୍ବଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଯାଞ୍ଚ ପ୍ରଣାଳୀରେ କୋହଳ ବ୍ୟବସ୍ଥାଏବଂ ଜନସଚେତନାର ଅଭାବ ପରି ବିଷୟଗୁଡ଼ିକର ସମାଧାନ କରିପାରିବ ।

ଦୁର୍ନୀତି ନିବାରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଆକର୍ଷଣକାରୀ କ୍ଷେତ୍ରଗୁଡ଼ିକ ମଧ୍ୟରେ : କ୍ରୟ ଏବଂ ଚୁକ୍ତି ପରିଚାଳନା, ମାନବ ସମ୍ବଳ ପରିଚାଳନା, ସେବା ପ୍ରଦାନ, ସର୍ବସାଧାରଣଙ୍କ କାର୍ଯ୍ୟ ନିରୀକ୍ଷଣ ବ୍ୟବସ୍ଥା, ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ) ଏବଂ 'ଜନ ବିଶ୍ୱାସ ବିଲ୍' କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ନିୟମଗୁଡ଼ିକର ସରଳୀକରଣ ଏବଂଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ,୨୦୧୨ ଅଧୀନରେ ନାଗରିକମାନଙ୍କୁ ମଧ୍ୟସ୍ଥି ବିନା ନିଜର ଅଧିକାରଗୁଡ଼ିକ ପ୍ରାପ୍ତ କରିବାରେ ସାହାଯ୍ୟ କରିଛି ।'ଆମ ଶାସନ'ପରି ପ୍ରୟାସଗୁଡ଼ିକ ନାଗରିକଙ୍କୁ ସେବାପ୍ରଦାନ ସମ୍ପର୍କରେ ସିଧାସଳଖ ମତାମତ(ଫିଡବ୍ୟାକ) ପ୍ରଦାନର ସୁଯୋଗ ପ୍ରଦାନ କରୁଛି, ଯାହା ଫଳରେଉତ୍ତରଦାୟିତ୍ୱ ବୃଦ୍ଧି ପାଇଛି। ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଆହୁରି ମଧ୍ୟ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ଥିବା ସମସ୍ତ ସେବାର ସମୟସୀମାକୁ କାର୍ଯ୍ୟାଳୟରେ ପ୍ରଦର୍ଶନ କରିବା,ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକଳାପକୁ ନିରୀକ୍ଷଣ କରି ନାଗରିକମାନଙ୍କୁ ସଶକ୍ତ କରିବା, ଦୁର୍ନୀତି ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ସଂସ୍କୃତିକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ସମୟରେ ସମୀକ୍ଷା, ବରିଷ୍ଠ ଅଧିକାରୀମାନଙ୍କ ସହିତ ଖୋଲା ଆଲୋଚନା ଏବଂ ଫିଡବ୍ୟାକ୍ ର ସଂରଚିତ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ନିର୍ଦ୍ଦେଶଗୁଡ଼ିକସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଁଚିବ ଏବଂ ନିର୍ଦ୍ଦେଶିତ ଅନୁସାରେ ଏହାର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।ଦୃଢ଼ ପ୍ରତିରୋଧାତ୍ମକ ସଚେତନତା ଢାଞ୍ଚା ବାସ୍ତବରେ ଏକ ଜନକେନ୍ଦ୍ରିକ ସରକାର ପ୍ରତିଷ୍ଠାକୁ ସାକାର କରିବାରେ ସାହାଯ୍ୟ କରିବବୋଲିମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ହେଲେ ରଶ୍ମୀ ସାହୁ

କଟକ, (ସ୍ୱପ୍ର): ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ ସଦସ୍ୟ ମନୋନୀତ ହୋଇଛନ୍ତି । ଓଡ଼ିଶାର ପ୍ରତିଷ୍ଠିତ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କୁ ବିଶ୍ୱବିଦ୍ୟାଳୟର ନୂତନ ସିନେଟ ସଦସ୍ୟ ଭାବେ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମୀ ରୁଚି ଫ୍ରୋଜିଟ୍ ଓ ଫାର୍ମ ବିର ମଧ୍ୟ ପ୍ରତିଷ୍ଠାତା । ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହିତ ଓଡ଼ିଶାରେ ମହିଳାମାନଙ୍କୁ



ସଶକ୍ତିକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂହ ଓ କୁଳସଚିବ ନିରୂପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଅଧ୍ୟାପିକା ଏଲୋରା ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ପଟିଆ ନିବାସୀ ଏଲୋରା ପଣ୍ଡାଙ୍କର ଏକ ଘରୋଇ ହାସପାତାଳରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୫ ବର୍ଷ ହୋଇଥିଲା । ସ୍ୱର୍ଗୀୟା ପଣ୍ଡା ଜଣେ ଧର୍ମପରାୟଣା , ସମାଜସେବୀ ଓ ଅତି ପରୋପକାରୀ ମହିଳା ଥିଲେ। ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ତଥା ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ସି. ଭି. ରମଣ ବିଶ୍ୱବିଦ୍ୟାଳୟ , କିଟ୍ ବିଜିନେସ ସ୍କୁଲ , ଆଇ ଏସ ଏଫ୍ ଆଇ ବିଜନେସ ସ୍କୁଲ ଆଦିରେ ଅଧ୍ୟାପିକା ହିସାବରେ କାର୍ଯ୍ୟ ସଂପାଦନା କରିଥିଲେ ଓ ଏପରିକି କର୍ପୋରେଟ ଜଗତର ଟିସିଏସ, ନିସା ଇଷ୍ଟର୍ଣ୍ଣ ରିଜନ ଓ ନର୍ଥ ରିଜନରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର



ଠାରେ ତାଙ୍କର ଅନ୍ତେଷ୍ଟିକ୍ରୀୟା ସଂପନ୍ନ ହୋଇଛି। ଏକମାତ୍ର କନ୍ୟା ଆଦ୍ୟଶା ପଣ୍ଡା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗୀୟା ପଣ୍ଡା ପଟିଆ ସ୍ଥିତ ଏମ୍ ଡ଼ି ସି ଶିକ୍ଷାନୁଷ୍ଠାନ ର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ କନ୍ୟା ଓ ବିଜୁପଟନାୟକ ଜାତୀୟ ଇଷ୍ପାତ ପ୍ରତିଷ୍ଠାନର ମାନବ ସମ୍ବଳ ଅଧିକାରୀ ଦୁର୍ଗେଶ ପଣ୍ଡାଙ୍କ ଧର୍ମପତ୍ନୀ । ଯାଜପୁରର ଲୋକସଭା ସାଂସଦ ଡଃ ରବିନାରାୟଣ ବେହେରା , କିଟ୍ ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ,ଅଜିତ ତ୍ରିପାଠୀ , ବରିଷ୍ଠ ପ୍ରଶାସକ ଶ୍ରୀ ଅଶୋକ ତ୍ରିପାଠୀ, ସୁରେଶ ପଣ୍ଡା , ଅତିରିକ୍ତ ସଚିବ ରେଣୁ ପ୍ରଭା ନାୟକ ପ୍ରମୁଖ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଆଇଆଇଏମ, ଅହମ୍ମଦାବାଦ ଦୁବାଇ କ୍ୟାମ୍ପସ ଉଦଘାଟିତ

# ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଗୌରବମୟ ଅଧ୍ୟାୟ ଯୋଡିହେଲା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ଉପସ୍ଥିତିରେ ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ କରକମଳରେ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସ ଉଦଘାଟନ ହୋଇଯାଇଛି । ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ । ଏହି ନୂଆ କ୍ୟାମ୍ପସ ବିଶ୍ୱକୁ ଭାରତର ନୂଆ ପରିଚୟ ପ୍ରଦାନ କରିବ । ଏହି ଅନ୍ତର୍ଜାତୀୟ



କ୍ୟାମ୍ପସ୍ ଜାତୀୟ ଶିକ୍ଷା ନୀତିରେ କଳ୍ପନା କରାଯାଇଥିବା 'ଆତ୍ମାରେ ଭାରତୀୟ, ଆଉଟଲୁକରେ ବିଶ୍ୱ' ନୀତିକୁ ଏକ ସର୍ବୋତ୍ତମ ଲଞ୍ଚପ୍ୟାଡ୍ ପ୍ରଦାନ କରିଛି । ଏହି କ୍ୟାମ୍ପସ ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଏକ ଗୌରବମୟ ଅଧ୍ୟାୟ ଯୋଡିହୋଇଛି । ଏହି ଅବସରରେ କ୍ୟାମ୍ପସରେ ପ୍ରଥମ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଅବସରରେ ମଧ୍ୟ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ ।

ଏହା ପୂର୍ବରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଏକ ସାକ୍ଷାତ୍ ଆଲୋଚନା କରିଥିଲେ । ଉଚ୍ଚଶିକ୍ଷାରେ ଦୁଇ ଦେଶର ଦ୍ୱିପାକ୍ଷିକ ସହଯୋଗ ଉପରେ ସମୀକ୍ଷା କରାଯିବା ସହ ଦୁଇ ଦେଶର ଜ୍ଞାନ ସେତୁକୁ ମଜଭୂତ୍ କରିବା ଉପରେ ଆଲୋଚନା ହୋଇଥିଲା ।

ଜ୍ଞାନ, ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଦିଗରେ ମଧ୍ୟ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ ।ସେହିପରି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ ଓ ଉଭା ହେଉଥିବା କ୍ଷେତ୍ରରେ ମିଳିତ ଗବେଷଣା, କାପାସିଟି ବିଲଡିଂ, ଦ୍ୱିପାକ୍ଷିକ ସାଂସ୍କୃତିକ ଏବଂ ଶୈକ୍ଷିକ ଆଦାନପ୍ରଦାନ ଉପରେ ମଧ୍ୟ ବୈଠକରେ ବିଚାରବିମର୍ଶ ହୋଇଥିଲା ।ଦୁବାଇରେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ ।ଏହାବ୍ୟତୀତ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଦୁବାଇର ଭାରତୀୟ କନସୁଲେଟ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ ।

# ୨ ମୋଷ୍ଟ ୱାରେଣ୍ଟି ଗିରଫ

କଣାସ,(ସବ୍ୟୁ): ପୁରୀ ଏସପି ନିର୍ଦ୍ଦେଶ କ୍ରମେ କଣାସ ଥାନା ପକ୍ଷରୁ ଚଢାଉ କରାଯାଇ ଦୁଇଜଣ ମୋଷ୍ଟ ୱାରେଣ୍ଟ ଅପରାଧିଙ୍କୁ ଗିରଫ କରାଯାଇଛି । ଅପରାଧୀ ଜଣକ ଆପରାଧ ଘଟାଇଦୀର୍ଘ ୩୨ ବର୍ଷ ହେଲେ ଲୁଚିବା ପରେ ଗୁରୁବାର ସକାଳୁ କଣାସ ଥାନା ନନ୍ଦିଗୋଦା ଗ୍ରାମର ଅଭିଯୁକ୍ତ ରଜନୀକାନ୍ତ ସ୍ୱାଇଁଙ୍କୁ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ଓ ତାଙ୍କ ଟିମ ଓ୍ୱାରେଣ୍ଟ ବଳରେ ଗିରଫ କରିଛି ।ରଜନୀକାନ୍ତ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅପରାଧରେ ସଂପୃକ୍ତ ଥାଇ ଗତ ୧୯୯୩ ମସିହାରୁ ପୋଲିସକୁ ଚକମା ଦେଇ ଫେରାର ଥିଲା । ପୁରୀ ସେସନ୍ସ କୋର୍ଟଙ୍କ ଗିରଫ ପରଓ୍ୱାନା ନମ୍ବର ଜିଆର/୪୭୭/୯୩ ବଳରେ ତାଙ୍କୁ ଗିରଫ କରାଯାଇଛି । ସେହିପରି କଣାସ ଥାନା ଗାଣ୍ଡପଡା ଗ୍ରାମର ରୋହିତ ପ୍ରଧାନଙ୍କୁ ଗିରଫ ପରଓ୍ୱାନା ନମ୍ବର ଜିଆର୍/୫୪୦/୨୦୧୯ ବଳରେ ମଧ୍ୟ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ଅରୁନ୍ଧତୀ ଜୁଏଲର୍ସ ପୁରୀଶାଖାର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଅଗ୍ରଣ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତା କ୍ଲବ ତରଫରୁ ଏହାର ପୁରୀ ଶାଖାଇ ପ୍ରଥମ ବାର୍ଷିକ ଉତ୍ସବ ୧୧ ତାରିଖରେ ପାଳିତ ହୋଇଯାଇଛି । ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ ବର୍ଷର ସଫଳ ଯାତ୍ରାରେ ଅରୁନ୍ଧତୀର ସଦ୍ୟନିର୍ମିତ ତଥା ନବମ ଶାଖା ପୁରୀର ପ୍ରଥମ ବର୍ଷ ପୂର୍ତ୍ତିରେ ଅନ୍ୟତମ ଉପଲବ୍ଧି । ଏହି ସ୍ୱତନ୍ତ୍ର ଦିବସରେ ଅରୁନ୍ଧତୀ ଜୁଏଲର୍ସର ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କ ସହ ଏହି



ବିଶେଷ ଉତ୍ସବକୁ ପାଳନ କରିଥିଲେ । ଏହି ଅବସରରେ ଅରୁନ୍ଧତା ଜୁଏଲର୍ସ ତରଫରୁ ଆନିଭରସାରୀ ସ୍ପେଶାଲ ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି ।ସୁନା ଗହଣାର ଗଢ଼ା ମଜୁରୀରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିର୍ମିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଙ୍ଗ ରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପେ ଜିରୋ ଫର ଇଜି ଜୁଏଲାରୀ ଫରଚେସ୍ ପ୍ଲାନ୍ ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି ।

### ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଇଣ୍ଡିଆ ପକ୍ଷରୁ

# କାର୍ଯ୍ୟକ୍ଷେତ୍ରରେ ଜାତୀୟ ପୁଷ୍ଟିସାଧନ ମାସ ପାଳନ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଏହାର ପ୍ରମୁଖ ସିଏସ୍‌ଆର ପ୍ରକଳ୍ପ 'ଆରୋଗ୍ୟ ଅଧୀନରେ ସମଗ୍ର ଓଡ଼ିଶାରେ ଏହାର କାର୍ଯ୍ୟକ୍ଷେତ୍ରଗୁଡିକରେ ଜାତୀୟ ପୁଷ୍ଟିସାଧନ ମାସ ପାଳନ କରିଛି ।ଚଳିତ ବର୍ଷର ବିଷୟବସ୍ତୁ, ଏକ ଉନ୍ନତ ଜୀବନ ପାଇଁ ସୁଷମ ଖାଦ୍ୟ ଗ୍ରହଣ । ଏହି ଅଭିଯାନର ଏକ ଅଂଶ ଭାବରେ ସାଧନ ମାସ ପ୍ରାରମ୍ଭରେ ପାରାଦ୍ୱୀପ, ସାଗାସାହି ଏବଂ ଠାକୁରାଣୀ ଖଣିରେ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା । ପାରାଦୀପ, ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବିଶେଷ କରି ମହିଳା ଏବଂ କିଶୋରୀ ବାଳିକାମାନଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଏବଂ ପାରାଦୀପ ମୋବାଇଲ ମେଡିକାଲ ୟୁନିଟ୍ (ଏମଏମୟୁ) ର ମେଡିକାଲ ଅଫିସର ଡାକ୍ତର ନିରଞ୍ଜନ ଦିବେଦୀ ଉପସ୍ଥିତ ଥିଲେ। ଡକ୍ଟର ଦିବେଦୀ ଉପସ୍ଥିତ ଲୋକମାନଙ୍କୁ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ



ମାନସିକ ବିକାଶ ପାଇଁ ସନ୍ତୁଳିତ ଖାଦ୍ୟର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍ କର୍ମଚାରୀ, କିଶୋରୀ ବାଳିକା ଓ ନିକଟସ୍ଥ ଗ୍ରାମର ମହିଳାଙ୍କ ସମେତ ୨୦୦ରୁ ଅଧିକ ଜଣ ଅଂଶଗ୍ରହଣ କରିଥିଲେ। ସାଗାସାଇ ଗ୍ରାମରେ ମଧ୍ୟ ସମାନ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା, ଶିଶୁ, ଆଶା ଓ ଅଙ୍ଗନବାଡି କର୍ମୀ ଏବଂ ମାତୃ ଓ ଯାଞ୍ଚ କମିଟିର ସଦସ୍ୟଙ୍କ ସହିତ ୧୫୦ରୁ ଅଧିକ ଜଣ ଯୋଗ ଦେଇଥିଲେ। ଠାକୁରାଣୀ ଘଣି ଅଞ୍ଚଳରେ ଡାଲ୍‌କି ଗ୍ରାମର ଲୋକବିକାଶ କେନ୍ଦ୍ରରେ ଜାତୀୟ ପୃଷ୍ଟିସାଧନ ମାସ ମଧ୍ୟ ପାଳନ କରାଯାଇଥିଲା।

ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍), କୋଇଡ଼ାକୁ ସହଯୋଗ କରିବା ଉଦ୍ଦେଶ୍ୟରେ ସାରାସାହି ଗ୍ରାମରେ ମଧ୍ୟ ସମାନ ସଚେତନତା ଅର୍ଦ୍ଧେଶନ ଆୟୋଜିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ଆଇସିଡିଏସ୍, କୋଇଡ଼ାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଅନୀତା ସାହୁ, ସାଗାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପ୍ରେମାନନ୍ଦ ମହିକଙ୍କ ସହିତ ଏମ୍ ଏମୟୁ-ସାଗାସାହିର ମେଡିକାଲ୍ ଅଫିସର ଡାକ୍ତର ବରୁଣ ସାମଲ ଉପସ୍ଥିତ ଥିଲେ ଛ ଡକ୍ଟର ସାମଲ ଏଠାରେ ଉପସ୍ଥିତ ଲୋକମାନଙ୍କୁ ସୁଚିଗିତ ଖାଦ୍ୟ ଚୟନ ତଥା ବୁଷମ ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ ଅଭ୍ୟାସ ବିକଶିତ କରିବା ଦିଗରେ ସଚେତନ କରିଥିଲେ । ସୁସ୍ଥ ଖାଦ୍ୟପେୟଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଶିଶୁ, ଗର୍ଭବତୀ ମା' ଏବଂ ସ୍ତନ୍ୟପାନ କରାଇଥିବା ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା । ଆଞ୍ଚଳିକ ସ୍ତରରେ ଓ ସୁଲଭ ଦରରେ ଉପଲବ୍ଧ ଖାଦ୍ୟ ମା ଏବଂ ଶିଶୁ ସ୍ୱାସ୍ଥ୍ୟକୁ କିପରି ଭଲ ରଖିପାରିବ, ଏହାକୁ ଦୃଷ୍ଟିରେ ରଖି ଏହି ପ୍ୟାକେଟଗୁଡିକ ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଇଥିବା ମା', ଶିଶୁ, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଏବଂ ମାତୃ ଓ ଯାଞ୍ଚ କମିଟି ସଦସ୍ୟଙ୍କ ସମେତ ୧୫୦ରୁ ଅଧିକ ଜଣ ଯୋଗ ଦେଇଥିଲେ।

# ଡ୍ରିମ୍‌ସରେ ସ୍ୱାଗତ ଉତ୍ସବ : ଫ୍ୟାସନ୍ ଡିଜାଇନିଂ ସୃଜନଶୀଳତାର ବଳିଷ୍ଠ ମାଧ୍ୟମ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ସ୍କୁଲ ଅଫ ଫ୍ୟାସନ୍ ଡିଜାଇନିଂରେ ସ୍ୱାଗତ ଉତ୍ସବ ରାଣୀଦେବୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ




ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦଘାଟନ କରିବା ସହ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଡ. ରଥ ସୃଜନଶୀଳତାର ପରିପ୍ରକାଶ ନିମନ୍ତେ ଫ୍ୟାସନ ଡିଜାଇନିଂ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ ।ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଫ୍ୟାସନ ଡିଜାଇନିଂରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ( ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରେମେନ୍ଦ୍ର କୁମାର ସାହୁ, ସୁଶ୍ରୀ ଝାନ୍‌ସୀ ରାଣୀ ଦାସ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଡିନ୍ ସୋନାଲି ପଣ୍ଡା ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପକ ନୀତେଶ ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂଗୀତା ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ସ୍ୱାତୀସଂଧ୍ୟା ଦୀପ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ।ଅଧ୍ୟାପିକା ଶୁଭଶ୍ରୀ ଦାସଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଅବକାରୀ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କୁ ଆକ୍ରମଣ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜବତ ହୋଇଥିବା ମଦ ଛାଡ଼ିଦେବା ସହ ଅଟକ ଯୁବକଙ୍କୁ ନେଇଯିବା ଉଦ୍ୟମ ବେଳେ ବ୍ରହ୍ମପୁର ଅବକାରୀ କାର୍ଯ୍ୟାଳୟ-୧ ଭିତରେ ପଶି କାର୍ଯ୍ୟରତ ଅଧିକାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ମଦ ବ୍ୟବସାୟୀ ନାରାୟଣ ସାହୁ ଓ ତାଙ୍କର ସହଯୋଗୀ ଫେରାର ହୋଇଯାଇଛନ୍ତି । ଗିରଫ ୨ ଅଭିଯୁକ୍ତ ହେଲେ ନାରାୟଣଙ୍କ ଭାଇ ଟୋଫାନ କୁମାର ସାହୁ(୫୮) ଓ ତାଙ୍କ ପୁତୁରା ସାଗର କୁମାର ସାହୁ(୨୭) । ମାମଲା ନଂ ୪୫୯/୨୫ ରେ ଗିରଫ ଅଭିଯୁକ୍ତ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାପ୍ରକାରେ, ନାରାୟଣ ସାହୁଙ୍କ ଗୋପାଳପୁର ଜଙ୍କସନ ଠାରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି ।

ବୁଧବାର ସନ୍ଧ୍ୟା ୭ଟା ବେଳେ ଅବକାରୀ ବିଭାଗର ଏଏସଆଇ ବଳରାମ ବେହେରା ଓ ତାଙ୍କ ଟିମ ଗୋପାଳପୁର ଜଙ୍କସନ ଠାରେ ଯାନବାହନ ଯାଞ୍ଚ କରୁଥିଲେ । ଏହି ସମୟରେ ସନ୍ତୋଷ ମଣ୍ଡଳ ନାମକ ଜଣେ ଯୁବକ ଏକ ସ୍କୁଟିରେ ୫ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ୩୯ ଲିଟର ବିଦେଶୀ ମଦ ଧରି ଯାଉଥିବା ବେଳେ ଅବକାରୀ ଅଧିକାରୀମାନେ ତାଙ୍କୁ ଅଟକାଇଥିଲେ । ଏହି ମଦ ଚାଲାଣ ବିଷୟରେ ସନ୍ତୋଷ କୌଣସି ଉତ୍ତର ଦେଇ ପାରିନଥିଲେ । ଫଳରେ ଅବକାରୀ ବିଭାଗ ପକ୍ଷରୁ ସନ୍ତୋଷଙ୍କୁ କାବୁ କରାଯିବା ସହ ଉକ୍ତ ସ୍କୁଟି ଓ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ବିଭାଗର କାର୍ଯ୍ୟାଳୟକୁ ନିଆଯାଇଥିଲା । ଏହାର କିଛି ସମୟ ପରେ ମଦ ବ୍ୟବସାୟୀ ନାରାୟଣ ସାହୁ ତାଙ୍କ ଭାଇ ଟୋଫାନ, ସାଗର ଓ ଜିତୁ ନାମକ ଜଣେ ଯୁବକ ସେହି ଅବକାରୀ କାର୍ଯ୍ୟାଳୟକୁ ଯାଇ ସେଠାରେ ପାଟିତୁଣ୍ଡ କରିବା ସହ ଅଟକ ଥିବା ଅଭିଯୁକ୍ତ ସନ୍ତୋଷଙ୍କୁ ସାଙ୍ଗରେ ନେଇଯିବାକୁ ଚେଷ୍ଟା କରିବା ସହ ଜବତ ହୋଇଥିବା ସମସ୍ତ ମଦ ମଧ ନେଇଯିବାକୁ ଚେଷ୍ଟା କରିଥିଲେ । ଏହାଦେଖି କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ପ୍ରତିବାଦ କରିଥିଲେ । ଏଥିରେ ଉତ୍ତେଜିତ ହୋଇ ଅଭିଯୁକ୍ତମାନେ କାର୍ଯ୍ୟରତ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ।

ଏପରିକି ଅଭିଯୁକ୍ତମାନେ କାର୍ଯ୍ୟାଳୟ ଭିତରେ ଥିବା ଚେୟାରଗୁଡ଼ିକ ଅଧିକାରୀଙ୍କ ଉପରକୁ ଫିଙ୍ଗି ଦେଇଥିଲେ । ସାଙ୍ଗରେ ନେଇଥିବା ଏକ ଲୁହା ରଡରେ ଏଏସଆଇ ବଳରାମଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ । ଅଭିଯୁକ୍ତଙ୍କ ଲୁହା ରଡ ମାଡରେ କାର୍ଯ୍ୟାଳୟ ଭିତରେ ଥିବା ଏକ କାଚ ଗ୍ଲାସ ଭାଙ୍ଗି ଯାଇଥିଲା । ସେହିପରି ଅଭିଯୁକ୍ତମାନେ ଅବକାରୀ ବିଭାଗର ୨ ମହିଳା ଅଧିକାରୀ ଇନ୍ସପେକ୍ଟର ମନିଷା ଭୋଳ ଓ ଏସଆଇ ସସ୍ମୀତା ମଲ୍ଲିକଙ୍କୁ ମଧ ଗାଳିଗୁଲଜ କରିଥିଲେ । ଘଟଣାକୁ ନେଇ ଏଏସଆଇ ବଳରାମ ବେହେରା ଅବକାରୀ ଅଧୀକକ୍ଷଙ୍କୁ ଜଣାଇବା ପରେ ଅଧୀକ୍ଷକଙ୍କ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା ।

# ବ୍ରାଉନସୁଗର, ନକଲି ମଦ ଓ ଗଞ୍ଜେଇ ଜବତ : ୧୦ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ବିପୁଳ ପରିମାଣର ବ୍ରାଉନସୁଗର, ନକଲି ବିଦେଶୀ ମଦ ଓ ଗଞ୍ଜେଇ ଜବତ କରିଛି । ଏପରିକି ଗଞ୍ଜେଇ ଚାଲାଣରେ ବ୍ୟବହାର ହୋଇଥିବା ତିନୋଟି କାର, ଗୋଟିଏ ସ୍କୁଟି ଓ ୮ଗୋଟି ଦାମୀ ମୋବାଇଲ ଜବତ ହୋଇଛି । କନ୍ଧମାଳରୁ ଗଞ୍ଜେଇ ଖଲ୍ଲିକୋଟ ଦେଇ ବିହାର ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ କମିଶନର ପି. ଅନ୍ୱେଶା ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଗୁଇନ୍ଦା ରେଞ୍ଜର ଡ଼ିଏସପି ଶୃତିକାନ୍ତ ରାଉତଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ ହୋଇଥିଲା । ଗୁରୁବାର ସକାଳେ ହରିଡାମୂଳ ଓ ଖଲ୍ଲିକୋଟ ସାନଘାଟି ଠାରେ ଯାନବାହନ ଯାଞ୍ଚ କରାଯାଇଥିଲା । ହରିଡାମୂଳ ଛକ ପଟେ ଆସୁଥିବା ଏକ କାର ଅଟକାଇ ଅବକାରୀ ଟିମ ଯାଞ୍ଚ କରିଥିଲା । ସେଥିରେ ୩୦ କେଜି ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ସେହିପରି ଉକ୍ତ ଗାଡିକୁ ପାଇଲେଟିଂ କରୁଥିବା ଏକ ସ୍କୁଟି ମଧ ଜବତ ହୋଇଛି । କାର ଭିତରେ ଥିବା କନ୍ଧମାଳ ଜିଲ୍ଲା କେ. ନୂଆଗାଁର ମୋହିତ ମଲିକ (୨୮) ଓ ପଶ୍ଚିମବଙ୍ଗ ୨୪ ଉତ୍ତର ପ୍ରଗଣାର ଆଲମ ମଣ୍ଡଳ(୩୯) ଓ ସ୍କୁଟି ଚାଳକ ନୌସେର ମଣ୍ଡଳ (୨୪)ଙ୍କୁ ଗିରଫ କରିଛି । ତାଙ୍କରି ବୟାନ ଆଧାରରେ ଖଲ୍ଲିକୋଟ ସାନ ଘାଟି ପାଖରେ ଥିବା ଅନ୍ୟ ଏକ ଟିମ ଅନ୍ୟ ଏକ କାର ଅଟକାଇ ଯାଞ୍ଚ କରିଥିଲେ । କାର ଭିତରେ ୨୫ କେଜି ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ସେଥିରେ ବସିଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡିର ଦିନେଶ ପ୍ରଧାନ(୩୧) ଗଞ୍ଜାମ ଜିଲ୍ଲା ସୋରଡାର ପପୁ ବୀରା(୩୦)ଙ୍କୁ ଗିରଫ କରିଥିଲା । ସେହିପରି ସେଠାରୁ ଉକ୍ତ ଗଞ୍ଜେଇ ଅନ୍ୟ ଏକ କାରରେ ବିହାର ପଠାଇବା ପାଇଁ ଥିବା ବେଳେ ଟିମ ଉକ୍ତ କାରଟିକୁ ମଧ ଜବତ କରିଛି ।

କାର ଚାଳକ ବିହାର ରୋହତକ ଅଞ୍ଚଳର ରାହୁଲ କୁମାର (୩୧)ଙ୍କୁ ମଧ ଗିରଫ କରିଛି । ମାମଲା ନଂ ୩୮୯/୨୫-୨୬ ଓ ୩୯୦/୨୫-୨୬ରେ ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚଢଉରେ ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକଟର ନାରାୟଣ ଜେନା, ଏସଆଇ ଅଜିତ କୁମାର ନାୟକ, କନେଷ୍ଟେବଲ ବଳରାମ ଜେନା, ସନ୍ତୋଷ ନାୟକ, ପ୍ରବୀର ସାମଲ, କପିଳାଶ ଭଦ୍ରା ଓ କୁମୁଦ ପ୍ରଧାନ ସାମିଲ ଥିଲେ । ସେହିପରି ବୁଧବାର ସନ୍ଧ୍ୟାରେ ସହରରେ ବ୍ରାଉନସୁଗାର, ନକଲି ବିଦେଶୀ ମଦ ବିକ୍ରି କରାଯାଉଥିବା ଖବର ବ୍ରହ୍ମପୁର ଅବକାରୀ ଭ୍ରାମ୍ୟମାଣ ଏସପି ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଡ଼ିଏସପି କୁମୁଦ କହଁରଙ୍କ ନେତୃତ୍ୱରେ ୪ଗୋଟି ଟିମ ଗଠନ କରାଯାଇ ପୃଥକ ୪ଗୋଟି ସ୍ଥାନରେ ଚଢଉ କରାଯାଇଥିଲା । ପ୍ରଥମେ ମେଡିକାଲ କ୍ୟାମ୍ପସ ନିକଟରେ ସନ୍ଦେହଜନକ ଭାବେ ଏକ ସ୍କୁଟି ଗାଡିରେ ବସିଥିବା ଏସ. ନାରାୟଣ ପାତ୍ର(୪୫) ଙ୍କୁ ଅଟକାଇ ଯାଞ୍ଚ ବେଳେ ତାଙ୍କ ନିକଟରୁ ୪୪ ଗ୍ରାମ ବ୍ରାଉନସୁଗର ପାଇଥିଲା । ତାଙ୍କ ଘର ବଡ଼ଂାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗର । ତାଙ୍କୁ ଗିରଫ କରାଯିବା ସହ ବ୍ରାଉନସୁଗର ଓ ସ୍କୁଟି ଗାଡି ଜବତ ହୋଇଛି । ସେଠାରେ ସେ ଗ୍ରାହକଙ୍କୁ ବିକ୍ରି ପାଇଁ ଅପେକ୍ଷା କରିଥିଲେ ବୋଲି ଟିମ ଜାଣିବାକୁ ପାଇଛି । ତାଙ୍କ ବୟାନ ଆଧାରରେ ଅନ୍ୟ ଏକ ଟିମ ନୂଆ ବସଷ୍ଟାଣ୍ଡ ସମ୍ମୁଖ ମେଡିକାଲ ଗେଟ ପାଖରେ ଏକ ସ୍କୁଟି ଗାଡିରେ ବସିଥିବା ଯୁବକଙ୍କୁ ଧରିଥିଲା । ସେ ହେଲେ ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକର ବାବୁ ଦଳାଇ(୨୨) । ଟିମ ତାଙ୍କ ପାଖରୁ ୪୧ ଗ୍ରାମ ବ୍ରାଉନସୁଗର ଜବତ କରିଛି ।

ସେହିପରି ତାଙ୍କ ବୟାନ ଆଧାରରେ ହରିଡାଖଣ୍ଡି କୈଳାଶନଗର ଅଞ୍ଚଳରେ ଜଣେ ମହିଳା ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ସେଠାରେ ଚଢଉ କରାଯାଇଥିଲା । ସଂଧାରାଣୀ ଶତପଥି(୪୫) ଙ୍କ ନିକଟରୁ ଟିମ ୫୭ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଏପରି ମୋଟ ୧୪୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି । ଯାହାର ମୂଲ୍ୟ ୧୫ ଲକ୍ଷ ହେବ ବୋଲି କୁହାଯାଇଛି । ସେହିପରି କୈଳାଶ ନଗରରେ ନକଲି ବିଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ଅନ୍ୟ ଏକ ଟିମ ସେଠାରେ ଚଢଉ କରିଥିଲା । ସ୍ୱରାଜ ଶତପଥୀଙ୍କ ଘରେ ଚଢଉ ବେଳେ ସେଠାରୁ ୨୦ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି । ସେହିପରି ୧ଲିଟର ତରଳ ରାସାୟନିକ ସାମଗ୍ରୀ, ୧୨୦ ଗୋଟି ନକଲି ଲେବଲ ଓ ଖାଲି ବୋତଲ ଜବତ ହୋଇଛି । ଚଢଉରେ ଡ଼ିଏସପି କୁମୁଦ କହଁର, ଇନ୍ସପେକଫର ମନିଶା ଭୋଳ, ବି.ମନୋଜ କୁମାର, ଏଏସଆଇ ଅଗ୍ରୀଫା ଗମାଙ୍ଗୋ, ଭବାନୀ ବେହେରା, କନେଷ୍ଟେବଳ ଭବାନୀ ବେହେରା, କେ. ଗୋପାଳ ରେଡ୍ଡୀ, ଜି. କ୍ରିଷ୍ଣା ରାଓ, କୃଷ୍ଣ ଗୌଡ଼, ଅନିଲ ବେହେରା, ପଦ୍ମାବତୀ ସେଠୀ, ସୁଧାକର ଶବର ଓ ସ୍ୱୟଂଭୁ କହଁର ପ୍ରମୁଖ ସାମିଲ ଥିଲେ ।

# ବୃଦ୍ଧଙ୍କ ଖାଦ୍ୟନଳୀରୁ ବାହାରିଲା ୯ ଇଞ୍ଚର ଦାନ୍ତକାଠି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ଇଏନଟି ବିଭାଗ ପକ୍ଷରୁ ଏକ ସଫଳ ଅସ୍ତ୍ରୋପଚାର ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ଖାଦ୍ୟନଳୀରୁ ୯ ଇଞ୍ଚର ଏକ ଦାନ୍ତକାଠି ବାହାର କରାଯାଇଛି । ବୃଦ୍ଧ ଜଣକଙ୍କ ଅସାବଧାନତା ଯୋଗୁଁ ଦାନ୍ତ କାଠିଟିକୁ ଗିଳି ଦେଇଥିଲେ । ଫଳରେ ଅସହ୍ୟ ଯନ୍ତ୍ରଣା ସହ ଖାଦ୍ୟ ଖାଇପାରି ନଥିଲେ । ଖାଇବାରେ ସମସ୍ୟା ହୋଇଥିଲା । ଏନେଇ ପରିବାରଲୋକ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଇବା ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଅସ୍ତ୍ରୋପଚାର କରିଥିଲେ । ଏସୋଫାଗୋସ୍କୋପ ପଦ୍ଧତିରେ ଦୀର୍ଘ ଏକ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ଖାଦ୍ୟନଳୀରୁ ଦାନ୍ତ କାଠିଟିକୁ ବାହାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର୍ ଡା. ସଞ୍ଜିତ କୁମାର ମିଶ୍ର କହିଛନ୍ତି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୮୦) ଗତ ବୁଧବାର ସକାଳେ ଦାନ୍ତ ଘଷୁଥିବା ବେଳେ ଅସାବଧାନତାବଶତଃ ଦାନ୍ତକାଠିଟିକୁ ଗିଳି ଦେଇଥିଲେ । ବହୁ ଚେଷ୍ଟା ସତ୍ତ୍ୱେ ବାହାରିନଥିଲା । ଫଳରେ ଖାଦ୍ୟ ଖାଇବାରେ ସମସ୍ୟା ସହ ଅସହ୍ୟ ଯନ୍ତ୍ରଣା ହୋଇଥିଲା । ବିଭିନ୍ନ ମେଡ଼ିକାଲ ବୁଲି ଶେଷରେ ସୋମବାର ଏମକେସିଜି ମେଡ଼ିକାଲରେ ପହଞ୍ଚିଥିଲେ । ସେଠାରେ ଇଏନଟି ବିଭାଗର ଡାକ୍ତର କାମରାଜୁଙ୍କ ଚିକିତ୍ସା କରିବା ସହ ବିଭିନ୍ନ ପରୀକ୍ଷା କରିଥିଲେ । ବୃଦ୍ଧଙ୍କ ରକ୍ତଚାପ ଉଚ୍ଚ ରହିଥିବାରୁ ନିଶ୍ଚେତକ ଦେଇ ଅସ୍ତ୍ରୋପଚାର କରିବା ବିପଦପୂର୍ଣ୍ଣ ଥିଲା । ଶେଷରେ ଏସୋଫାଗୋସ୍କୋପ୍ ପଦ୍ଧତିରେ କାମରାଜୁଙ୍କ ଖାଦ୍ୟନଳୀରେ ଥିବା ଦାନ୍ତକାଠିକୁ ବାହର କରିବାକୁ ନିଷ୍ପତ୍ତି ନେଇଥିଲେ । ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅସ୍ତ୍ରୋପଚାର ପରେ ୯ ଇଞ୍ଚର ଦାନ୍ତକାଠି ବାହାର କରାଯାଇଥିଲା ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ମାସିକ ସାହିତ୍ୟ ଆଲୋଚନାଚକ୍ର



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପକ୍ଷରୁ ଏକ ମାସିକ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥିଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ବିଶିଷ୍ଟ କବି, ସମାଲୋଚକ ଡକଟର ଦିଲୀପ କୁମାର ସ୍ୱାଇଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା' ସଂପର୍କରେ ନିଜର ସୁଦୀର୍ଘ ବକ୍ତବ୍ୟ ରଖିଥିଲେ । ଡକଟର ସ୍ୱାଇଁ ସ୍ୱାଧୀନତା ପରବର୍ତ୍ତୀ କବିତାକୁ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିବା ସହିତ ଆଧୁନିକ ଯୁଗକୁ ଆଧୁନିକ ଚେତନା ଭାବରେ ଅଭିହିତ କରିଥିଲେ । ଓଡ଼ିଆ କବିତା କିପରି ସ୍ଥିତିବାଦୀ ଚେତନାରୁ ବିକେନ୍ଦ୍ରୀକରଣ ହୋଇ ଉତ୍ତର ଆଧୁନିକ କବିତା ବେଳକୁ ମାଟି ମନସ୍କ ହୋଇଛି, ସେ ସଂପର୍କରେ ଆଲୋଚନା କରିଥିଲେ ।

ସଂଯୋଜକ ତଥା ସହକାରୀ ପ୍ରଫେସର ଡଃ ଶିଶିର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ବକ୍ତା ଭାବରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ଖୋର୍ଦ୍ଧାର ଓଡ଼ିଆ ବିଭାଗ ମୁଖ୍ୟ ଡଃ ପ୍ରଭାତ କୁମାର ସାହୁ କବିତାର ଗତି ଓ ପ୍ରକୃତି ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ବିଭାଗର ସହକାରୀ ପ୍ରଫେସର ବିଚିତ୍ରନାଥ ସାହୁ, ଅଧ୍ୟାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତ ଯୋଗଦେବା ସହିତ ମୟୂରଭଞ୍ଜ ସାହିତ୍ୟ ପରିଷଦର ପ୍ରାକ୍ତନ ସଂପାଦକ ଆଶିଷ କୁମାର ବଶା, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବାଲେଶ୍ୱରସ୍ଥ ଡକଟର ଭରତ ଚନ୍ଦ୍ର ଦାଶ, ଆଞ୍ଚଳିକ ମହାବିଦ୍ୟାଳୟ, ଗଡ଼ିଆର ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ରାଜେନ୍ଦ୍ର ସାମଲ ଯୋଗଦାନ କରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ସ୍ୱରୂପାନନ୍ଦ ବିଷୟୀ ଉପସ୍ଥିତ ରହି ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ଯୋଗଦେଇ ଥିଲେ । ବିଭାଗର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଭାଗର ସହକାରୀ ପ୍ରଫେସର ଡଃ ବିଚିତ୍ରନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ କବଜାରେ ଗଞ୍ଜେଇ ମାଫିଆ, ୬ଗିରଫ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ବାହାରକୁ ବେଆଇନ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ମାଡି ବସିଲା ଅବକାରୀ ଗୁଇନ୍ଦା ବିଭାଗ । ୫୫ କିଲୋ ଗଂଜେଇ,୧ ସ୍କୁଟି, ୩ଟି ଚାରି ଚକିଆ ଗାଡି, ୮ଟି ମୋବାଇଲ ଫୋନ ଜବତ ସହ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ଅବକାରୀ ପୋଲିସ । ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୩୦ ଲକ୍ଷ ହେବ ବୋଲି ଅବକାରୀ ଗୁଇନ୍ଦା ବିଭାଗ ସୂଚନା ଦେଇଛି । ସୂଚନା ପ୍ରକାରେ, କନ୍ଧମାଳରୁ ବାହାର ରାଜ୍ୟକୁ ଗଂଜେଇ ଚାଲାଣ ହେଉଥିବା ବେଳେ ଖଲ୍ଲିକୋଟ ଘାଟି ନିକଟରେ ମାଡି ବସିଲା ଅବକାରୀ ଗୁଇନ୍ଦା ବିଭାଗ । ବିହାର, ପଶ୍ଚିମବଙ୍ଗ ଅଞ୍ଚଳର ତିନିଜଣ ଏବଂ କନ୍ଧମାଳ ଅଞ୍ଚଳର ତିନିଜଣ (୨ଜଣ ପେଶାଗତ ଗଞ୍ଜେଇ ଚାଲାଣକାରୀ) ମୋଟ ୬ ଜଣଙ୍କୁ କାବୁ କରିଛି ଅବକାରୀ ଗୁଇନ୍ଦା ବିଭାଗ ।

ଏସବୁ ଗଞ୍ଜେଇ, ବିହାର ଓ ପଶ୍ଚିମବଙ୍ଗକୁ ଚାଲାଣ କରିବା ପାଇଁ ପ୍ରସ୍ତୁତି କରାଯାଇଥିଲା । ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ମୋବାଇଲ ଫୋନରୁ ଗଂଜେଇ ମାଫିଆଙ୍କ ଟେର ମିଳିଥିବା ବେଳେ ଅଧିକ ତଦନ୍ତ କରୁଛି ଅବକାରୀ ଗୁଇନ୍ଦା ବିଭାଗ । ଯେଉଁଥିରେ ବ୍ରହ୍ମପୁର, କୋଦଳା ଅଞ୍ଚଳର କିଛି ଗଞ୍ଜେଇ ମାଫିଆଙ୍କ ସମ୍ପୃକ୍ତି ଜଣା ପଡ଼ିଥିବା ବେଳେ ତଦନ୍ତ ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଟେଣ୍ଡେଣ୍ଟ ସ୍ମୁର୍ତିକାନ୍ତ ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଜୋର୍ ଧରିଲା ଋଷିକୂଲ୍ୟା ଜିଲ୍ଲା ଗଠନ ଆନ୍ଦୋଳନ

ଆସିକା, (ସବ୍ୟୁ): ସଂପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ପୁନଃ ଗଠନ ନେଇ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଆସିକା ଠାରେ ଋଷିକୂଲ୍ୟା ଜିଲ୍ଲା ଗଠନ ଦାବୀରେ ଆନ୍ଦୋଳନ ପୁଣି ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନୂତନ ଋଷିକୂଲ୍ୟା ଜିଲ୍ଲା ଗଠନ ଓ ସଦର ମହକୁମା ଆସିକା ଠାରେ ସ୍ଥାପନ ହେବା ନେଇ ୧୯୯୨ ମସିହାରୁ ଦାବି ଲଗାତାର ଭାବେ ହୋଇ ଆସିଥିଲେ ମଧ ରାଜ୍ୟ ସରକାର ଙ୍କ ନିଷ୍କ୍ରିୟତା ର ପ୍ରତିବାଦରେ ଆଜି ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦ୍ୟେଶରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବୁଧବାର ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଶୋଭାଯାତ୍ରା ଆସିକା ଅଞ୍ଚଳର ବିଭିନ୍ନ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଓ ସାଧାରଣ ଜନତା ଓ ମହିଳା ଏଥିରେ ଯୋଗ ଦେଇଥିଲେ ।

ହାଟପଦା ନିକଟସ୍ଥ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟାଳୟ ନିକଟରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଋଷିକୂଲ୍ୟା ଜିଲ୍ଲା ଗଠନ ଦାବୀ ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ପରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା । ବର୍ତ୍ତମାନ ରଜ୍ୟରେ ବହୁଳ ଜନସଂଖ୍ୟାଓ ବୃହତ ଗଞ୍ଜାମ ଜିଲ୍ଲାକୁ ବିଭକ୍ତ କରି ୨୫ କି.ମି ଭିତରେ ଆସିକା, କବିସୂର୍ଯ୍ୟନଗର, ଧରକୋଟ, ଶେରଗଡ଼, ସାନଖେମୁଣ୍ଡି, ହିଞ୍ଜିଳି ଓ ପୋଲସରା ଓ ବେଗୁନିଆପଡ଼ା ବ୍ଲକ୍‌କୁ ସାମିଲ କରି ଋଷିକୁଲ୍ୟା ଜିଲ୍ଲା ଗଠନ ଓ ସଦର ମହକୁମା ଆସିକାରେ ସ୍ଥାପନ ନେଇ ଦାବୀ କରାଯାଇଛି । ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଆଲୋଚନା ସଭାରେ ବକ୍ତାମାନେ ରାଜ୍ୟ ସରକାର ସର୍ଭିସ ଏଟ୍ ଡୋର ଷ୍ଟେପ ବା ଦ୍ୱାର ନିକଟରେ ସେବା ଯୋଗାଇବା ନେଇ କହୁଥିବା ବେଳେ ଆସିକା ଭଳି କେନ୍ଦ୍ର ସ୍ଥଳୀ ଠାରେ ସ୍ୱତନ୍ତ୍ର ଜିଲ୍ଲା ଗଠନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ଦେଖାଦେଇଥିବା କହିଥିଲେ । ରାଜ୍ୟ ସରକାର ତୁରନ୍ତ ଆସିକା ଅଞ୍ଚଳବାସୀ ଙ୍କ ଏହି ଦୀର୍ଘଦିନର ଦାବୀ ପୂରଣ କରିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ଆସିକା ଓକିଲ ସଂଘର ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଳ ମିଶ୍ର, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ସରୋଜ ତ୍ରିପାଠୀ, ଦିଲୀପ ପାଣିଗ୍ରାହୀ, ଅଜିତ ପଟ୍ଟନାୟକ, ସନ୍ତୋଷ କୁମାର ପାଣିଗ୍ରାହି, ବିଦେଶୀ ନାହାକ, ଶିକ୍ଷକ ମହାସଂଘର ଦେବହରି ମହାନ୍ତି, ଏମ୍. ତାରିଣୀ ସେନାପତି ବସ ମାଲିକ ସଂଘର ସନ୍ତୋଷ କୁମାର ପୋଲାଇ, ବଣିକ ସଂଘର ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ରକ୍ଷା ନେଇ ଥାନା ଅଧିକାରୀ କୁଳମଣି ସେଠୀଙ୍କ ସଂଯୋଜନାରେ ବ୍ୟାପକ ପୋଲିସ ମୁତୟନ ରହିଥିଲା ।

# ନିଖୋଜ ଯୁବକଙ୍କ ମୃତଦେହ କେନାଲରୁ ଜବତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଏକ କେନାଲ ଭିତରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ମୃତକ ଜଣଙ୍କ ଜଗଦଲପୁର ଗ୍ରାମର ହାଡୁ ସେଠୀ(୪୫) । ପୋଲିସ ଏସଂକ୍ରାନ୍ତରେ ୨୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଛେଦ ପାଇଁ ପଠାଇଛି । ହାଡୁ ସେଠୀ ଗତ ଦୁଇଦିନ ହେଲା କେଉଁଆଡେ ପଳାଇଥିଲେ । ସେ ନିଖୋଜ ଥିବା ବେଳେ ଗୁରୁବାର ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନଥିବା ପୋଲିସ କହିଛି । ଅନ୍ୟପଟେ ଘର ଲୋକଙ୍କ ତାଙ୍କର ମୃତ୍ୟୁକୁ ନେଇ କୌଣସି ଅଭିଯୋଗ ମଧ କରିନାହାନ୍ତି ବୋଲି ପୋଲିସ କହିଛି । ହାଡୁଙ୍କ ମୃତଦେହ ନିମଖଣ୍ଡି କେନାଲ ଭିତରେ ପଡିଥିବା ନେଇ ପୋଲିସ ଖବର ପାଇଥିଲା । ଅନ୍ୟପଟେ ସେ ନିଖୋଜ ଥିବା ବେଳେ ତାଙ୍କ ପୁଅ ଚିକୁନ ସେଠୀ ଖବର ପାଇ ଉକ୍ତ କେନାଲ ନିକଟରେ ପହଞ୍ଚିଥିଲେ । ପୋଲିସ ଉପସ୍ଥିତିରେ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି ।

# ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ବାଲିପଡା ଓ ଆମ୍ବଗଡ ପୃଥକ ସ୍ଥାନରେ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି । ପୋଲିସ ଗୁରୁବାର ଦୁଇଟି ଯାକ ମୃତଦେହ ଏମକେସିଜି ମୃତଦେହ ସଂରକ୍ଷଣ ଗୃହରୁ ଜବତ କରିଛି । ଏନେଇ ଅଭିଯୋଗ ପରେ ଦୁଇଟି ମାମଲା ରୁଜୁ ହୋଇଛି । ମୃତଦେହ ଦୁଇଟି ବ୍ୟବଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବଡବଜାର ଥାନା ଅନ୍ତର୍ଗତ ନିଳାଦ୍ରୀବିହାରରେ ରହୁଥିବା ମୁରଲୀଧର ପ୍ରଧାନ(୬୬)ବୁଧବାର ସନ୍ଧ୍ୟାରେ ନିଜ ଗାଁକେ. ନୂଆଗାଁ ଥାନା ଅନ୍ତର୍ଗତ ହାତୀଆଡ଼ି ଗ୍ରାମକୁ ଯାଉଥିଲେ । ସେ ନିଜ ସ୍କୁଟିରେ ଯାଉଥିବା ବେଳେ ବାଲିପଡା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ ଛିଟିକି ପଡିଥିଲେ । ତାଙ୍କ ମୁଣ୍ଡରରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ଗୁରୁତର ଥିବା ବୃଦ୍ଧଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ବୁଧବାର ରାତ୍ର ୧୦ ଟା ବେଳେ ଆମ୍ବଗଡ ଛକରେ ଏକ ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିଲେ । ତାକୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ । ମୃତ ଯୁବକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଅଲାରିଗଡର କୃଷ୍ଣ ନାହାକ(୩୩) । ଗୁରୁବାର ମୃତଦେହ ବ୍ୟବଛେଦ ପରେ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ପୃଥକ ଭାବେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।


# କପିସି-ପିଏନ୍‌ଡ଼ିଟି ଆକଟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ



ବାରିପଦା, (ସବ୍ୟୁ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତା ରେ ପିସିପିଏନଡ଼ିଟି ଆକଟର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବରେ ରୋକାଯାଇପାରିବ ସେଥିପାଇଁ ଗୁରୁତର ସହ ଧ୍ୟାନ ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କାର୍ଯ୍ୟକ୍ଷମ ଥିବା ପଞ୍ଜିକୃତ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସମୀକ୍ଷା କରାଯାଇଥିଲା। ବୈଠକରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା। ନୂତନ ଅଲଟ୍ରା ସାଉଣ୍ଡ କ୍ଲିନିକ ପାଇଁ ଆବେଦନ କରିଥିବା ଦରଖାସ୍ତ ଏବଂ ନବୀକରଣ ପାଇଁ ଆବେଦନ କରିଥିବା ଦରଖାସ୍ତ ଗୁଡିକ ପ୍ରମାଣପତ୍ର ପାଇଁ କମିଟିରେ ଉପସ୍ଥାପନ କରାଯାଇଥିଲା ।

ଲିଙ୍ଗ ନିରୂପଣକୁ ରୋକିବା ଦିଗରେ କ୍ଲିନିକ ଗୁଡିକରେ ଅଚାନକ ତନଖି କାର୍ଯ୍ୟ ନିୟମିତ ଭାବରେ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ଜନସାଧାରଣ କିପରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃ ବିଜୟ କୁମାର ଦାଶ, ପରିବାର କଲ୍ୟାଣ ଅଧିକାରୀ ଡାଃ ସୁନନ୍ଦା ମିଶ୍ର, ଡାଃ ସୁଯୋଗ ନାୟକ, ଡାଃ ହରିଶ୍ଚନ୍ଦ୍ର ସାହୁ, ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଲିଗାଲ ମ୍ୟାନେଜର ପ୍ରବୋଧ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂମିହୀନ ପରିବାରଙ୍କୁ ମିଳିଥିବା ଜମିପଟ୍ଟାର ନକ୍ସା ପ୍ରଦାନ କରିବାକୁ ଦାବି କଲା ଜାଗ ମୟୂରଭଞ୍ଜ ଜାଗ



ବାରିପଦା, (ସବ୍ୟୁ) : ଶାମାଖୁଣ୍ଟା ତହସିଲ ଭାଲୁକି ରାଜସ୍ୱ ନିରୀକ୍ଷକ ଅଧିନ ଅଖରଶିଳା ମୌଜାରେ ୧୯୯୮ ମସିହାରେ ୩୦ଜଣ ଭୂମିହୀନ ପରିବାରଙ୍କୁ ସରକାରଙ୍କ ତରଫରୁ ୪ ଡ଼ିସିମିଲ ଲେଖାଏଁ ଜମିର ଜମିପଟା ପ୍ରଦାନ କରାଯାଇଥିଲେ ସୁଦ୍ଧା ଜମି ଚିହ୍ନଟ କରି ଦଖଲ ଦିଆଯାଇନଥିବାରୁ ଆଜି "ଜାଗ ମୟୂରଭଞ୍ଜ ଜାଗର ଅଧକ୍ଷ ଅରୁଣ କୁମାର ବେହେରଙ୍କ ନେତୃତ୍ୱରେ ଜମିପଟା ପାଇଥିବା ୩୦ଜଣ ପରିବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି ତୁରନ୍ତ ଗ୍ରାମବାସୀଙ୍କୁ ମିଳିଥିବା ଜମି ଚିହ୍ନଟ କରେଇ ଜମିର ଦଖଲ କରେଇବା ସହିତ ଜମିର ନକ୍ସା ପ୍ରଦାନ କରାଯାଉ, ନହେଲେ ବାଧ୍ୟ ହୋଇ ଆନ୍ଦୋଳନର ପ୍ରଥା ଆପଣାଇବେ ବୋଲି କହିଛନ୍ତି ।

୧୯୯୮ ମସିହାରୁ ୨୦୨୫ ମସିହା ଦୀର୍ଘ ୨୭ବର୍ଷ ଧରି ଉକ୍ତ ଜମିର ଖଜଣା ପ୍ରଦାନ କରିଚାଲିଛନ୍ତି ହେଲେ ଜମିର ନକ୍ସା ପ୍ରଦାନ କିମ୍ବା ଜମି ଚିହ୍ନଟ କରେଇ ଦଖଲ କରେଇ ନାହାଁନ୍ତି । ଏଥିନିମନ୍ତେ ଜମିପଟ୍ଟାଧାରୀ ପରିବାର ବାରମ୍ବାର ଶାମାଖୁଣ୍ଟା ତହସିଲଦାର ଭାଲୁକି ରାଜସ୍ୱ ନିରୀକ୍ଷକଙ୍କୁ ଜଣେଇଥିଲେ ସୁଦ୍ଧା କୌଣସି ପ୍ରକାର ସହାୟତା ମିଳିନାହିଁ ।

ଏଣୁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆସି ଫେରିଯାଉଛି, ଜମି ଚିହ୍ନଟ ହୋଇନଥିବାରୁ ଲୋକେ ଘର କରିବାରେ ସକ୍ଷମ ହୋଇ ପାରୁନାହାନ୍ତି, ସରକାର ବଦଳି ଯାଇଥିଲେ ସୁଦ୍ଧା ଲୋକଙ୍କ ଭାଗ୍ୟ ବାଦଳୁନି ବୋଲି ଲୋକେ କହୁଛନ୍ତି, ଦୀର୍ଘ ୨୭ବର୍ଷ ଧରି ଲୋକେ ଜମି ଦଖଲ ପାଇବାରୁ ବଞ୍ଚିତ ଥିବା ଜାଣି ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପ-ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଲୋକଙ୍କୁ ଜମି ଚିହ୍ନଟ କରେଇ ଜମିର ଦଖଲ ଦେବାପାଇଁ । ଅରୁଣ କୁମାର ବେହେରାଙ୍କ ସହିତ ସୁନାରାମ ସିଂ, ଭାଗିରଥୀ ହାଁସଦାଃ, ମଙ୍ଗଳ ସିଂ, ଚୁନୁରାମ ସିଂ, ସୋମନାଥ ସିଂ, ସୁରେନ୍ଦ୍ର ପଳେଇ, ରବୀନ୍ଦ୍ର ନାଏକ ଓ ପ୍ରଦୀପ ନାଏକ ପ୍ରମୁଖଙ୍କ ସହ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିର ଉନ୍ନତିକରଣ ନିମନ୍ତେ ପଦକ୍ଷେପ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନଂ-୧୨ର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ପରିଦର୍ଶନ କରି ସଫା-ସୁତରା ଏବଂ ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୟରେ ମନ୍ଦିର ପରିସରର ରାସ୍ତା ସଫା ନହେବା ଏବଂ ସାମାନ୍ୟ ବର୍ଷାରେ ପାଣି ଜମି ରହିଥିବାରୁ କାଦୁଅ ସମସ୍ୟା ସମ୍ପର୍କରେ କମିଟି ଅବଗତ କରାଇ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ । ଏଥିସହିତ ନୀଳକଣ୍ଠେଶ୍ୱର ଶ୍ମଶାନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ବିଷୟରେ ମଧ ବିଧାୟକଙ୍କୁ ଅବଗତ କରାଯାଇଥିଲା । ବିଧାୟକ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୃହ ଉଦ୍‌ଘାଟନ କଲେ ନରସିଂହ



ବଲାଙ୍ଗିର,(ସବ୍ୟୁ): ଅଞ୍ଚଳର ଲୋକଙ୍କ ଭିତର ଏକତା ଓ ଶୃଙ୍ଖଳା ରହୁ ଯା ଦ୍ୱାରା ଆପଣମାନଙ୍କ ଭିତରେ ଭାଇଚାରା ପ୍ରତିଷ୍ଠା ହୋଇପାରିବ, ତା ସହ ଆପଣମାନେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରନ୍ତୁ ଯାହାକି ଆପଣମାନଙ୍କର ତଥା ଏ ଅଂଚଳର ସାମଗ୍ରିକ ବିକାଶ ସମ୍ଭବ ହେବ ବୋଲି ଗୁରୁବାର ଶିକାଛିଡା ପଂଚାୟତ ଶିକାଛିଡା ଠାରେ ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କୋଠା ଉଦ୍ଘାଟନ ଅବସରରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି । ଅଞ୍ଚଳର ଛୋଟ ଶିଶୁମାନଙ୍କ ବିଦ୍ୟା ଅଧ୍ୟୟନ ପ୍ରତି ଧ୍ୟାନ ଦିଅନ୍ତୁ । ସ୍କୁଲ, କଲେଜର ଅଭାବ ଯେପରି ପୁରଣ ହୋଇପାରିବ ସେ ଦିଗରେ ଏକତ୍ରିତ ହୋଇ କାମ କରନ୍ତୁ । କାରଣ ଆପଣମାନେ ବିଭାଜିତ ହେଲେ ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଶ୍ରୀ ମିଶ୍ର କହିଥିଲେ । ବିଜୁଳି, ପାଣି ସମସ୍ୟା ଉପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ ଶ୍ରୀ ମିଶ୍ର । ଆଗାମୀ ୧୫ ତାରିଖ ଦିନ ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ହେବାକୁ ଥିବା ନୂଆଁଖାଇ ଭେଟଘାଟ ପାଇଁ ଆଲୋଚନା ହେବା ସହ ଅନୁଷ୍ଠାନର ଏକ ଲୋଗୋ କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉନ୍ମୋଚନ କରିଥିଲେ । ସଭାରେ ଅନୁଷ୍ଠାନର ସଭାପତି ଆଦିକନ୍ଦ ବଗର୍ତ୍ତି, ସଂପାଦକ ରମାକାନ୍ତ ନାଏକ, ଅଟଳ ବିଶି, ପ୍ରଦୀପ ଦେହେରି, ରିଙ୍କୁ ରାଉତ, ସନ୍ତୋଷ ଦେହେରି, ରଂଜିତ କରନ, ମନୋଜ ବିଶ୍ୱାଳ, ସୁବଳ ମେହେର, ଗୁପ୍ତେଶ୍ୱର ପାତ୍ର, ପରମେ ବଗର୍ତ୍ତି, ରାଜ କୁମାର ଭାଟି ତଥା ସାମାଜିକ କର୍ମୀ ସନ୍ଦୀପ ବାଗ ଓ ବିନୋଦ କାଲସାଏ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମଣ୍ଡିରେ ଚାଷୀ ପଞ୍ଜିକରଣ ଆଳରେ ର୍ୟାକେଟ

ଟିଟିଲାଗଡ଼,(ସବ୍ୟୁ): ଏବେ ଠାରୁ ବିଭିନ୍ନ ସେବା ସମବାୟ ସମିତି ମାନଙ୍କରେ ଚାଷୀ ମାନଙ୍କ ନାମ ପଞ୍ଜିକରଣ ନେଇ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି । ଟିଟିଲାଗଡ଼ ବ୍ଲକ ଘୁଡାର, ମାର୍ଲାଡ଼, ବିନେକେଲା, ବାଏଲ ପଦର, ଲେସୁନ ବାହାଲି, ସେଲୁଆ, ବୁଢା ବନ୍ଧ, ଶୁକନା ଭଟା ସିଂହନି, ଖଇରଖୁଟ ଗ୍ରାମ ମାନଙ୍କରେ ଅନେକ ଭାଗ ଚାଷୀ ସେମାନଙ୍କ ଜମି କାଗଜ ପତ୍ର ନଥିବା ଯୋଗୁଁ ନିଜ ଚାଷର ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେବା ନିଶ୍ଚିତ ହୋଇଛନ୍ତି । ଟିଟିଲାଗଡ଼ ସହରର ଜନୈକ ଚାଷୀ ବିଜେପୁର ଏବଂ ବାନ୍ଧୁପଲା ସେବା ସମବାୟ ସମିତିରେ ନିଜର ପାତିଆରା ଜାହିର କରି ଅନେକ ଚାଷୀଙ୍କ ନାମ ପ୍ୟାକ୍ସ ହାଉସରେ ପଞ୍ଜିକରଣ କରିଥିବା ଅଭିଯୋଗ ଏବେ ସମଗ୍ର ଟିଟିଲାଗଡ଼ ସହରରେ ଦେଖିବାକୁ ମିଳିଲାଣି । ଘୁଡାର ଅଂଚଳର କେତେକ ଚାଷୀଙ୍କ କହିବା କଥା ଯେ କୁଆଡେ ବାବୁ ଜଣଙ୍କ ଆଗୁଆ କିଛି ଚାଷୀଙ୍କୁ ୧୦ ହଜାର ଟଙ୍କା ଆଗୁଆ ଦେଇ ସେମାନଙ୍କ ଫସଲ ଅମଳ ସମୟରେ ଚାଷୀ କାର୍ଡ ଯୋଗାଇ ଦେବା ସହ ଆଧାର କାର୍ଡ, ବ୍ୟାଙ୍କ ପାସବୁକ ସହ ଏଟିଏମ କାର୍ଡ ନିଜ ପାଖରେ ରଖିଥିବା ନେଇ କହିଛନ୍ତି । ଧାନ ଅମଳ ହେବା ପରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ବେପାରୀ ହାତରେ ଟେକି ଦେବାକୁ ବାଧ୍ୟ ହୋଇଥାନ୍ତି । କେବଳ ବାନ୍ଧୁ ପଲା ଏବଂ ବିଜେପୁର ମଣ୍ଡିରେ ଦଲାଲ ମାନେ ପ୍ୟାକ୍ସ ସମ୍ପାଦକ ମାନଙ୍କ ସହ ମିଶି ତିନିଶହରୁ ୪ଶହ କ୍ୱିଣ୍ଟାଲ ଧାନ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ଗୋଟିଏ ସିଜନ ରେ ହିଁ ଲାଭ କରୁଛନ୍ତି ।ବ୍ୟାଙ୍କ ପାସ ବୁକ ସହ ସମସ୍ତ ଦସ୍ତାବେଜ ରଖିଥିବା ଚାଷୀଙ୍କୁ କେବଳ ଟୋକନ ବା ଚାଷୀ କାର୍ଡ ପିଛା ୩ଶହରୁ ୪ଶହ ଟଙ୍କା ଦେଉଥିବା ବେଳେ କାଁ ଭାଁ କେତେକ ଚାଷୀଙ୍କୁ ୫ଶହ ଟଙ୍କା ଦେଇଥାନ୍ତି । ମଣ୍ଡିରେ ପ୍ରଥମେ ଦଲାଲ ବା ବେପାରୀ ମାନଙ୍କ ଫସଲ ଉଠିବା ପରେ ଅନ୍ୟାନ୍ୟ ଚାଷୀ ମାନଙ୍କ ନାମକୁ ମାତ୍ର ଧାନ ସଂଗ୍ରହ କରୁଥିବା ନେଇ ଅନେକ ଚାଷୀ ଅଭିଯୋଗ କରିଛନ୍ତି ।

ଏହି ଘଟଣାକୁ ନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଚଳିତ ବର୍ଷ ସମସ୍ତ ଚାଷୀ ମାନଙ୍କୁ ଅଭାବୀ ବିକ୍ରି ବା ଦଲାଲ ମାନଙ୍କ ଶୋଷଣର ଶିକାର ହେବା ପୂର୍ବରୁ ଉପଯୁକ୍ତ ତଦନ୍ତ କରାଯିବା ନେଇ କହିଛନ୍ତି । କେଉଁଠି ଯଦି ଦଲାଲ ବା ବେପାରୀ ମାନଙ୍କ ଭୂମିକା ସାମ୍ନାକୁ ଆସେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇ ସମ୍ପୃକ୍ତ ପ୍ୟାକ୍ସ ହାଉସ ସମ୍ପାଦକ, କର୍ମଚାରୀ ମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏମିତି କି ୟୁରିଆ ସାର କଳାବଜାରକୁ ନେଇ ମଧ୍ୟ ଉପଜିଲ୍ଲାପାଳ ତାଗିଦ କରିବା ସହ ଚାଷୀ ମାନଙ୍କୁ ଉଚିତ ମୂଲ୍ୟରେ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଟିଟିଲାଗଡ଼ ଉପଖଣ୍ଡର ସମସ୍ତ ପ୍ୟାକ୍ସ ହାଉସ ମାନଙ୍କରେ ହୋଇଥିବା ଚାଷୀ ପଞ୍ଜିକରଣ ର ତଦନ୍ତ କରାଯିବ, ଆବଶ୍ୟକ ହେଲେ କ୍ଷେତ ବିଲ ବାଡ଼ିକୁ ମଧ୍ୟ ଯାଇ ତଦନ୍ତ କରାଯିବା ସହ ଚାଷୀ ମାନଙ୍କୁ ଅଭାବୀ ବିକ୍ରିର ଶିକାର ନ ହେବା ନେଇ ସଚେତନ କରାଯିବାକୁ ସୂଚନା ଦେଇଛନ୍ତି ।

# କପା ଚାଷୀଙ୍କ ପାଇଁ ପ୍ରଚାର ରଥର ଶୁଭାରମ୍ଭ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାର କପା ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଖରିଆର ରୋଡଙ୍କ ସୌଜନ୍ୟରୁ ସଜ୍ଜିତ ଦୁଇଟି ପ୍ରଚାର ରଥକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଶୁଭାରମ୍ଭ କରିଛନ୍ତି । ଏହି ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ୍, ସମବାୟ ଏବଂ କୃଷି ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ରାଜ୍ୟରେ କପା ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଲମ୍ବ ଦୈର୍ଘ୍ୟ କପାର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୮୧୧୦ ଟଂକା ରହିଛି । ଜିଲ୍ଲାରେ ୧୯, ୭୫୦ ହେକ୍ଟରରେ କପାଚାଷ ହୋଇଛି ଏବଂ ୧,୯୭, ୦୦୦ କୁଇଣ୍ଟାଲ କପା ଅମଳ ଲକ୍ଷ ରହିଛି । କପା ବିକ୍ରି କରିବାକୁ ଇଚ୍ଛୁକ ଚାଷୀ ମାନେ ଗୁଗଲ ପ୍ଲେଷ୍ଟୋର ଏବଂ ଆପଲ ଆଇଓଏସ ଷ୍ଟୋର ରେ ଉପଲବଧ ମୋବାଇଲ ଆପ କପାସ କିଶାନ ମଧ୍ୟମରେ ନିଜକୁ ପଞ୍ଜୀକୃତ କରି ପାରିବେ। ପଞ୍ଜିକରଣ ଅବଧି ୦୧-୦୯ ରୁ ୩୦/୦୯ ପର୍ଯ୍ୟନ୍ତ ରହିବ। ଏହା ଅନୁସରଣ କରିବାକୁ ତିନୋଟି ସରଳ ପଦକ୍ଷେପ ରହିଛି । ପ୍ରଥମରେ କପାଶ କିଶାନ ଆପ ଡାଉନ୍ ଲୋଡ କରିବେ। ଦ୍ୱିତୀୟରେ ଜମି ରେକର୍ଡ , ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଯଥାର୍ଥ ପ୍ରମାଣିତ କପା ଫସଲର ରେକର୍ଡ, ଆଧାର କାର୍ଡ , ଫୋଟୋ ଭଳି କାଗଜ ପତ୍ର ପ୍ରସ୍ତୁତ କରିବେ। ତୃତୀୟରେ ଦିଆଯାଇଥିବା ସମୟ ମଧ୍ୟରେ ଇ- ପଞ୍ଜିକରଣ ସମାପ୍ତ କରିବେ । ସମସ୍ତ କପା ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ ଏସ ପି) ଯୋଜନାରେ ଲାଭ ପାଇବା ପାଇଁ ଉପଯୁକ୍ତ ସମୟ ମଧ୍ୟରେ ପଞ୍ଜିକରଣ କରିବାକୁ ପ୍ରଚାର ରଥ ମଧ୍ୟମରେ ସୂଚନା ଦିଆ ଯାଉଛି । ସବିଶେଷ ସୂଚନା ପାଇଁ ଚାଷୀ ମାନେ ନିୟନ୍ତ୍ରିତ ବଜାର କମିଟି , ଖରିଆର ରୋଡ ସହ ମୋବାଇଲ ନମ୍ବର ୯୯୩୮୭୨୮୬୪୧ ଓ ୯୯୩୭୯୨୯୪୮ ଯୋଗାଯୋଗ କରି ପାରିବେ। ଭାରତୀୟ କପା ନିଗମ ଚାଷୀ ମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ କପା ଧାର୍ଯ୍ୟ ମୂଲ୍ୟରେ କିଣି ନେବା ପାଇଁ ପ୍ରସ୍ତୁତ । ଚାଷୀ ମାନେ ଉତ୍ସାହର ସହିତ କପା ଚାଷ କରନ୍ତୁ ଏବଂ କୌଣସି ଦଲାଲ ହାତରେ ନ ପଡ଼ିବା ପାଇଁ ଜିଲ୍ଲପାଳ ଚାଷୀ ମାନଙ୍କୁ ସଚେତନ କରିଛନ୍ତି ।

# ରାସ୍ତାକଡ଼ ଗଛକୁ ଧକ୍କା ଦେଇ କଲେଜ ଛାତ୍ରଙ୍କ ମୃତ୍ୟୁ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜର ଜଣେ ଛାତ୍ରଙ୍କ ସଡ଼କ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ କୁସମୀ ଫାଣ୍ଡି ଅନ୍ତର୍ଗତ ସାନମୁଣ୍ଡଲୋଇ ଗ୍ରାମର ରୋଶନ ଜୟପୁରିଆ (୧୯)। ଘଟଣାରୁ ପ୍ରକାଶ ଯେ ରୋଶନ ଜୟପୁରିଆ କଲେଜ ପାଠ ପଢୁଥିଲେ ମଧ୍ୟ ପାର୍ଟ ଟାଇମ ଗାଡ଼ି ଡ୍ରାଇଭିଂ କରନ୍ତି। ବୁଧବାର ସନ୍ଧ୍ୟାରେ ଝିପିଝିପି ବର୍ଷାରେ ଏକ ଚାରିଚକିଆ ଗାଡ଼ିରେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଥିଲେ। ରାସ୍ତାକଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗାଡ଼ିର ଷ୍ଟିୟରିଂ ଛାତିରେ ଚାପି ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ରୋଶନଙ୍କୁ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୁସମୀ ଫାଣ୍ଡିରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଅଞ୍ଚଳରେ ଶୋକର ଲହରୀ ଖେଳି ଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଦେବଗଡ଼,(ସବ୍ୟୁ): ଦେବଗଡ଼ଜିଲ୍ଲା ରିଆମାଳ ରେଞ୍ଜ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୋରଡପଶି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କୋରଡ଼ପଶି ଗ୍ରାମର କୁହ୍ନ ନାୟକ(୬୦)। ସେ ନିଜ ଗ୍ରାମ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ଘଟିବା ପରେ ସ୍ଥାନୀୟ ଲୋକମାନେ ବନ ବିଭାଗ ଓ ପୁଲିସ ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜର ନିରଞ୍ଜନ ଧରୁଆ,ଫରେଷ୍ଟର ମନ୍ମଥ ବେହେରା, କୁଣ୍ଢେଇଗୋଳା ଥାନା ଅଧିକାରୀ ଜନ୍ କୁଜୁର୍ ଓ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମୃତକଙ୍କର ଶବ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଛି । ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ପ୍ରତିବର୍ଷ ହାତୀ ଆକ୍ରମଣରେ ବାରମ୍ବାର ଲୋକ ମାନଙ୍କର ମୃତ୍ୟୁ ଘଟୁଥିବା ବେଳେ, ଟ୍ରାଙ୍କୁଲାଇଜ କରି ହାତୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଲୋକେ ଦାବି କରିଛନ୍ତି।

# ଭିସୁଟ୍‌ରେ ଅଗ୍ନିକାଣ୍ଡ ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଅଗ୍ନିକାଣ୍ଡ ଘଟିଛି । ଫଳରେ ଅନେକ ଯନ୍ତ୍ରାଂଶ ପୋଡି ନଷ୍ଟ ହୋଇଥିବା ଜଣାପଡିଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୂଚନାଯୋଗ୍ୟ, ଭିସୁଟ୍‌ର ଲାବ୍ରୋଟରୀରେ କୌଣସି କାରଣରୁ ସଟ୍‌ସର୍କିଟ ହୋଇଥିଲା । ଏହା ଏତେ ଭୟଙ୍କର ଥିଲା ଯେ, ଏହାକୁ ରୋକିବାକୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନେ ସକ୍ଷମ ହୋଇନଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତିଥିବା ବେଳେ ଭୟଭୀତ ହୋଇ ପଡିଥିଲେ ।

# ସାମ୍ବାଦିକଙ୍କ ପୁତ୍ର ବିୟୋଗ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଗାଇସିଲାଟ ବ୍ଲକ ଦୈନିକ ଧରିତ୍ରୀ ଖବର କାଗଜର ପ୍ରତିନିଧି ଦୁର୍ଗାପ୍ରସାଦ ତ୍ରିବେଦୀଙ୍କ ଏକମାତ୍ର ପୁତ୍ର ସରୋଜଙ୍କ ବୁଧବାର ରାତି ୧୨ଟାରେ ତାଙ୍କର ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ହେଉଥିଲା । ନିକଟସ୍ଥ କନ୍ଦାଗାଡ ବିଦ୍ୟାଳୟରେ ସେ ଜୁନିଅର କିରାଣୀ ଭାବେ କାର୍ଯ୍ୟ କରୁଥିଲେ ।ସେ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟ ନିଷ୍ଠ ତଥା ପରୋପକାରୀ ମଣିଷ ଥିଲେ । ଗାଁ ସ୍ମଶାନରେ ଶବ ସତ୍କାର କରାଯାଇଥିଲା ।ତାଙ୍କ ମର ଶରୀରକୁ ଭାଇ ସୌରଭ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଖଇର କାଠ ଓ ବ୍ୟବହୃତ ଗାଡି ଜବତ, ଅଭିଯୁକ୍ତ ଗିରଫ



ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଗାଇସିଲାଟ ଥାନା ଅନ୍ତର୍ଗତ କନ୍ଧମୁଣ୍ଡା ଅଂଚଳରୁ ଖଇରକାଠ ଚୋରା ଚାଲାଣ ହେଉଥିବା ପଦ୍ମପୁର ରେଞ୍ଜର ରଣଜିତ ସିଂ ବାବୁ ଖବର ପାଇଥିଲେ । ପଦ୍ମପୁର ରେଞ୍ଜରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଘଟଣା ସ୍ଥଳରେ ଚଢାଉ କରିଥିଲେ ଓ ସେଠାରୁ ଗୋଟିଏ ବୋଲେରୋ ପିକଅପ ଯାହାର ନମ୍ବର ଓଡି ୦୮ ଡି ୫୨୧୧ ଓ ୬.୫ କ୍ୱିଣ୍ଟାଲ ଓଜନର ଖଇର କାଠ ଜବତ କରିଥିଲେ । ଜବତ ଖଇର କାଠର ମୂଲ୍ୟ ୩୨,୫୦୦ ଟଙ୍କା ରହିଥିବା ଜଣାପଡିଛି । ଖଇର କାଠ ଚାଲାଣ ଅଭିଯୋଗରେ ଗାଇସିଲାଟ ଥାନା ଅନ୍ତର୍ଗତ କନ୍ଧମୁଣ୍ଡା ଗାଁ ର ଭେଲମଣି ସାହୁକୁ ଗିରଫ କରିଥିଲେ । ପଦ୍ମପୁର ରେଞ୍ଜ କେଶ ନମ୍ବର ୨୮/ ୨୦୨୫ ଆଧାରରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ରେଞ୍ଜର ରଣଜିତ ସିଂ ବାବୁ ସୂଚନା ଦେଇଛନ୍ତି । ଚଢାଉରେ ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ଝରଣା ସାହୁ,ଫରେଷ୍ଟ ଗାର୍ଡ ପୃଥ୍ୱିରାଜ ଭୋଇ,ସ୍କାର୍ଡ ମନ ଥେଠୁଆ,ସୁଧାଂଶୁ ଭଏଁସା,ତରଣୀ ଦାଶ,ମନୋଜ ବଡଗୁଛିଆ,ଯଶୋବନ୍ତ ସାହୁ, ନିରାକାର ନାଏକ,ଗଣେଶ ସାହୁ ପ୍ରମୁଖ ସାମିଲ ଥିଲେ ।

# ପିଡିଏସ୍ ସାମଗ୍ରୀ ବାଟମାରଣା ବେଳେ ଧରିଲେ ଲୋକେ



କୋକସରା,(ସବ୍ୟୁ): ସାଧାରଣ ବଣ୍ଟନ ନିମନ୍ତେ ଆସୁଥିବା ପିଡିଏସ୍ ସାମଗ୍ରୀ ପୁଷ୍ଟିକର ଖାଦ୍ୟ ମାଣ୍ଡିଆ ପଞ୍ଚାୟତ ଗୋଦାମ ଗୃହକୁ ପହଞ୍ଚିବା ଆଗରୁ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି କୋକସରା ବ୍ଲକ ମୁଷାପାଲି ଗ୍ରାମ ପଞ୍ଚାୟତରୁ। ସୂଚନା ଅନୁସାରେ, ଗୁରୁବାର ସାଧାରଣ ବଣ୍ଟନ ନିମନ୍ତେ ପିଡିଏସ୍ ସାମଗ୍ରୀ ପୁଷ୍ଟିକର ଖାଦ୍ୟ ମାଣ୍ଡିଆ ଶହେ ବାସ୍ତା ମୁଷାପାଲି ପଞ୍ଚାୟତ ଗୋଦାମ ଗୃହକୁ ଆସୁଥିଲା। ତେବେ ପଞ୍ଚାୟତକୁ ପହଞ୍ଚିବା ଆଗରୁ ସାମଗ୍ରୀ ଆସୁଥିବା ଟ୍ରକ୍ (ସିଜି୦୪ଜେଡି ୭୨୨୪) ନମ୍ବର ଗାଡ଼ିରୁ ଅଧାବାଟରେ ୩ ପକେଟ୍ ମାଣ୍ଡିଆ ଓହ୍ଲାଇ ଜଣେ ଲୋକଙ୍କୁ ଦିଆଯାଉଥିଲା। ଏହାଦେଖି ଜଣେ ହିତାଧିକାରୀ ପିଡିଏସ୍ ମାଣ୍ଡିଆକୁ ଅଧା ବାଟରେ କାହିଁକି ବାଟମାରଣା କରାଯାଇଛି ବୋଲି ପଚାରିବା ସହିତ ଗାଡ଼ିକୁ ଫଟୋ ଉତ୍ତୋଳନ କରିଥିଲେ। ତେବେ ଗାଡ଼ିରେ ଥିବା ଡ୍ରାଇଭର ପଞ୍ଚାୟତର ଯୋଗାଣ ସହାୟକ କହିବାରୁ ମାଣ୍ଡିଆ ଟ୍ରକରୁ ଅନଲୋଡ଼ କରୁଥିବା ଡ୍ରାଇଭର ପ୍ରତିକ୍ରିୟା ରଖିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତି ଜଣ ୩ ପକେଟ୍ ମାଣ୍ଡିଆ ନେଇ ସେଠାରୁ ଚାଲି ଯାଇଥିଲେ। ଗ୍ରାମବାସୀ ଟ୍ରକ୍‌କୁ ଅଟକ ରଖି କୋକସରା ଥାନା ପୁଲିସକୁ ଖବର ଦେଇଥିଲେ। ଏହାପରେ ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ସହିତ ଡ୍ରାଇଭରଙ୍କୁ ଥାନାରେ ଆଣି ପଚରାଉଚରା ଆରମ୍ଭ କରିଥିଲେ। ଏଥି ସହିତ ୩ ପକେଟ୍ ମାଣ୍ଡିଆକୁ ଜବତ କରିବା ସହ ମାଣ୍ଡିଆ ନେଇ ଯାଇଥିବା ମୁଷାପାଲି ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ମଧ୍ୟ ଥାନାରେ ଆଣି ପଚରାଉଚରା କରୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ବିଷୟରେ ମୁଷାପାଲି ଗ୍ରାମ ପଞ୍ଚାୟତ ଯୋଗାଣ ସହାୟିକା ଓ କୋକସରା ବ୍ଲକ ଯୋଗାଣ ନିରିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଅନିଶ୍ଚିତତା ମଧ୍ୟରେ ବୌଦ୍ଧ ଜିଲ୍ଲାର ୨୧ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ବୌଦ୍ଧ,(ସବ୍ୟୁ) : ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା, ଉନ୍ନତ ଭିତିଭୂମି , ଶିକ୍ଷା ଓ ସାମଗ୍ରୀକ ବିକାଶ ପାଇଁ ନିର୍ବାଚନ ପୂର୍ବରୁ ପ୍ରତି ପଂଚାୟତରେ ଗୋଟିଏ ଲେଖାଁଏ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ । ନିର୍ବାଚନ ପରେ ସରକାରକୁ ଆସିବା ପରେ ଏହି ଯୋଜନାର କାର୍ଯ୍ୟକାରି ଆରମ୍ଭ କରାଯାଇଛି । ଏହାର ନାମକରଣ ମଧ୍ୟ କରାଯାଇ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବୋଲି ଘୋଷଣା କରିଛନ୍ତି । ବର୍ତ୍ତମାନ ଏହା ରାଜ୍ୟରେ ପ୍ରତି ପଂଚାୟତର ସଦରରେ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯୋଜନା ଆରମ୍ଭ ହୋଇଯାଇଛି । ଏହି ବିଦ୍ୟାଳୟ ଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବେ । ଏହି କ୍ରମରେ ବୌଦ୍ଧ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ୨୧ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯୋଜନା ରହିଛି । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରହିବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ହରଭଙ୍ଗା ବ୍ଲକର ପୁରୁଣାକଟକ ୟୁପିଏସ କୁ ସାମିଲ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଓ କନ୍ଧମାଳ ବ୍ଲକର ୭ଟି ଲେଖାଁଏ ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ହରଭଙ୍ଗା ବ୍ଲକର ୬ଟି ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଛି । ସେଥିମଧ୍ୟରୁ ୫ଟି ସ୍କୁଲକୁ ଶିଳାନ୍ୟାଶ ପାଇଁ ପ୍ରସ୍ତୁତ କରାଯାଇଛି । ହେଲେ ବର୍ତ୍ତମାନ ଦେଖିବାକୁ ମିଳିଛି ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯେଉଁ ଗାଇଡ ଲାଇନ ଜାରି କରିଛନ୍ତି ଓ ସେହି ଗାଇଡ ଲାଇନ ମଧ୍ୟରେ ଜିଲ୍ଲାର ଗୋଟିଏ ବି ବିଦ୍ୟାଳୟ ଆସୁନାହିଁ । ଯାହାକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱନ୍ଦ୍ୱରେ ରହିଯାଇଛି ।

ମାର୍ଗଦର୍ଶିକା ଅନୁସାରେ ଗୋଟିଏ ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ପିଲା ରହିଥିଲେ ଏବଂ ଅନ୍ୟଟି ହେଲା ବିଦ୍ୟାଳୟର ୨ ଏକର ଖାଲି ଜାଗା ରହିଥିବା । ଯାହାଫଳରେ ସରକାର ସେହି ଖାଲି ଥିବା ସ୍ଥାନ ଗୁଡିକରେ ଶିକ୍ଷାର ଭିତିଭୂମି ତିଆରି କରିବେ । ଜିଲ୍ଲାର କୌଣସି ବିଦ୍ୟାଳୟରେ ପ୍ରଥମରୁ ପଂଚାମ ଭିତରେ ୧୦୦ ପିଲା ନ ଥିବା ବେଳେ ୨ ଏକର ଖାଲି ଜାଗା ନାହିଁ । ଆଦର୍ଶ ବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଯେଉଁ ଆଶା କରାଯାଉଥିଲା । ତାହା ବର୍ତମାନ ଖୋଲିବକି ନାହିଁ ସନ୍ଦେହ ମଧ୍ୟରେ ରହିଛି । ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୨୦ଟି ବିଦ୍ୟାଳୟ ଏଥିରେ ସାମିଲ ଅଛି ସେଗୁଡିକ ହେଲା ବୌଦ୍ଧ ବ୍ଲକର ମୁଣ୍ଡାପଡା ଜିୟୁପିଏସ, ୟୁପିଏସ ବାଦୀକଟା, ତିଲପଙ୍କା ୟୁପିଏସ, ୟୁପିଏସ ମକୁନ୍ଦପୁର, ବଢିଗାଁ ପିଏସ,ଜିୟୁପିଏସ କସୁରବନ୍ଧ, ଗୋଛାପଡା ୟୁପିଏସ, ହରଭଙ୍ଗା ବ୍ଲକର ୟୁପିଏସ ସରସରା, ୟୁପିଏସ ଚାରିଛକ, ୟୁପିଏସ ତୁକୁଲୁଣ୍ଡା,ୟୁପିଏସ ରାଧାନଗର, ୟୁପିଏସ ବେଜିଗୋରା, ୟୁପିଏସ ତାଳବାହାଲ, କନ୍ଧମାଳ ବ୍ଲକର ପୋଲସାଗୋରା ଏନୟୁପିଏସ, ବରଗୋଛା ଆଶ୍ରମ ସ୍କୁଲ, ଉମା ୟୁଜିଏମଇଏସ,କୁଲତାଯୋର ୟୁପିଏସ,ୟୁପିଏସ ଲମ୍ବସରୀ,ଗୋଛାଙ୍ଗି ଜିୟୁପିଏସ ବିଦ୍ୟାଳୟ ସାମିଲ ଅଛି । ଯେଉଁ ବିଦ୍ୟାଳୟ ଏହି ଆଦର୍ଶ ବିଦ୍ୟାଳୟ ଗୁଡିକରେ ସାମିଲ ସେହି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାକ ଏବଂ ଛାତ୍ରଛାତ୍ରୀମାନେ ଖୁସି ଥିବା ବେଳେ ଏବେ ସରକାରଙ୍କ ଏହି ନିଷ୍ପତି ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ସରକାର ଏନେଇ ଚିନ୍ତା କରିବେ ବୋଲି ଅଭିଭାବକ ମାନେ ଆଶାବାଦୀ ଅଛନ୍ତି । ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଟେମଲାଲ ଦୁବେଙ୍କୁ ପଚାରିବାରୁ ମୌଖିକ ଭାବରେ ଶୁଣିଛୁ ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି କୌଣସି ଚିଠି ଆସିନଥିବା ପ୍ରକାଶ କରିଛନ୍ତି ।

# ରେଡକ୍ରସର ଆହ୍ୱାନ ସମାଜ ସଂସ୍କୃତି ସମ୍ପନ୍ନ ଓ ମାନବବାଦରେ ପରିପୂର୍ଣ୍ଣ ରହୁ



ସୋନପୁର, (ସବ୍ୟୁ) : ବ୍ୟକ୍ତି ସତ୍ୟନିଷ୍ଠ ହୋଇ ସେବା କଲେ ସମାଜ ସଂସ୍କୃତି ସମ୍ପନ୍ନ ହୋଇଥାଏ ଓ ମାନବବାଦର ଉପଲବ୍ଧି ସମୂହ ପରିପୂର୍ଣ୍ଣ ରହିଥାଏ। ଏହି ଉକ୍ତିକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସୋନପୁର ସଦର ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସରରେ ଓଡ଼ିଶାର ୱେଷ୍ଟ ଜୋନ ଅନ୍ତର୍ଗତ ୮ ଗୋଟି ଜିଲ୍ଲାର ସମସ୍ତ ବ୍ଲକ୍‌ସ୍ତରୀୟ ଜୁନିଅର ରେଡକ୍ରସ ବ୍ଲକ ସଂଯୋଜକଙ୍କ ତିନିଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଂଯୋଜକ ମାନଙ୍କୁ ସଂସ୍କୃତି ସମ୍ପନ୍ନ ହୋଇ ମାନବ ସମ୍ବଳର ସୁରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲା ଶିକ୍ଷଧିକାରୀ ମୀନାରାଣୀ ମଙ୍ଗଳ ସଭାରେ ଅଧକ୍ଷତା କରି ଶିବିରରେ ତାଲିମ ପ୍ରସଙ୍ଗର ଶିକ୍ଷଣୀୟ ଉପାଦାନ ଗୁଡ଼ିକୁ ନିଜ ନିଜର ଛାତ୍ରଛାତ୍ରୀ ମାନଙ୍କୁ ଜଣାଇବାକୁ ଉଦବୋଧନ ଦେଇଥିଲେ। ଉଦ୍ଘାଟନୀ ଉତ୍ସବରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ସଂଗ୍ରାମ କେଶରୀ ଜେନା, ରାଜ୍ୟ ରେଡ଼କ୍ରସ ଓଡିଶା ଶାଖାଙ୍କ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ଘନଶ୍ୟାମ ମେହେର ପ୍ରମୁଖ ଶିବିରାର୍ଥି ମାନଙ୍କୁ ରେଡକ୍ରସର ସେବା ମୂଳକ କାର୍ଯ୍ୟକ୍ରମରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ। ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ଉଲୁଣ୍ଡା ବିଇଓ ଅଜୟ କୁମାର ଲୁହା, ସୋନପୁରରାଜ କଲେଜ ଯୁବ ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ ପ୍ରମୁଖ ଯୋଗଦେଇ ଶିବିରାର୍ଥି ମାନଙ୍କୁ ଉଦବୋଧନ ଦେଇଥିଲେ। ସାଧନ କର୍ମୀ ଲକ୍ଷ୍ମଣ ସ୍ୱାଇଁ, ଡ.ରବିଚନ୍ଦ୍ର ପଶାୟତ, ସୁରେନ୍ଦ୍ରନାଥ ସାମଲ, ଡ. ସତ୍ୟ ନାରାୟଣ ହୋତା, ସୁଦାମ ପଧାନ, ଆଶିଷ କୁମାର ଅଗ୍ରୱାଲ, ଡ଼ା ଦୁର୍ଗାଦତ୍ତ ଦାଶ ପ୍ରମୁଖ ପଶ୍ଚିମ ଓଡିଶାର ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ନୂଆପଡା, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଜିଲ୍ଲାର ୭୮ଜଣ ଶିବାରାର୍ଥିଙ୍କୁ ଦକ୍ଷତା ବୃଦ୍ଧି, ମୁର୍ଚ୍ଛା, ହାର୍ଟ ଆଟାକ୍, ବ୍ରେନ୍ ଷ୍ଟ୍ରୋକ, ପାଣିରେ ବୁଡିଯିବା, ବିଦ୍ୟୁତ ଧକ୍କା, ବିଜୁଳି ଓ ଘଡଘଡି, ସାପ କାମୁଡା ଆଦିର ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ସୁରକ୍ଷା, ସଡ଼କ ସୁରକ୍ଷା, ବିଦ୍ୟାଳୟରେ ରେଡ଼କ୍ରସ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ଦେଇଛନ୍ତି । ଜିଲ୍ଲା ଜୁନିୟର ରେଡ କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଶିବିରକୁ ପରିଚାଳନା କରିଥିଲେ । ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣୀ ବାଘ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ବ୍ଲକ ସଂଯୋଜକ ବୃନ୍ଦ ଖଲିଆପାଲି ସ୍ଥିତ ଭିମ ଭୋଇ ସାଧନା ପୀଠ ଓ ସୋନପୁର ସହରର ପ୍ରସିଦ୍ଧ ମନ୍ଦିର ଗୁଡ଼ିକୁ ପରିଦର୍ଶନରେ ଯାଇ ଧାର୍ମିକ ଓ ଇତିହାସର ଐତିହ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ଜିଲ୍ଲା ଜୁନିୟର ରେଡ କ୍ରସ ଉପସଭାପି ଗତିକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା



ସମ୍ବଲପୁର, (ସବ୍ୟୁ) : ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଇଂରାଜୀ ବିଭାଗ ଦ୍ୱାରା ୪ର୍ଥ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ପୌରହିତ୍ୟରେ ସଭା ହୋଇଥିଲା । ହାଇଦ୍ରାବାଦ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଫେସର ପ୍ରମୋଦ ନାୟାର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜଳବାୟୁ ମନୋବିଜ୍ଞାନ : ସାମ୍ପ୍ରତିକ ଅନିଶ୍ଚିତତାର ଯୁଗରେ ସାହିତ୍ୟ ଏବଂ ବହୁ ପ୍ରକାର ସମାନତା ଶୀର୍ଷକ ବିଷୟବସ୍ତୁ ଉପରେ ଉପାଦେୟ, ତଥ୍ୟ ଭିତ୍ତିକ ଓ ଯୁଗପଯୋଗୀ ବକ୍ତବ୍ୟ ରଖିଥିଲେ । ସ୍ୱର୍ଗତ ପ୍ରଫେସର ପତିଙ୍କ ସୁପୁତ୍ର ହିମାଂଶୁ ପତି ତାଙ୍କ ପିତାଙ୍କ ସ୍ମୃତିଚାରଣ କରିଥିଲେ । ପିଜି କାଉନସିଲ ସଭ୍ୟ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡ. ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଓ ଡ. ପି ମୁରଲୀଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଡ. ବ୍ରହ୍ମାନନ୍ଦ ପାତ୍ରା, ଡ. ସଞ୍ଚୟିତା ତ୍ରିପାଠୀ, ଡ. ନମ୍ରତା ବେହେରା ଓ ଜସ୍ୱାଲ କୌର ପ୍ରମୁଖ ବିଭାଗୀୟ ଅଧ୍ୟାପକଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗାଁରେ ମଦ ବନ୍ଦ ସହ ପହରା ଦେଉଛନ୍ତି ଯୁବଗୋଷ୍ଠୀ



କୋକସରା,(ସବ୍ୟୁ): କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ମାଝୀଗୁଡା ଗ୍ରାମରେ ବେଆଇନ ମଦ କୋଠି ଖୋଲି ଦେଶୀ ବିଦେଶୀ ମଦ ବିକ୍ରି କରୁଥିଲେ କିଛି ସ୍ଥାନୀୟ ମୁଷ୍ଟିମେୟ ଲୋକ। ତେବେ ଖୁଲାମଖୁଲା ଗାଁରେ ମଦ ବିକ୍ରି ଯୋଗୁଁ ଅନେକ ସମୟରେ ମଦୁଆଙ୍କ ଉତ୍ପାତ ଓ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ଏମିତିକି ସ୍କୁଲ ଛାତ୍ର, ଯୁବକ ମାନେ ମଧ୍ୟ କୁସଙ୍ଗତରେ ପଡି ମଦ ପିଇବା ଦେଖିବାକୁ ମିଳୁଥିଲା। ଏନେଇ ମାଝୀଗୁଡା ଗ୍ରାମର ନେତାଜୀ ଯୁବକ ସଂଘ ନେତୃତ୍ୱ ନେଇ ଗାଁରେ ମଦ ବିରୋଧୀ ଆନ୍ଦୋଳନ ଜାରି କରି ଗାଁରେ ବେଆଇନ ମଦ କୋଠିକୁ ସମ୍ପୁର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ତେବେ କିଛି ଅସାଧୁ ମଦ ମାଫିଆ ମାନେ ହାତରନ୍ଧା ଦେଶୀ ମଦ ଆଣି ଚୋରାରେ ଗାଁରେ ବିକ୍ରି କରୁଥିବା ନେଇ ନେତାଜୀ ଯୁବକ ସଂଘ ଖବର ପାଇ ବୁଧବାର ରାତିରେ ଗାଁ ନିକଟରେ ଜୈନେକ ମଦ ବେପାରୀଙ୍କ ଘରେ ଚଢ଼ାଉ କରିଥିଲେ। ତେବେ ବେପାରୀ ଫେରାର ହୋଇ ଯାଇଥିବା ବେଳେ ସେଠାରୁ ପଲିଥିନରେ ଥିବା ହାତରନ୍ଧା ଦେଶୀ ମଦ ଜବତ କରି ସ୍ଥାନୀୟ କୋକସରା ପୋଲିସକୁ ଆସି ଥାନା ଅଧିକାରୀ ଜୟ ନାରାୟଣ ହୋତାଙ୍କୁ ଭେଟି ଜିମା ଦେବାସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ମାଝୀଗୁଡା ନେହେରୁ ଯୁବକ ସଂଘ ପକ୍ଷରୁ ପରମେଶ୍ୱର ପାଣିଗ୍ରାହୀ, ଲୋକେଶ ନାଏକ, ଜୟନ୍ତ ନାଗ, ଅମରେଶ ଚଳାନ, ମହେନ୍ଦ୍ର ନାଏକ, ଦିନେଶ ନାଏକ, ରୋହନ ସୁନାନୀ, ନିରଞ୍ଜନ ନାଏକ, ସୁନିଲ ନାଏକ, ଭାସ୍କର ନାଏକ ପ୍ରମୁଖ ଯୁବକ ମାନେ ଗାଁରେ ମଦ ବନ୍ଦ ମିଶନରେ ସାମିଲ ରହିଛନ୍ତି । ଯୁବକ ସଙ୍ଘର ଏହି ମହତ କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରଶଂସା କରିଛନ୍ତି ।

# ଟ୍ୟାଙ୍କ କାମରେ ଅନିୟମିତତା ଅଭିଯୋଗ ଘଟଣା : ତଦନ୍ତ ଆରମ୍ଭ

ଖପ୍ରାଖୋଲ, (ସବ୍ୟୁ) : ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପଞ୍ଚାୟତ କଦଳିଝରଣ ଗାଁ ଭାଲୁପତ୍ରା ନୂତନ ଟ୍ୟାଙ୍କ (ପୋଖରୀ) ଖନନ କାମରେ ଅନିୟମିତତା ହୋଇଥିବା ଗ୍ରାମବାସୀ ବିଡିଓଙ୍କୁ ଦୁଇଦିନପୂର୍ବେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ କାର୍ଯ୍ୟସ୍ଥଳି ଦେଖିବା ସହିତ ଏକ ବ୍ଲକ୍‌ସ୍ତରୀୟ ତଦନ୍ତ କାରି ଦଳ ଗଠନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକଙ୍କ ନେତୃତ୍ୱରେ ଗଠିତ ତଦନ୍ତ କାରୀ ଦଳ କଦଳିଝରଣା ଗାଁ କୁ ଯାଇ ସରଜମିନ ତଦନ୍ତ କରିଥିଲେ । ଏହି ଅବସରରେ ଭାଲୁପତରା ଟ୍ୟାଙ୍କ (ପୋଖରୀ)କୁ ଯାଇ ମାପ ଚୁପ୍ କରିଥିଲେ। ପରେ ଗାଁକୁ ଯାଇ ଅଭିଯୋଗକାରୀ,ଗ୍ରାମବାସୀଙ୍କ ମତାମତ ନେଇଥିଲେ। ଗାଁ ର କିଛି ଶ୍ରମିକ କାମକରି ପାଉଣା ପାଇନଥିବା ଅଭିଯୋଗ କରିଥିବା ବେଳେ କାମ କରିନଥିବା ପାଖ ଗାଁ ର ଶ୍ରମିକଙ୍କ ନାମରେ ଟଙ୍କା ପଡିଥିବା ଅଭିଯୋଗ କରିଥିଲେ। ଏଭଳି ସଙ୍ଗୀନ ଅଭିଯୋଗର ତଦନ୍ତ ଚାଲିଥିବା ବେଳେ କାର୍ଯ୍ୟାନୁଷ୍ଠାନକୁ ସମସ୍ତଙ୍କ ଅପେକ୍ଷା। ତଦନ୍ତକାରୀ ଦଳରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ଏ ପି ଓ ପ୍ରଶାନ୍ତ କୁମାର ସାହୁ,କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର ରହିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଦିଲୀପ ରାଉତ, ଏ ଡି ଇ ଓ ଭରତ ଛତ୍ରିଆ ସମେତ ଗଣମାଧ୍ୟମ ପ୍ରତିନିଧି,ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କାମଟି ପାଇଁ ୯ ଲକ୍ଷ ଟଙ୍କା ବ୍ୟୟବରାତ ରେ ୨୦୨୩–୨୪ରୁ ଆରମ୍ଭ ହେଇଥିବା ବେଳେ ଗତ ଜୁନ ମାସ ମଧ୍ୟରେ ଶେଷ ହୋଇଛି ।

# ନୂତନ ଅବକାରୀ କାର୍ଯ୍ୟାଳୟର ଉଦ୍‌ଘାଟନକଲେ ବିଧାୟକ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ବେହେରାମାଲ ସ୍ଥିତ ନୂତନ କୋର୍ଟ ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ ହୋଇଥିବା ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲାରେ ବେଆଇନ ଭାବେ ଚାଲିଥିବା ମଦ ବିକ୍ରୀକୁ ସମ୍ପୂର୍ଣ ରୂପେ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ଅଧିକାରୀଙ୍କୁ ପ୍ରୟାଶ କରିବାକୁ କହିଥିଲେ । ଏହାସହ ଜିଲ୍ଲାର ଜନସାଧାରଣଙ୍କ ପ୍ରତି ଦାୟୀତ୍ୱବୋଧ ଓ ପାରଦର୍ଶିତା ପ୍ରତି ଏହି କାର୍ଯ୍ୟାଳୟ ଜିଲ୍ଲାବାସୀଙ୍କୁ ଏକ ସୁଶାସନ ପ୍ରଦାନ କରିବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ, ଡିଏଫଓ ଅଶୋକ ମାନୁ ଭଟ, ଅବକାରୀ ଏସପି ପ୍ରଭାତ କୁମାର ସେଠି,ଇନ୍ସପେକ୍ଟର ସେଲି ଏକ୍କା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ଝାରସୁଗୁଡା ମଣ୍ଡଳ ସଭାପତି ହେମ ରଞ୍ଜନ ସିଂ, ବବୁଲୁ ସିଂ, ଯୁବ ମୋର୍ଚ୍ଚା ସଭାପତି ବିବେକ ଶ୍ରୀବାସ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ମାଲପଡା ନାଗରିକ କମିଟି ର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକର ମାଲପଡାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା । ବିଶେଷତଃ ପୌର ପାଳିକା ଦ୍ୱାରା ଅନେକ ଡ୍ରେନ ତିଆରି ହୋଇଥିଲେ ମଧ୍ୟ ସେଥିରେ ଢାଙ୍କୁଣି ଲଗାଯାଇନଥିବାରୁ ଫଳରେ ସେଠାରେ ଗାଈ ଗୋରୁ ଓ ଅନ୍ୟମାନେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ଓ ଡ୍ରେନ ଗୁଡିକରେ ମଶା ତେଲ ପକା ଯାଉନଥିବାରୁ ମଶାର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ଲୋକମାନେ ନା ନା ରୋଗ ରେ ଆକ୍ରାନ୍ତ ହୋଇ ପିଡିତ ହେଉଛନ୍ତି । ବିଦ୍ୟୁତ ବିଭାଗ ଦ୍ୱାରା ଅଘୋଷିତ ଘନ ଘନ ବିଜୁଳିକାଟ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ଏଣୁ ବିଦ୍ୟୁତ ବିଭାଗ ଦ୍ୱାରା ଅଘୋଷିତ ବିଦ୍ୟୁତ କାଟକୁ ବନ୍ଦ କରିବା ପାଇଁ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା । ସହରରେ ଗାଈ ଗୋରୁ ଏବଂ ବୁଲା କୁକୁର ସଂଖ୍ୟା ଦିନ କୁ ଦିନ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ରାସ୍ତାଘାଟ ରେ ଟ୍ରାଫିକ ସମସ୍ୟା ଦେଖାଯିବା ସହିତ ଲୋକମାନେ ସେମାନଙ୍କର ଆକ୍ରମଣ ଶିକାର ହୋଇ ଅତଙ୍କିତ ଅବସ୍ଥାରେ ରହୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଏମାନଙ୍କୁ ଅନ୍ୟଏକ ନିରାପଦ ସ୍ଥାନରେ ରଖାଯାଉ । ପଡାର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବାକୁ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ଏହି ସଭାରେ ସଂଘର ଉପ–ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ଦିବାକର ହୋତା, ଆକୁଳ ବେହେରା, ବିମଳ କୁମାର ଚକ୍ରବର୍ତ୍ତି, ନିମାଇଁ ଚରଣ ଦାଶ, ସୂର୍ଯ୍ୟଭାନୁ ମିଶ୍ର, ସୁଶିଲ କୁମାର ନାଏକ, ଛବିଲାଲ ବେହେରା, ପ୍ରଦୀପ କୁମାର ନେପାକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଜ୍ରାଘାତରେ ଜଣେ ମୃତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଡୋର୍କାମୁଣ୍ଡା ଗାଁରେ ବଜ୍ରାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି । ମୃତକ ଯୁବକ ପର୍ଶୁରାମ ସତନାମୀ(୪୦) । ଏବେ ମୃତଦେହ ଖଡ଼ିଆଳ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ରଖା ଯାଇଛି।ଗୁରୁବାର ସକାଳୁ ଡୋର୍କାମୁଣ୍ଡା ଗାଁର ପର୍ଶୁରାମ ଓ ସମ୍ପର୍କୀୟ ଲୋଭ ସତନାମୀ(୪୫) ପର୍ଶୁରାମଙ୍କ ଚାଷ ଜମିକୁ ଚାଷକାମ ପାଇଁ ଯାଇଥିଲେ। ସେଠି ବଜ୍ରପାତ ସହ ବର୍ଷା ହେବାରୁ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ପର୍ଶୁରାମ ଓ ଲୋଭା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପର୍ଶୁରାମ ଓ ଲୋଭାଙ୍କୁ ଖଡ଼ିଆଳ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠି ପର୍ଶୁରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଲୋଭାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟପକ୍ଷରେ ପର୍ଶୁରାମଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ସ୍କୁଲରେ ପାଠ ପଢ଼ା ସମୟରେ ଡ୍ରେନ ସଫେଇ ଅଭିଯୋଗ

କୁଚିଣ୍ଡା, (ସବ୍ୟୁ): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ସବ୍ ଡିଭିଜନ ଅନ୍ତର୍ଗତ ପାରୁଆ ଭାଡି ପଞ୍ଚାୟତ ନୋଡ଼ାଲ ହାଇସ୍କୁଲର ପ୍ରଧାନଶିକ୍ଷକ ପୁର୍ବରୁ ସ୍କୁଲ ମହାଦୁର୍ନିତି ସମନ୍ଧରେ ଗ୍ରାମବାସୀ ଓ ସେଠାକାର ପୁର୍ବତନ ସରପଞ୍ଚଙ୍କ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ପରେ କେବଳ ତଦନ୍ତ କରାଯାଇଥିଲା। କିନ୍ତୁ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ ସଂପୃକ୍ତ କର୍ତ୍ତୃପକ୍ଷ, ସୂଚନା ଆଇନରେ ତଥ୍ୟ ମାଗିବା ପରେ ଦୁର୍ନିତି ଜଣାପଡିଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଗ୍ରହଣ ନହେବାରୁ ପୁଣି ଗ୍ରାମବାସୀ ଓ ଶ୍ରୀ ଖଣ୍ଡେଲୱାଲ ଗତ ୧୭.୪,୨୦୨୫ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ପ୍ରାମାଣିକ ଦୁର୍ନିତି ପାଇବା ପରେ ମୁଖ୍ୟମନ୍ତ୍ରୀ, ତୁରନ୍ତ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳୀ ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ କରାଗଲା କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ହେଲାନାହିଁ। ପୁଣି ଗତ ଅଗଷ୍ଟ ମାସ ୨୫ତାରିଖ ଦିନ ପାଠପଢ଼ା କାଳରେ ସାଢ଼େ୧୧ଟାରୁ ୧୨ଟା ସମୟରେ ଛାତ୍ର, ଛାତ୍ରୀ କୋଡି ସାବଳ ଧରି ପରିତ୍ୟକ୍ତ ଡ୍ରେନ ସଫା କରିବା କାର୍ଯ୍ୟରେ ନିୟୋଜିତ ଥିଲେ। ମହିଳା ପାଚିକାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଚଳାଇଥିଲେ। ହାଇସ୍କୁଲ ସାମନାରେ ରାଜ୍ୟ ରାଜପଥ ଅବସ୍ଥିତ। ତେଣୁ ସଡ଼କରେ ଯାତାୟତ କରୁଥିବା ଲୋକ ଯାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୁଣି ସମ୍ବଲପୁର ଯାଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବାପରେ, ଜିଲ୍ଲାପାଳ ଏପରି ସଙ୍ଗିନ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରି ବିହିତ କାର୍ଯ୍ୟନୁଷ୍ଠାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଭୂଦାନ ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ ପାଳିତ

ରାୟଗଡା, (ସବ୍ୟୁ) : ବାର ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ତିନି ମାସରେ ସମାପ୍ତ। ମାତ୍ର ତିନି ବର୍ଷରେ ଅକ୍ଷର ଶିଖି ଗୀତା ପାଠ କରୁଥିଲେ। କିନ୍ତୁ ଗାନ୍ଧୀଙ୍କ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା। ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ତିନି ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ସେହି ଜେଲ ଜୀବନ ଆଣିଦେଲା ଆମ ଦେଶର ଅନେକ ପରିବର୍ତ୍ତନର ଦିଗ । ଜେଲରୁ ମୁକ୍ତ ହେବା ପରେ ସତ୍ୟାଗ୍ରହ, ସର୍ବୋଦୟ,, ନିଶା ନିବାରଣ ପରି ଅନେକ ମହାନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। କିନ୍ତୁ ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଏବଂ ନିଃସ୍ୱ କୃଷକଙ୍କୁ କିଛି ଚାଷଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କରିଥିଲେ । କେବଳ ଜମି ନୁହେଁ ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ଗ୍ରାମ ଦାନ କରି ଇତିହାସ ରଚିଥିଲେ। ଆଜି ସେହି ମହାନ ସନ୍ଥ ବିନୋବା ବାଭେଙ୍କ ଜନ୍ମ ତିଥିରେ ଗାନ୍ଧୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ସନ୍ଥଙ୍କ ୧୩୧ତମ ଜୟନ୍ତୀ ଅବସରରେ ସର୍ବଧର୍ମ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ସ୍ଥାନୀୟ ସେବା ସମାଜର ଅନ୍ତେବାସୀନୀ ମାନେ । ତାଙ୍କ ଜୀବନୀ ବିଷୟରେ ଏମିତି ଅନେକ କଥା ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ବାବୁ, ସଭାପତି, ରାୟଗଡ଼ା ସର୍ବୋଦୟ ମଣ୍ଡଳ, ଡଃ ବାଦଲ କୁମାର ତା, ସମ୍ପାଦକ, ରାୟଗଡ଼ା ସର୍ବୋଦୟ ମଣ୍ଡଳ, ବିଦୁଲତା ହୁଇକା, ରାଜ୍ୟ ଆବାହିକା, ଓଡ଼ିଶା ଆଦିବାସୀ ମଞ୍ଚ, ଯୋଗେଶ୍ୱର ଦାସ, ରାଜ୍ୟ ଉପସଭାପତି, ଭାରତୀୟ ମଜଦୁର ସଂଘ ସମେତ ସେବା ସମାଜ କର୍ମକର୍ତ୍ତା ଓ ଅନ୍ୟମାନେ ଯୋଗ ଦେଇଥିଲେ ।

# ଜନ୍ମ ଶତବାର୍ଷିକ ଅବସରରେ ଶ୍ରୀ ସତ୍ୟ ସାଇ କଥାମୃତମ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଜିଲ୍ଲା ଶ୍ରୀ ସତ୍ୟ ସାଇ ସଙ୍ଗଠନ ଆନୁକୂଲ୍ୟରେ ଶ୍ରୀ ସତ୍ୟ ସାଇ କଥାମୃତମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସତ୍ୟ ସାଇ ସେବା ସଙ୍ଗଠନର ଅଖିଳ ଭାରତୀୟ ଆଧ୍ୟାତ୍ମିକ ସଂଯୋଜକ ମୁରଲୀ ଜାଜୁ ଯୋଗ ଦେଇ ମଣିଷ କିପରି ଦିବ୍ୟତା ପ୍ରାପ୍ତ ହେବ ସେନେଇ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟକ୍ଷ ପାର୍ଥସାରଥୀ ମଲ୍ଲିକ ଶିକ୍ଷାର୍ଥୀ ମାନଙ୍କୁ ନିଜ ଭିତରେ ବିଦ୍ୟମାନ ଭଗବାନଙ୍କ ଉପସ୍ଥିତି ହୃଦୟଙ୍ଗମ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ସତ୍ୟ ସାଇ ବାବାଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏକ ପ୍ରଦର୍ଶନୀ ଉନ୍ମୋଚନ କରାଯାଇଥିଲା । ଜିଲ୍ଲା ସଭାପତି ଯୁବରାଜ ମୁନା ଉଦଯାପନୀ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ସାଗରିକା ମିଶ୍ର ଓ ଗାୟତ୍ରୀ ମୋନା ମଞ୍ଚ ସଂଚାଳନ କରିଥିଲେ । ପ୍ରକାଶ ଦାଶ ଓ ଅରୁଣ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଶାସନ ସ୍ଥିତ ବୈଦିକ ଇଣ୍ଟର ନ୍ୟାସନାଲ ସ୍କୁଲ ଠାରେ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ ପାଳିତ ହୋଇଯାଇଛି । ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଶିକ୍ଷାବିତ୍ ଡ. ସନ୍ତୋଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ଇତିହାସ, କଳା ଓ ସଂସ୍କୃତି ପାଇଁ ଛାତ୍ରଛାତ୍ରୀ ମାନେ ଗର୍ବିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଐତିହାସିକ ଦୀପକ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରତିକୂଳ ପରିସ୍ଥିତିରେ କିପରି ସେ ସମୟରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ପଞ୍ଚସଖାଙ୍କ ଶିମଳା ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲର ଉପାଧ୍ୟକ୍ଷ ମୋନେନ ଈଶ୍ୱରୀ ସ୍ୱାଗତ ଭାଷଣ ଓ ପଲ୍ଲବୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିୟମଗିରିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମୀକ୍ଷା

ରାୟଗଡା, (ସବ୍ୟୁ): ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ଖେମୁଣ୍ଡୁ ନିୟମଗିରିର ଦୁର୍ଗମ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର କାଡ୍ରାକାବନ୍ଦଲି, ପଞ୍ଚକୁଡ଼ି, ଡେଭାପଡା ଟମକସିଲ ଗସ୍ତ କରି ପିଏମ ଜନମନ ଗୃହ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ସମୟ ସୀମା ଅର୍ଥାତ ଚଳିତ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ଅସମ୍ପୂର୍ଣ ଥିବା ପିଏମ ଜନମନ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ନିୟମ ଅନୁସାରେ ୪ ମାସ ସମୟ ମଧ୍ୟରେ ସମସ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ ହେଲେ ହିତାଧିକାରୀମାନଙ୍କୁ ୨୦ହଜାର ଟଙ୍କା ଏବଂ ୬ମାସ ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ୧୦ ଜହାଜ ଟଙ୍କା ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ନେଇ ଲୋକଙ୍କୁ ଆଲୋକପାତ କରିଥିଲେ। ତେଣୁ ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ କରିବାକୁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପାର୍ଶାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇଥିଲେ। କାର୍ଯ୍ୟରେ ଧ୍ୟାନ ଦେବା ପାଇଁ ତାଗିଦ ମଧ୍ୟ କରିଥିଲେ । ଏହା ସହିତ ବିଡ଼ିଓଙ୍କୁ ମଧ୍ୟ ସଂପୃକ୍ତ କର୍ମଚାରୀ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପାଇଁ କହିଥିଲେ।

# ଜିଲ୍ଲାପାଳଙ୍କ ଜମନକିରା ଡାକ୍ତରଖାନା ପରିଦର୍ଶନ



ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଡାକ୍ତରଖାନାର ଉନ୍ନତି କରଣ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ପରିଚାଳନା ଅଧିକାରୀ, ସିଡିଏମଓ, ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ପ୍ରଶାସନିକ ଅଧିକାରୀ, ବିଡ଼ିଓ, ସୁପରିଟେଣ୍ଡାଣ୍ଟ ଏବଂ ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥଲେ।

ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଟି ୧୯୬୦ ମସିହାରେ ନିର୍ମାଣ କରାଯାଇଥିଲା। ଦୀର୍ଘ ୬୫ ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ସେହି ପୁରୁଣା କୋଠାରେ ବର୍ହିବିଭାଗ କାର୍ଯ୍ୟ ଚାଲୁ ରହିଛି। ଅନେକ ଥର ଉକ୍ତ କୋଠାକୁ ମରାମତି କରାଯାଇ ଥିବା ସତ୍ତ୍ୱେ କୋଠା ଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ବର୍ଷା ହେଲେ ପାଣି ଛାତରୁ ଗଲୁଛି। ବିଦ୍ୟୁତ ନଥିବା ବେଳେ ଅନ୍ଧାରରେ ଡାକ୍ତରଖାନାର ସମସ୍ତ କାର୍ଯ୍ୟ କରାଯାଉଛି। ପ୍ରସୂତି କାଳୀନ ଜରୁରୀ ସ୍ଥିତିରେ ଅପରେସନ ମଧ୍ୟ ଅନ୍ଧାରରେ କରାଯାଉଛି। ସୋଲାର ଲାଇଟ୍ ସିଷ୍ଟମ୍ ଟି ସମ୍ପୂର୍ଣ ଅକାମୀ ହୋଇ ପଡ଼ିଛି। ବାରମ୍ବାର ଅଭିଯୋଗ କରାଯାଇଥିବା ସତ୍ତ୍ୱେ ପ୍ରତିକାର କରାଯାଉନାହିଁ। ଔଷଧ ବିତରଣ ପାଇଁ ଫାର୍ମାସୀ ଅଫିସରଙ୍କ ପାଇଁ ଭଲ କୋଠରୀ ନାହିଁ। ଲାବୋଟରୀ ଗୃହ କଥା ନକହିବା ଭଲ। ୩୦ ବର୍ଗ ବିଶିଷ୍ଟ ଏକ କୋଠରୀରେ ଲାବୋଟାରି କରାଯାଇଥିବାରୁ ଆନୁସାଙ୍ଗିକ ସାମଗ୍ରୀ ଗୁଡିକ ରଖିବା ପାଇଁ ଜାଗା ଅଣ୍ଟୁନି। ଶୌଚାଳୟ ଓ ପାଇଖାନା ଅବସ୍ଥା ଅତି ଖରାପ। ଡାକ୍ତରଖାନା ପରିସରରେ ରହୁଥିବା ସ୍ୱାସ୍ଥ୍ୟ କର୍ମୀ ମାନେ ନିଜ କୁ ଏବଂ ନିଜ ପରିବାର ବର୍ଗଙ୍କୁ ସୁରକ୍ଷିତ ମଣୁ ନାହାନ୍ତି। ଏସବୁ ଆଦି ସମସ୍ୟା ଜାଣିବା ପରେ ଜିଲ୍ଲାପାଳ ପୁରୁଣା କୋଠା ଉପରେ ଟିଣ ଛାତ, ଔଷଧ ବିତରଣ ପାଇଁ ଏକ ସ୍ୱତନ୍ତ୍ର ଗୃହ, ଲାବୋରେଟରୀ ପାଇଁ ଉତ୍ତମ ସ୍ଥାନରେ କୋଠରୀ, ଗୋଟିଏ କୋଠରୀରେ ୬ ଗୋଟି ବେଡ ରହି ପାରିବ ସେଭଳି କୋଠରୀକୁ ଉନ୍ନତିକରଣ, ଡାକ୍ତରଖାନା ପରିସରକୁ ସର ଜମିନ ତଦନ୍ତ କରାଯାଇ ବାଡ଼ ନିର୍ମାଣ କରିବା, ପରିସରରେ ଉଦ୍ୟାନ କରି ଆଲୋକ ମାଳା ର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଶୀଘ୍ର କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ବେଳେ ଉପଜିଲ୍ଲାପାଳ ସି. ସରଭନାନ (ଆଇଏଏସ), ସିଡିଏମଓ ପ୍ରଦୀପ କୁମାର ହୋତା, ସିଡ଼ିଓ ପ୍ରସନ୍ନ ପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦ, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଭୀଣା ବିଲୁଂ, ଫାଶିମମାଲ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଡ.ହରିଶ୍ଚନ୍ଦ୍ର ବାଘ, ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ସୁରଜ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

ନଥି ସଂ- IX(C)-30/2025-241 ତା. 13.06.2025

**V-19:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା – ବଡବିଲ ୟୁନିଟ ନଂ.୭, ଥାନା– ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା–ବଡଜାମଦା ଓ ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ–ଆର୍.ବି.କେ. ୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୨୩୭ ତା. ୧୩.୦୫.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା – ବଡବିଲ ୟୁନିଟ ନଂ.୭, ଥାନା– ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଓ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ – କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା - କେନ୍ଦୁଝର | ତହସିଲ- ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟରକବା | ଅଧିଗ୍ରହଣ ହେବାକୁଥିବା ଜମିରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡବିଲ, ୟୁନିଟ୍ ନଂ-୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ.୨.୮୬୫ | ଏ.୧.୨୩୯ | ସଂଲଗ୍ନ |

**ତଫସିଲ – ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା - କେନ୍ଦୁଝର | ତହସିଲ- ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟରକବା ଜମିରକବା | ଅଧିଗ୍ରହଣ ହେବାକୁଥିବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | ପ୍ରଯୁଜ୍ୟ ନୁହେଁ | | | | |

**ଅଧିସୂଚନାର ବୈଧ ତାରିଖ : ୧୩.୦୬.୨୦୨୪**

ସ୍ୱା/- ରାଜ୍ୟପାଳଙ୍କ ଆଦେଶ କ୍ରମେ,
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ : ବଡଜାମଦା - ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି. ନଂ-ଆର.ବି.କେ ୬୦) ନିର୍ମାଣ
ମୌଜା : ବଡବିଲ ୟୁ ନଂ. ୭, ଥାନା- ବଡବିଲ, ତହସିଲ - ବିଡବିଲ, ଜିଲ୍ଲା - କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୬୪ | ଦୁର୍ଗା ଦାସ କର୍ମକାର, ପି: ପରେଶ କର୍ମକାର, ସୁଭାସ କର୍ମକାର ପି: ରହିପଦ କର୍ମକାର, ଜା: ଲୋହାର, ବା: ନିଜଗାଁ | ୨୮୫ | ଘରବାରି ଏକ | ୦.୧୦ | ୦.୦୩୯ |
| ୨ | ୨୦୦ | ପରମଜିତ ସିଂହ, ପି: କୁନ୍ଦନ ସିଂହ, ଜା: ଶିଖ୍, ବା: ନିଜଗାଁ | ୨୮୫/୧୪୩୦ | ଘରବାରି ଏକ | ୦.୦୮୦ | ୦.୦୦୩ |
| | | | ୨୯୧.୧୪୩୪ | ଘରବାରି ଏକ | ୦.୦୮୦ | ୦.୦୧୬ |
| | | | ୨୯୧/୧୪୩୫ | ଘରବାରି ଏକ | ୦.୧୦୦ | ୦.୦୧୫ |
| | | | ୨୯୧/୧୪୩୬ | ଘରବାରି ଏକ | ୦.୧୦୦ | ୦.୦୧୭ |
| | | | ୨୯୧/୧୪୩୮ | ଘରବାରି ଏକ | ୦.୦୬୦ | ୦.୦୧୯ |
| ୩ | ୨୦୮ | ବିମଳା ଦେବୀ ବିଗ, ସ୍ୱା: ପ୍ରକାଶ ନାଥ ବିଗ ରେନୁ ମାକିନ, ଅନିତା ବିଗ, ମୀନା ସାହୁ, ନରେଶ ପ୍ରତାପ ବିଗ, ପି : ପ୍ରକାଶ ନାଥ ବିଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯/୧୪୨୪ | ଘରବାରି ଏକ | ୦.୧୩୦ | ୦.୧୨୪ |
| ୪ | ୩୩୯ | ରାଜ କୁମାର କଲରା, ପି: ତପନ ଦାସ, କଲରା, ଜା: କ୍ଷେତ୍ରୀୟ, ବା: ନିଜଗାଁ | ୨୯୧/୧୪୩୭ | ଘରବାରି ଏକ | ୦.୧୦ | ୦.୦୨୪ |
| ୫ | ୩୭ | ଏରିଆନ ମାଇନିଂ ଏଣ୍ଡ ଟ୍ରେଡ଼ିଂ କର୍ପୋରେସନ ପ୍ରାଇଭେଟ୍ ଲିମିଟେଡ୍, ବଡ଼ବିଲ | ୨୮୦ | ଘରବାରି ଏକ | ୦.୩୨୫ | ୦.୨୪୩ |
| ୬ | ୪୦ | ଓଁକାର ଦାସ ୟୁଗ, ପି: ବିଶୁନ୍ ଦାସ ୟୁଗ ବିମଳା ଦେବୀ ୟୁଗ, ସ୍ୱା: ପ୍ରକାଶ ନାଥ ୟୁଗ, ରେଣୁ ମାକିନ, ଅନିତା ୟୁଗ, ମିନା ସାହୁ, ନରେଶ ପ୍ରସାଦ ୟୁଗ, ପି : ପ୍ରକାଶ ନାଥ ୟୁଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯ | ଘରବାରି ଏକ | ୦.୨୬୫ | ୦.୨୧୨ |
| ୭ | ୪୧ | ଓଁମ ପ୍ରକାଶ କାନୋଡ଼ିଆ, ରତନ ଲାଲ କାନୋଡ଼ିଆ, ପି: ଶ୍ରୀଲାଲ କାନୋଡ଼ିଆ, ଜା: ମାରବାଡି, ବା: ନିଜଗାଁ | ୨୮୩ | ଘରବାରି ଏକ | ୦.୧୧ | ୦.୦୩୧ |
| | | | ୨୮୩/୧୪୨୯ | କାରଖାନା | ୦.୦୨ | ୦.୦୧୯ |
| | | | ୨୮୪ | ଘରବାରି ଏକ | ୦.୫୦୦ | ୦.୧୦୭ |
| ୮ | ୪୩୬ | ସୁସିଲ କୁମାର କେଡ଼ିଆ, ପି : ସୋହନ ଲାଲ କେଡ଼ିଆ, ଜା: ଛତ୍ରୀ, ବା: ନିଜଗାଁ | ୨୮୧ | ଘରବାରି ଏକ | ୦.୩୯ | ୦.୨୧୭ |
| ୯ | ୪୪୬ | ହରଦୟାଲ ସିଂହ, ପି: କୁନ୍ଦନ ସିଂହ, ଜା: ଶିଖ୍ ବା: ନିଜଗାଁ | ୨୯୧ | ଘରବାରି ଏକ | ୦.୧୦୦ | ୦.୦୨୪ |
| ୧୦ | ୪୫୮/ ୧୫୨ | ଶ୍ରୀ ହରଜିତ୍ ସିଂହ, ପି: କୁନ୍ଦନ ସିଂହ, ବା: ନିଜଗାଁ, ଥାନା–ବଡ଼ବିଲ ଜିଲ୍ଲା– କେନ୍ଦୁଝର | ୨୯୧/୨୨୦୨ | ଘରବାରି ଏକ | ୦.୧୦୦ | ୦.୦୨୩ |
| ୧୧ | ୪୫୮/ ୨୩୨ | ଚନ୍ଦ୍ର ପ୍ରକାଶ କୋହଲି, ପି: ଜାଗରୀ ଲାଲ କୋହଲି ବା: ବଡ଼ବିଲ | ୨୭୯/୨୨୭୨ | ଘରବାରି ଏକ | ୦.୧୩୦ | ୦.୦୮୧ |
| ୧୨ | ୭୫ | ମେସର୍ସ ଖଟାଉ ନର୍ଭେରାମ ବଡ଼ବିଲ | ୧୭୧ | ଘରବାରି ଏକ | ୦.୨୩୫ | ୦.୦୨୫ |
| | | | | ମୋଟ | ୨.୮୬୫ | ୧.୨୩୯ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୂଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR : 24045/14/0043/2526

(ଶ୍ରୀମଭଗବଦ୍ ଗୀତା ୧୮/୩୮)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ବିଷୟେନ୍ଦ୍ରିୟସଂଯୋଗାଦ୍ ଯତ୍ତଦଗ୍ରେଽମୃତୋପମମ୍ ।**
**ପରିଣାମେ ବିଷମିବ ତତ୍ସୁଖଂ ରାଜସଂ ସ୍ମୃତମ୍ ।। ୩୮ ।।**

(ରାଜସଂ ସୁଖମାହ)–ବିଷୟେନ୍ଦ୍ରିୟସଂଯୋଗାତ୍ (ବିଷୟାଣାଂ ଇନ୍ଦ୍ରିୟାଣାଂ ଚ ସଂଯୋଗାତ୍ ସଂସର୍ଗାତ୍) ଯତ୍ ତତ୍ (ପ୍ରସିଦ୍ଧଂ ସ୍ତ୍ରୀସଂସର୍ଗାଦି ସୁଖଂ), ଅଗ୍ରେ (ପ୍ରଥମେ) ଅମୃତୋପମଂ (ଅମୃତସଦୃଶଂ) ପରିଣାମେ ବିଷମିବ (ବିଷତୁଲ୍ୟଂ), ତତ୍ ସୁଖଂ ରାଜସଂ ସ୍ମୃତମ୍ ।। ୩୮ ।।

# ଉତ୍କଳ ବିଶ୍ୱବିଦ୍ୟାଳୟର ଦୁର୍ଦ୍ଦଶା

ଓଡ଼ିଶାର ପୂର୍ବ ନାମ ଥିଲା 'ଉତ୍କଳ' । ଆମର ରାଷ୍ଟ୍ରୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ'ରେ ଉତ୍କଳ ରାଜ୍ୟର ବିଷୟ ରହିଛି । ଯେଉଁ 'ଉତ୍କଳ ସମ୍ମିଳନୀ'କୁ ସୁଦୃଢ଼ କରି ତାହା ଜରିଆରେ ମଧୁବାବୁ, ଗୋପବନ୍ଧୁ ବାବୁ, ପାରଳା ମହାରାଜା ଓ ଭାଗବତ ପ୍ରସାଦ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିଥିଲେ, ସେହି ଉତ୍କଳ ନାମ ଏବେ ବି ପ୍ରତ୍ୟେକ ଓଡ଼ିଆଙ୍କୁ ରୋମାଞ୍ଚିତ କରିଥାଏ । ଏକଦା ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ସଙ୍ଗୀତ ଥିବା କାନ୍ତକବି ଲକ୍ଷ୍ମୀକାନ୍ତଙ୍କର 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଶାର ରାଜ୍ୟ ସଙ୍ଗୀତ ଭାବେ ଏବେ ବି ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରିଥାଏ । ତେଣୁ ସେହି ପବିତ୍ର ଉତ୍କଳ ନାମରେ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅତୀତରେ ସୁନାମ ଅର୍ଜନ କରି ଆସିଥିଲା ବହୁ ବର୍ଷ ପର୍ଯ୍ୟନ୍ତ । ଯେଉଁ ବିଶ୍ୱବିଦ୍ୟାଳୟ ଲାଗି ଆମେ ଗର୍ବ ଅନୁଭବ କରିଥାଉଁ, ସେହି ବିଶ୍ୱବିଦ୍ୟାଳୟର ଏପରି ଅବସ୍ଥାରେ ଆଜି ଆମେମାନେ ମର୍ମାହତ ।

ପ୍ରାକ୍ ସ୍ୱାଧୀନତା କାଳରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ଏହା ପ୍ରତିଷ୍ଠା ଲାଭ କରିଥିଲା । ୧୯୪୩ ମସିହା ଅଗଷ୍ଟ ୨ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ, ୧୯୪୩ର ଏକ ସରକାରୀ ଆଦେଶକ୍ରମେ ଏହା ଗଠିତ ହୋଇଥିଲା । ଏହି ବିଶ୍ୱବିଦ୍ୟାଳୟଟି ସେହି ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଥମେ ଆରମ୍ଭ ହୋଇଥିଲା–ତତ୍କାଳୀନ କଟକ ଅର୍ନ୍ତଗତ ରେଭେନ୍ସା କଲେଜର (ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟ) ୧୫ ନମ୍ବର କୋଠରୀରେ । କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହାର ପ୍ରତିଷ୍ଠାତା ନଥିଲେ । ମାତ୍ର ପଣ୍ଡିତ ନୀଳକଣ୍ଠ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ) ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରଭୃତିଙ୍କ ଉଦ୍ୟମରୁ ଏହାର ଶୁଭାରମ୍ଭ ହୋଇଥିଲା । ପରେ ତାହା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା ।

ଏହି ବିଶ୍ୱବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଓ ଓଡ଼ିଶା ବାହାରେ ସୁନାମ ମଧ୍ୟ ଅର୍ଜନ କରି ଆସିଛନ୍ତି । ଏବେ ମଧ୍ୟ ଏହାର ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ ପ୍ରାୟ ପ୍ରତିବର୍ଷ ହୋଇ ଆସୁଛି । ରାଜ୍ୟ ପବ୍ଲିକ ସର୍ଭିସ କମିଶନର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ସତ୍ୟଜିତ ମହାନ୍ତି ଏହି ପୁରାତନ ଛାତ୍ର ସଂସଦର ଏବେ ସଭାପତି ଓ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ଏହାର ସଂପାଦକ ରହିଛନ୍ତି ।

ମଝିରେ ମଝିରେ ଏହି ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ମଧ୍ୟ ଦେଖା ଦେଇଛି । ତାହାର ପ୍ରଶାସନିକ କ୍ଷେତ୍ରରେ ଯେପରି ରାଜନୀତି ପ୍ରବେଶ କରିଛି । ଅତୀତରେ ଜଣେ ରିଡର ପାହ୍ୟାର ବ୍ୟକ୍ତିଙ୍କୁ ଏହି ବିଶ୍ୱବିଦ୍ୟାଳୟର କୁଳପତି ଆସନରେ ବସାଯାଇ ଥିବାରୁ ବିଶ୍ୱବିଦ୍ୟାଳୟରେ ଅଶାନ୍ତିର ବାତାବରଣ ଖେଳି ଯାଇଥିଲା । ପରେ ବିଶ୍ୱବିଦ୍ୟାଳୟ ଶାନ୍ତ ଅବସ୍ଥାକୁ ଆସିଥିଲା । ଅତୀତରେ ଛାତ୍ରନେତା ଥିବା କଂଗ୍ରେସ ଦଳର ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ) ଏବେ ସ୍ୱର୍ଗରେ । ସେ ମଧ୍ୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନେକ ଥର ଛାତ୍ର ଆନ୍ଦୋଳନ କରି ପରେ ତାହାର ସମାଧାନ ଲାଗି ଉଦ୍ୟମ କରିଥିଲେ । ତଥାପି ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ । ଏହାର ଅତୀତ ପୃଷ୍ଠାକୁ ଓଲଟାଇଲେ କେବଳ ସୁନାମ ହିଁ ଥିଲା । ମାତ୍ର କାହିଁକି କେଜାଣି ଆଜି ଏହି ବିଶ୍ୱବିଦ୍ୟାଳୟର ଦୁର୍ନାମ ଏବେ ଚାରିଆଡ଼େ ।

ଏହି ବିଶ୍ୱବିଦ୍ୟାଳୟର ପରିସର ବେଶ ବଡ଼ । ମାତ୍ର ଅଭିଯୋଗ ହୁଏ ଯେ ତାହାକୁ କେହି କେହି ଚାରିପଟୁ ଜବରଦଖଲ କରି ଘରଦ୍ୱାର କରି ରହିଲେଣି । ଏ ବିଷୟରେ ଅନୁସନ୍ଧାନ କରାଯିବା ଆବଶ୍ୟକ ।

ସବୁଠାରୁ ଦୁଃଖର କଥା, ନିକଟରେ ଅଣଛାତ୍ରଙ୍କ ଦ୍ୱାରା କବଳିତ ବିଶ୍ୱବିଦ୍ୟାଳୟର ହଷ୍ଟେଲରେ 'ଅପରେସନ୍ ଅଣଛାତ୍ର' ଅଭିଯାନରେ କର୍ତ୍ତୃପକ୍ଷ ଅଣଛାତ୍ରମାନଙ୍କୁ ବହିଷ୍କାର କରିଛନ୍ତି । ମାତ୍ର କ୍ୟାମ୍ପସ ଭିତରେ ୪୯ଟି କ୍ୱାର୍ଟରସ ଏବେ ଜବରଦଖଲକାରୀଙ୍କ କବଳରେ ରହି ଆସିଥିବା ଧରାପଡ଼ିଛି । ଅନେକ କର୍ମଚାରୀ କ୍ୟାମ୍ପସ ବାହାରେ ରହୁଥିଲେ ମଧ୍ୟ ନିଜ କ୍ୱାର୍ଟରକୁ ଭଡା ଦେଇ ମାସକୁ ମାସ ହଜାର ହଜାର ଟଙ୍କାର ଭଡ଼ା ଆଦାୟ କରି ଆସୁଛନ୍ତି । ଏସବୁ କାର୍ଯ୍ୟ ଦଲାଲମାନଙ୍କ ଦ୍ୱାରା ହେଉଛି । ଭଡ଼ା ରହୁଥିବା ଲୋକେ ଏସି, ପଙ୍ଖା, ଲାଇଟ ଓ ହିଟର ବ୍ୟବହାର ପାଇଁ ବିଦ୍ୟୁତ ଦେୟ ମଧ୍ୟ ଦେଉ ନାହାନ୍ତି । ହଷ୍ଟେଲଗୁଡ଼ିକ ଓଡ଼ିଶାର ବରପୁତ୍ରଙ୍କ ନାମରେ ରହିଛି ଓ କ୍ୱାର୍ଟରଗୁଡ଼ିକ କର୍ମଚାରୀଙ୍କ ନାମରେ ରହିଛି ।

ଏକଦା ଓଡ଼ିଶାର ଏକମାତ୍ର ଉଚ୍ଚ ଶିକ୍ଷାକେନ୍ଦ୍ର ଓ ବିଶ୍ୱବିଦ୍ୟାଳୟ ଭାବେ ଏହି ବିଶ୍ୱବିଦ୍ୟାଳୟରୁ ଅନେକ ପ୍ରଶାସନିକ ଅଧିକାରୀ ଓ ପ୍ରଫେସର ଉତ୍ତୀର୍ଣ୍ଣ ହୋଇ ସୁନାମ ଅର୍ଜନ କରିଥିଲେ । ମାତ୍ର ଏହାର ର୍ୟାଙ୍କ ଏବେ ବହୁତ ତଳେ ରହିଛି ବୋଲି ୟୁଜିସି ସୂତ୍ରରୁ ଜଣାଯାଇଛି । ସ୍ୱର୍ଗୀୟ ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ଥିବାବେଳେ ସମ୍ବଲପୁର ଓ ବ୍ରହ୍ମପୁରରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ପଦକ୍ଷେପ ନେଇଥିଲେ । ସେ ଦୁଇ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟର ଦୁର୍ଦ୍ଦଶା ଭୋଗୁଛନ୍ତି କି ନାହିଁ କେଜାଣି ?

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିନୋବାଙ୍କ ଷଡରିପୁ ନିବାରକ ଷଡ-ଆଶ୍ରମ



ରମାକାନ୍ତ ନାଥ

ରାଷ୍ଟ୍ରପିତା ମହାତ୍ମା ଗାନ୍ଧିଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ ସନ୍ଥ ବିନୋବା ଭାବେ ଭାରତରେ ଭୂଦାନ–ଗ୍ରାମଦାନ ଆନ୍ଦୋଳନର ଜନକ ଭାବେ ଯେପରି ପରିଚିତ, ସେହିପରି ତାଙ୍କର ଆଧ୍ୟାତ୍ମିକ ବିଚାର ଓ ଆଶ୍ରମ ଜୀବନର ପ୍ରୟୋଗ ପାଇଁ ସର୍ବତ୍ର ଆଦୃତ । ମହାରାଷ୍ଟ୍ରର କୋଙ୍କଣ ଅନ୍ତର୍ଗତ ଗାଗୋଦ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଆଜକୁ ୧୩୦ ବର୍ଷ ପୂର୍ବେ ୧୧ ସେପ୍ଟେମ୍ବରରେ ଜନ୍ମଲାଭ କରିଥିବା ବିନାୟକ ନରହରି ଭାବେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସତ୍ୟାଗ୍ରହୀ । ଶ୍ରୀମଦ ଭଗବତ୍ ଗୀତାର ମରାଠୀ ସଂସ୍କରଣ 'ଗୀତାଇ' ଯାହା ବିନୋବାଙ୍କୁ ମହାରାଷ୍ଟ୍ରର ଘରେ ଘରେ ପରିଚିତ କରାଇଥିଲା । ସେହିପରି ଧୁଲେ ଜେଲରେ ସହବନ୍ଦୀଙ୍କୁ ଦିଆଯାଇଥିବା ତାଙ୍କର 'ଗୀତା ପ୍ରବଚନ' ଭାରତର କୋଣ ଅନୁକୋଣରେ ବିନୋବାଙ୍କୁ ପହଞ୍ଚାଇ ପାରିଛି ।

ନରହରି ଶମ୍ଭୁରାଓ ଭାବେ ଓ ରୁକ୍ମଣୀ ଦେବୀଙ୍କର ପାଞ୍ଚଟି ସନ୍ତାନ ମଧ୍ୟରୁ ବିନୋବା ଜ୍ୟେଷ୍ଠ ଏବଂ ସେ ତାଙ୍କର ଶିକ୍ଷା ସମାପ୍ତି ପରେ ଯେତେବେଳେ ଜୀବନକୁ କର୍ତ୍ତବ୍ୟ ପଥରେ ଅଗ୍ରସର କରାଇବାକୁ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ, ସେତେବେଳେ ଗାନ୍ଧିଜୀଙ୍କ ବନାରସ ହିନ୍ଦୁ ବିଶ୍ୱବିଦ୍ୟାୟ ଭାଷଣ ତାଙ୍କୁ ଗାନ୍ଧିଙ୍କ ନିକଟତର କରିଥିଲା ଓ ସେ ସାବରମତୀ ସତ୍ୟାଗ୍ରହ ଆଶ୍ରମରେ ପହଁଚି ଗାନ୍ଧିଜୀଙ୍କ ସାନ୍ନିଧ୍ୟ ଲାଭକରି ପ୍ରଥମେ ନାଗପୁର ଝଣ୍ଡା ସତ୍ୟାଗ୍ରହ, କେରଳ ଭାଇକମ୍ ସତ୍ୟାଗ୍ରହ ଏହିପରି ଗୋଟିଏ ପରେ ଗୋଟିଏ ସତ୍ୟାଗ୍ରହ ଆନ୍ଦୋଳନରେ ଆପଣା ଯୋଗଦାନ ପୂର୍ବକ ଦେଶସେବା ଓ ସମାଜ ସୁଧାର କାମରେ ଗାନ୍ଧିଜୀଙ୍କର ଅନ୍ୟତମ ସହଯୋଗୀ ହୋଇଯାଇଥିଲେ । କନ୍ୟାଶ୍ରମ ପ୍ରତିଷ୍ଠାପୂର୍ବକ ମହିଳାମାନଙ୍କୁ ଶିକ୍ଷା, ସଂସ୍କାର ପ୍ରଦାନକରି ସଶକ୍ତ କରାଇବା, ନଇତାଲିମ ବା ମୌଳିକ ଶିକ୍ଷାର ପ୍ରଚାର ପ୍ରସାର, ଗ୍ରାମସେବା ମଣ୍ଡଳ ସ୍ଥାପନ ମାଧ୍ୟମରେ ଗ୍ରାମସ୍ୱରାଜ ପ୍ରତିଷ୍ଠା, ଦଳିତଙ୍କ ମନ୍ଦିର ପ୍ରବେଶ ଆଦି ଆନ୍ଦୋଳନ କାର୍ଯ୍ୟରେ ସକ୍ରିୟ ହୋଇ ଦେଶର ମୁକ୍ତି ସଂଗ୍ରାମ ପାଇଁ ବିନୋବା ଆପଣାକୁ ଯେପରି ସମର୍ପଣ କରିଥିଲେ, ସେହିପରି ରାଜନୀତିକ ସ୍ୱାଧୀନତା ପରେ ସାମାଜିକ, ଆର୍ଥିକ ଓ ଆଧ୍ୟାତ୍ମିକ ସ୍ୱାଧୀନତା ପାଇଁ ଉଦ୍ୟମକରି 'ଭୂଦାନ–ଗ୍ରାମଦାନ' ମାଧ୍ୟମରେ ଭାରତର ନବନିର୍ମାଣରେ ଆପଣାକୁ ନିୟୋଜିତ କରିଥିଲେ । ବିନୋବାଙ୍କ ରାଜନୀତିକ ବିଚାର 'ଲୋକନୀତି ଓ ଲୋକସ୍ୱରାଜ' ଗାନ୍ଧିଜୀଙ୍କ ସ୍ୱରାଜ ସ୍ୱପ୍ନକୁ ସାକାର କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଭାରତବାସୀଙ୍କ ଜୀବନର ପରିପୂର୍ଣ୍ଣତା ପାଇଁ ଅଭିପ୍ରେତ ଥିଲା । ଏଥିପାଇଁ ସେ ଆଶ୍ରମ ଜୀବନକୁ ଗୁରୁତ୍ୱ ଦେଉଥିଲେ ଓ ଆଶ୍ରମ ମାଧ୍ୟମରେ ମାନବର ସକଳ କଳୁଷକୁ ଦୂରକରି ଏକ ସମୃଦ୍ଧ ଦେଶ, 'ଗ୍ରାମ–ସ୍ୱରାଜ ବିଶ୍ୱରାଷ୍ଟ୍ର' ଗଠନ ଦିଗରେ ଅଗ୍ରସର ହୋଇଥିଲେ ।

ଆଚାର୍ଯ୍ୟ ବିନୋବା ଭାବେ ତାଙ୍କର ଜୀବବବ୍ୟାପୀ ସାଧନା ପାଇଁ ଭାରତ ସରକାରଙ୍କ ଠାରୁ ସମ୍ମାନଜନକ 'ଭାରତରତ୍ନ' ଉପାଧି ଲାଭ କରିଛନ୍ତି ଓ କୋଟି କୋଟି ଭାରତବାସୀ ତଥା ବିଶ୍ୱର ବହୁ ଜନମାନସରେ 'ବାବା' ଭାବେ ଶ୍ରଦ୍ଧାଲାଭ କରିଛନ୍ତି । କିନ୍ତୁ ମାନବ ଜୀବନକୁ ସୁଖ ଓ ଶାନ୍ତିମୟ କରାଇବା ପାଇଁ ବିନୋବାଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଇପାରି ନାହିଁ । ତାଙ୍କର ଅବଦାନ ଓ ଯୋଗଦାନକୁ କେହି ସ୍ୱୀକାର କରନ୍ତି ନାହିଁ । ଅନେକ ସମାଲୋଚକ ବିନୋବାଙ୍କୁ 'ସରକାରୀ ସନ୍ଥ' ଆଖ୍ୟା ଦେଇଥିଲାବେଳେ ଭିଏସ୍ ନଏପଲଙ୍କ ପରି ଲେଖକ ଓ ବୁଦ୍ଧିଜୀବୀ ବିନୋବାଙ୍କୁ ତାଙ୍କର ଲେଖାମାନଙ୍କରେ କଠୋର ଭାଷାରେ ଆଲୋଚନା କରିବାକୁ ପଛାଇ ନାହାନ୍ତି । ବିଶେଷକରି ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଜରୁରୀ ପରିସ୍ଥିତିକୁ ବାବା ବିନୋବା 'ଅନୁଶାସନ ପର୍ବ' ଭାବେ ବ୍ୟାଖ୍ୟା କରିବା କାରଣରୁ ସେ ଏକପ୍ରକାର ସରକାରଙ୍କର ସମର୍ଥିତ ବ୍ୟକ୍ତିଭାବେ ସମାଲୋଚିତ ହୋଇଥିଲାବେଳେ ଏହି କାରଣରୁ ସେ ପ୍ରତିଷ୍ଠା କରିଥିବା 'ସର୍ବୋଦୟ ସଂଗଠନ'ରେ ମଧ୍ୟ ବିଭେଦ ସୃଷ୍ଟି ହୋଇଥିଲା । ଅନ୍ୟତମ ସର୍ବୋଦୟ ସଂଗଠକ ଲୋକନାୟକ ଜୟପ୍ରକାଶ ନାରାୟଣ ଜାତୀୟ ଜରୁରୀ ପରିସ୍ଥିତିକୁ 'ଦୁଃଶାସନ ପର୍ବ' ଆଖ୍ୟାଦେଇ ସାରା ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ବିରୋଧରେ ଆନ୍ଦୋଳନ ପାଇଁ ଡାକରା ଦେଇଥିଲାବେଳେ, ବାବା ବିନୋବାଙ୍କ 'ଅନୁଶାସନ ପର୍ବ' ସର୍ବୋଦୟକୁ ଓ ଦେଶକୁ ବହୁପରିମାଣରେ କ୍ଷତି ପହଁଚାଇଥିଲା । ଏହି କାରଣରୁ ସାରା ଦେଶରେ ବିନୋବାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା । ପ୍ରସିଦ୍ଧ ମରାଠୀ ଲେଖକ ପାର କେ ଆତ୍ରେ ବିନୋବାଙ୍କୁ 'ବାନରବା' ବା ମାଙ୍କଡ କହିଥିଲାବେଳେ ଅନେକ ଚିନ୍ତାଶୀଳ ବ୍ୟକ୍ତି ବାବା ବିନୋବାଙ୍କ 'ଭୂଦାନଯଜ୍ଞ'କୁ ବି କଟୁ ସମାଲୋଚନା କରିଥାନ୍ତି । ମାତ୍ର ଏତେ ପ୍ରକାରର ନିନ୍ଦା, ଅପବାଦ, ସମାଲୋଚନା ମଧ୍ୟରେ ବାବା ବିନୋବାଙ୍କ ଜୀବନ ଦର୍ଶନ ଯାହା ବ୍ୟକ୍ତିର ପରିପୂର୍ଣ୍ଣ ବିକାଶ ପାଇଁ ଅଭିପ୍ରେତ ଥିଲା ଓ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପରି ଷଡରିପୁକୁ ତ୍ୟାଗପୂର୍ବକ ଏକ ଅହିଂସା, ଶ୍ରମଆଧାରିତ, ସ୍ୱାବଲମ୍ବନଶୀଳ ଜୀବନଶୈଳୀର ବିକାଶ ପାଇଁ ଉଦ୍ୟମ ଥିଲା, ତାହାକୁ ଅସ୍ୱୀକାର କରାଯାଇ ନପାରେ । ବିନୋବାଙ୍କ ଏହି ଚିନ୍ତା–ଚେତନା, କର୍ମ ସାଧନାକୁ ବହୁଲୋକ ପାଶୋରି ଦେଲେଣି, ଯାହା ତାଙ୍କ ଦ୍ୱାରା ବା ତାଙ୍କ ପରାମର୍ଶରେ ତାଙ୍କର ଅନୁଗାମୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମ ମାଧ୍ୟମରେ ସମ୍ଭବ ହୋଇଥିଲା । ବିନୋବାଙ୍କ 'କାଞ୍ଚନମୁକ୍ତ, ଋଷିପରି ତ୍ୟାଗପୂତ ଜୀବନ ଓ ଅହିଂସକ କୃଷି' ନବଯୁଗର ପ୍ରବର୍ତ୍ତକ ଥିଲା ।

**ଆଚାର୍ଯ୍ୟ ବିନୋବା ଭାବେ ତାଙ୍କର ଜୀବବବ୍ୟାପୀ ସାଧନା ପାଇଁ ଭାରତ ସରକାରଙ୍କ ଠାରୁ ସମ୍ମାନଜନକ 'ଭାରତରତ୍ନ' ଉପାଧି ଲାଭ କରିଛନ୍ତି ଓ କୋଟି କୋଟି ଭାରତବାସୀ ତଥା ବିଶ୍ୱର ବହୁ ଜନମାନସରେ 'ବାବା' ଭାବେ ଶ୍ରଦ୍ଧାଲାଭ କରିଛନ୍ତି । କିନ୍ତୁ ମାନବ ଜୀବନକୁ ସୁଖ ଓ ଶାନ୍ତିମୟ କରାଇବା ପାଇଁ ବିନୋବାଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଇପାରି ନାହିଁ । ତାଙ୍କର ଅବଦାନ ଓ ଯୋଗଦାନକୁ କେହି ସ୍ୱୀକାର କରନ୍ତି ନାହିଁ ।**

ଏହି ମୌଳିକ ବିଚାରକୁ ଆଧାରକରି, ଷଡରିପୁ ନିବାରଣରେ ବିନୋବାଙ୍କ ଷଡ–ଆଶ୍ରମ ଏକ ସମୃଦ୍ଧ, ବିକଶିତ ଭାରତର ପରିକଳ୍ପନା କରିଥିଲାବେଳେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତାହା ଏକ ଶାନ୍ତିମୟ ବୌଦ୍ଧିକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ମାନବ ଜୀବନର ଏହି ମହତ ଉଦ୍ଦେଶ୍ୟକୁ ପୂରଣ କରୁଥିବା ବାବା ବିନୋବାଙ୍କ ଆଶ୍ରମଗୁଡିକ ମଧ୍ୟରେ ପରମଧାମ ଆଶ୍ରମ, ମୌତ୍ରୀ ଆଶ୍ରମ, ସମନ୍ୱୟ ଆଶ୍ରମ, ବିସର୍ଜନ ଆଶ୍ରମ, ପ୍ରସ୍ଥାନ ଆଶ୍ରମ ଓ ବଲ୍ଲଭ ନିକେତନ ଅନ୍ୟତମ । ଦିନେ ଆଦି ଶଙ୍କାରାଚାର୍ଯ୍ୟଙ୍କ ଦ୍ୱାରା ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଭାରତର ଚାରି ଦିଗରେ ଚାରିଟି ଧାମ ସ୍ଥାପନ ପରି ବିନୋବା ମାନବ ଜୀବନର ପରିପୂର୍ଣ୍ଣତା ପାଇଁ ସାମାଜିକ ସଂସ୍କାର ସହିତ ଆଧ୍ୟାତ୍ମିକ ଜାଗରଣ ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ଆଶ୍ରମ ସ୍ଥାପନା କରିଥିଲେ । ଏହି ଆଶ୍ରମଗୁଡିକ ଆଜି ମଧ୍ୟ ବାବା ବିନୋବାଙ୍କ ଆଧ୍ୟାତ୍ମିକ ଜୀବନ ଦର୍ଶନର ପ୍ରଚାର ଓ ପ୍ରସାର କରୁଥିଲାବେଳେ, ଏକ ସେବାମୟ ପରିପୂର୍ଣ୍ଣ ମାନବୀୟ ଢାଞ୍ଚା ଗଢିବାରେ ସକ୍ଷମ ହୋଇପାରିଛି ।

ବିନୋବାଙ୍କ ପ୍ରଥମ ଆଶ୍ରମ, ପରମଧାମ ଆଶ୍ରମ ମହାରାଷ୍ଟ୍ରର ପୌନାର ଠାରେ ଅବସ୍ଥିତ । ଦୁର୍ବଳ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଶୈଳନିବାସରେ କିଛିଦିନ ରହିବାକୁ ବିନୋବାଙ୍କୁ ଦିନେ ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ଏହି କାରଣରୁ ୧୯୨୧ ମସିହା ବେଳକୁ ବିନୋବା ମହାରାଷ୍ଟ୍ରର ୱାର୍ଦ୍ଧା ଜିଲ୍ଲାରେ ସାବରମତୀ ଆଶ୍ରମ ପରି ଏକ ଆଶ୍ରମ ପ୍ରତିଷ୍ଠା କରିବାକୁ ଉଦ୍ୟମ କରିଥିଲେ, ଯାହା ପରେ ପୌନାର ପରମଧାମ ଆଶ୍ରମ ବା ବ୍ରହ୍ମବିଦ୍ୟା ମନ୍ଦିର ଭାବେ ପରିଚିତ । ପୌନାର ଏକ ସମୟରେ ପ୍ରବରପୁର ଭାବେ ନାମିତ ଥିଲା ଓ ଏଠାରେ ଭକଟକ ରାଜବଂଶର ଶାସନ ରହିଥିଲା । ଏହି ବଂଶର ରାଜା ପ୍ରବରସେନାଙ୍କ ନାମରୁ ଏହି ଅଞ୍ଚଳର ନାମ ପ୍ରବରପୁର ଓ ପରେ ପୌନାର ହୋଇଥିବା ବିଶ୍ୱାସ କରାଯାଏ । ବିନୋବା ଏଠାରେ ଆଶ୍ରମ ସ୍ଥାପନ କଲେ ୧୯୩୮ ମସିହାରେ । ଧାମ୍ ନଦୀ କୂଳରେ ପାହାଡ ଉପରେ ଗଢି ଉଠିଥିବା ପରମଧାମ ଆଶ୍ରମ ତା'ର ସ୍ୱତନ୍ତ୍ରତା ପାଇଁ ଦେଶରେ ଖ୍ୟାତ । ବାବା ବିନୋବା ଏଠାରେ ତାଙ୍କର ଶେଷ ଜୀବନ ବି କଟାଇଥିଲେ । ୧୯୮୨ ମସିହା ନଭେମ୍ବର ୧୫ରେ ଜୈନଧର୍ମର ବ୍ୟବସ୍ଥାରେ ଅନ୍ନ ଜଳ ସ୍ପର୍ଶ ନକରି ସନ୍ଥାରା ବା ସମାଧି ପୂର୍ବକ ମୃତ୍ୟୁବରଣ କରିବା ପୂର୍ବରୁ ତାଙ୍କର ସମସ୍ତ କାର୍ଯ୍ୟ ଏହି ଆଶ୍ରମରୁ ସଞ୍ଚାଳିତ ହେଉଥିଲା । ଗାନ୍ଧିଜୀ ସେବାଗ୍ରାମରେ ଆଶ୍ରମ ସ୍ଥାପନକରି ରଚନାତ୍ମକ କାମ ଓ ସ୍ୱାଧୀନତା ଆନ୍ଦୋଳନକୁ ସଞ୍ଚାଳିତ କରୁଥିଲାବେଳେ ବିନୋବା ପୌନାର ପରମଧାମ ଆଶ୍ରମରେ ଭଉଣୀମାନଙ୍କୁ ନେଇ 'କାଞ୍ଚନମୁକ୍ତ, ଋଷିପରି ତ୍ୟାଗପୂତ ଜୀବନ ଓ ଅହିଂସକ କୃଷି' ସାଧାନାରେ ନିୟୋଜିତ ଥିଲେ । ଆଶ୍ରମ ସ୍ଥାପନବେଳେ ସେହି ପାହାଡ ମଧ୍ୟରୁ ପଞ୍ଚଦଶ ଶତାବ୍ଦୀର ଅନେକ ପଥର କାରୁକାର୍ଯ୍ୟ ମୂର୍ତ୍ତି ମିଳିଥିଲା, ଯାହା ପରମଧାମ ଆଶ୍ରମରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରହିଛି । ଏହି ପଥର ମୂର୍ତ୍ତିଗୁଡିକ ମଧ୍ୟରେ ଗଙ୍ଗାମାତା, ରାମ–ଭରତଙ୍କ ଭେଟ ପ୍ରତିମା ଉଲ୍ଲେଖନୀୟ । ଜମୁନାଲାଲ ବଜାଜଙ୍କ ସହଯୋଗରେ ଏଠାରେ ବିନୋବା ଆଶ୍ରମ ସ୍ଥାପନକରି ବ୍ରହ୍ମବିଦ୍ୟାର ସାଧନା ପଥରେ ନିଜେ ଅଗ୍ରସର ହୋଇଥିଲାବେଳେ ଆଶ୍ରମବାସୀ ଭଉଣୀମାନଙ୍କୁ ମଧ୍ୟ ଜୀବନର ଉଚ୍ଚତର ସୋପାନକୁ ନେଇ ଯିବାରେ ସହଯୋଗ କରିଥିଲେ । ବିନୋବାଙ୍କ ସାନଭାଇ ବାଲକୋବା ଭାବେ ମଧ୍ୟ ଏହି ଆଶ୍ରମରେ ଅନେକ ବର୍ଷ କଟାଇ ଆଶ୍ରମର ପରିଚାଳନା ସହିତ ତା'ର ଶ୍ରୀବୃଦ୍ଧି କରାଇଥିଲେ । ଆଶ୍ରମ ପରିସରରେ ୧୯୫୯ ମସିହାରେ ବିନୋବା ବ୍ରହ୍ମବିଦ୍ୟା ମନ୍ଦିର ସ୍ଥାପନ କରିଥିଲେ ଓ ପ୍ରତ୍ୟେକ ମଣିଷ ପାଇଁ ବ୍ରହ୍ମ ସାଧନାରେ ଏହା ଯେପରି ନିୟୋଜିତ ହୋଇପାରିବ ସେଥିପ୍ରତି ଧ୍ୟାନ ଦେଉଥିଲେ । ବ୍ରହ୍ମବିଦ୍ୟା ମନ୍ଦିର ପରି ପରମଧାମ ଆଶ୍ରମରେ ଭାରତ–ରାମ ମନ୍ଦିର ରହିଛି । କୃଷିକାର୍ଯ୍ୟ, ଗୋଶାଳା ରହିଛି । ଶରୀରଶ୍ରମ ଆଧାରିତ ପରମଧାମ ଆଶ୍ରମ ସ୍ୱାବଲମ୍ବୀ ଜୀବନଶୈଳୀର ଏକ ଜ୍ୱଳନ୍ତ ଉଦାହରଣ ।



ଆସାମ ପ୍ରଦେଶ ଗୌହାଟିର ସରନିଆ ପାହାଡ ପାଦଦେଶରେ ଅବସ୍ଥିତ ମୌତ୍ରୀ ଆଶ୍ରମ ଅନ୍ୟତମ, ଯାହାକୁ ୧୯୪୬ ମସିହା ଜାନୁଆରୀ ମାସରେ ମହାତ୍ମା ଗାନ୍ଧି ଶୁଭାରମ୍ଭ କରିଥିଲେ । ଏହି ଆଶ୍ରମ ବିନୋବା ଭାବେଙ୍କ ଆଦର୍ଶରେ ପରିଚାଳିତ ଏକ ସର୍ବୋଦୟ ଆଶ୍ରମ, ଯାହାକୁ ଗାନ୍ଧି–ବିନୋବାଙ୍କ ଅନୁଗାମୀ ସମାଜସେବୀ, ରଚନାତ୍ମକ କର୍ମୀ ଅମଳପ୍ରଭା ଦାସ ସ୍ଥାପନ କରିଥିଲେ । ମହିଳାମାନଙ୍କୁ ଶିକ୍ଷା, ଆର୍ଥିକ ଦିଗରୁ ସ୍ୱାବଲମ୍ବୀ କରାଇବା ପରି ମୌଳିକ ଚିନ୍ତାଧାରାକୁ ନେଇ କାମ କରୁଥିବାରୁ ଏହି ଆଶ୍ରମ ସମ୍ପ୍ରତି 'କସ୍ତୁରବା ଆଶ୍ରମ' ଭାବେ ନାମିତ ହେଉଥିଲାବେଳେ ମୌଳିକ ଶିକ୍ଷା, ଗ୍ରାମ ବିକାଶ, ସମାଜ ସଂସ୍କାରମୂଳକ ଗାନ୍ଧି ରଚନାତ୍ମକ କାମକୁ ପ୍ରାଧାନ୍ୟ ଦେଉଛି । ବିନୋବାଙ୍କ ଆଧ୍ୟାତ୍ମିକ ବିଚାର, ସର୍ବୋଦୟ ସିଦ୍ଧାନ୍ତ ଓ ସ୍ତ୍ରୀଶକ୍ତି ଜାଗରଣ ପାଇଁ ମୌତ୍ରୀ ଆଶ୍ରମ ଦେଶରେ ତା'ର ସ୍ୱତନ୍ତ୍ରତାକୁ ବଜାୟ ରଖିଛି । ୧୮ ଏପ୍ରିଲ ୧୯୫୪ ମସିହାରେ ଭୂଦାନ ଦିବସ ଅବସରରେ ବିହାର ପ୍ରଦେଶର ବୋଧଗୟା ଠାରେ ବାବା ବିନୋବାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମ ସମନ୍ୱୟ ଆଶ୍ରମ ଭାବେ ନାମିତ । ଏହି ଆଶ୍ରମର ପ୍ରତିଷ୍ଠା ଓ ପରିଚାଳନାରେ ଦ୍ୱାରକ ସୁନ୍ଦ୍ରାଣିଙ୍କର ପ୍ରମୁଖ ଯୋଗଦାନ ରହିଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସହିତ ଲୋକନାୟକ ଜୟପ୍ରକାଶ ନାରାୟଣ ଓ କାକା କାଲେରକରଙ୍କ ପରି ସର୍ବୋଦୟର ବୈଚାରିକ ନେତୃବୃନ୍ଦ ସମନ୍ୱୟ ଆଶ୍ରମରେ ଅନେକ ଥର ପଦାର୍ପଣ କରି ଏହାର କାର୍ଯ୍ୟକୁ ମାର୍ଗଦର୍ଶନ ଦେଇଥିଲେ । ସମସ୍ତ ଧର୍ମ ଓ ସମ୍ପ୍ରଦାୟ ତଥା ଜାତି ମଧ୍ୟରେ ସମନ୍ୱୟ ସ୍ଥାପନା ଲକ୍ଷ୍ୟ ନେଇ ଏହି ଆଶ୍ରମ ଗଢି ଉଠିଥିଲା । ବିନୋବାଙ୍କ ଆଧ୍ୟାତ୍ମିକ ଆଦର୍ଶ, ଗାନ୍ଧିଙ୍କ ରଚନାତ୍ମକ କାମକୁ ପାଥେୟକରି ସମନ୍ୱୟ ଆଶ୍ରମ ଆଜି ମଧ୍ୟ କାର୍ଯ୍ୟ କରୁଛି । କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଅବସ୍ଥିତ ବଲ୍ଲଭ ନିକେତନ ସନ୍ଥ ବିନୋବା ଆଶ୍ରମ ଭାବେ ପ୍ରତିଷ୍ଠିତ ଯାହାକୁ ବିନୋବାଙ୍କର ଅନ୍ୟତମ ସହଯୋଗୀ ବଲ୍ଲଭସ୍ୱାମୀ ପ୍ରତିଷ୍ଠା କରିଥିଲେ । ବିଶ୍ୱନିଡମ୍ ଟ୍ରଷ୍ଟ ଦ୍ୱାରା ସଂଚାଳିତ ବଲ୍ଲଭ ନିକେତନ ୧୯୫୯ରୁ ଆଜିଯାଏଁ ଗ୍ରାମସ୍ୱରାଜ, ଲୋକସ୍ୱରାଜ, ଖଦୀର ପ୍ରସାର ଆଦି ରଚନାତ୍ମକ କାମ ସହିତ ଜଡିତ ଅଛି । ଗାନ୍ଧି ସ୍ମାରକ ନିଧି, ଖଦୀ ଫେଡେରେସନ୍ ଆଦି ରଚନାତ୍ମକ ସଂସ୍ଥ ମାଧ୍ୟମରେ ଗାନ୍ଧି–ବିନୋବାଙ୍କ ବିଚାର ଓ ସର୍ବୋଦୟ ଆଦର୍ଶକୁ ବଲ୍ଲଭ ନିକେତନ ଆଗେଇ ନେଉଛି । ଏକ ଶାନ୍ତିପୂର୍ଣ୍ଣ ବାତାବରଣରେ ମହାଦେବୀ ତାଇ, ଏସ୍‌ଏସ୍ ଶର୍ମା ଓ ଭିଟି ମଗାଡିଙ୍କ ପରି ରଚନାତ୍ମକ କର୍ମୀମାନଙ୍କ ଆଦର୍ଶରେ ଖଦୀର ପ୍ରସାର ଓ ସର୍ବୋଦୟ ବିଚାର ପ୍ରଚାର କାମ ବଲ୍ଲଭ ନିକେତନକ ଦ୍ୱାରା ଜାରି ରହିଛି ।

ପଞ୍ଜାବ ପ୍ରଦେଶର ପଠାନକୋଟର ଖାନପୁର ଗାଆଁରେ ଅନ୍ୟତମ ରଚନାତ୍ମକ କର୍ମୀ ତଥା ସର୍ବ ସେବା ସଂଘର ପୂର୍ବ ଅଧ୍ୟକ୍ଷ ୟସପାଲ ମିତଲଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମ ଯାହାକୁ ବିନୋବା ଭାବେ ପ୍ରସ୍ଥାନ ଆଶ୍ରମ ଭାବେ ନାମକରଣ କରିଥିଲେ । ୧୯୬୦ ମସିହାରୁ ଏହି ଆଶ୍ରମ ସର୍ବୋଦୟ ସିଦ୍ଧାନ୍ତ, ଭୂଦାନ ଓ ରଚନାତ୍ମକ କାମ କରିଆସୁଛି । ଭାରତ ପାକିସ୍ତାନର ସୀମାରେ ଅବସ୍ଥିତ ଏହି ଆଶ୍ରମ ଯୁଦ୍ଧ ସମୟରେ ଶାନ୍ତି କାର୍ଯ୍ୟରେ ବି ସମ୍ପୃକ୍ତ ରହିଥିଲା । ସାମ୍ପ୍ରଦାୟିକ ଦଙ୍ଗାପରେ ଏହି ଆଶ୍ରମ ପକ୍ଷରୁ ସର୍ବୋଦୟ ଶାନ୍ତି ସଦ୍ଭାବନା ଯାତ୍ରା ମାଧ୍ୟମରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଇଥିଲା । ଜମୁନାଲାଲ ବଜାଜ ପୁରସ୍କାରରେ ସମ୍ମାନିତ ୟସପାଲଜୀ ଏଠାରେ ପାଠାଗାର, କୃଷି, ଗୋଶାଳା, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପ୍ରତିଷ୍ଠାକରି ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ବିକାଶ ପାଇଁ ଉଦ୍ୟମ କରିଥିଲେ । ବିନୋବାଙ୍କ ନୀତି ଆଦର୍ଶ ତଥା ଗାନ୍ଧି ମୂଲ୍ୟବୋଧକୁ ପାଥେୟକରି ପ୍ରସ୍ଥାନ ଆଶ୍ରମ ଆଜି ମଧ୍ୟ ସଚଳ ରହିଛି । ମଧ୍ୟପ୍ରଦେଶର ଇନ୍ଦୋର ସହରରେ ପ୍ରତିଷ୍ଠିତ ବିସର୍ଜନ ଆଶ୍ରମ ଯାହା ହିନ୍ଦୁ ଧର୍ମର ସଂସ୍କାରକୁ ଆଧାର କରି ନାମକରଣ କରାଯାଇଛି । ବିନୋବାଙ୍କ ଅନ୍ୟ ଆଶ୍ରମଗୁଡିକ ପରି ବିସର୍ଜନ ଆଶ୍ରମ ମଧ୍ୟ ଗାନ୍ଧି ମୂଲ୍ୟବୋଧ ଓ ସର୍ବୋଦୟ ସିଦ୍ଧାନ୍ତକୁ କାର୍ଯ୍ୟକାରି କରି ଏକ ଆଧ୍ୟାତ୍ମିକ ଜାଗରଣ ଦିଗରେ ଅଗ୍ରସର ।

ପ୍ରାକୃତିକ ଚିକିତ୍ସା, ସାମାଜିକ ସଂସ୍କାର, ବ୍ରହ୍ମବିଦ୍ୟା ସାଧନା ପରି ଆଧ୍ୟାତ୍ମିକ ଜାଗରଣ ଓ ସେବାମୟ ଜୀବନକୁ ଆଧାରକରି କାର୍ଯ୍ୟ କରୁଥିବା ବିନୋବା ଆଶ୍ରମଗୁଡିକ ଗୋଟିଏ ଗୋଟିଏ ଉଦାହରଣ, ଯେଉଁଥିରେ ସନ୍ଥ ବିନୋବା ଭାବେଙ୍କ ଜୀବନ ସାଧନା, 'କାଞ୍ଚନମୁକ୍ତ, ଋଷିପରି ତ୍ୟାଗପୂତ ଜୀବନ ଓ 'ଅହିଂସକ କୃଷି' ପ୍ରତିଫଳିତ ଯାହା ମଣିଷର ଜୀବନକୁ ଷଡରିପୁ ପ୍ରଭାବରୁ ମୁକ୍ତ କରିବା ସହିତ ଏକ ସଫଳ ମାନବ ଜୀବନ ଧାରଣରେ ସହଯୋଗ କରିଆସୁଛି ।

**ଟ୍ରଷ୍ଟି,ସର୍ବସେବା ସଂଘ, ଅରୁଣଦୋୟ ନଗର, କଟକ, ମୋ–୯୦୪୦୩୯୭୧୨୨**

# ଆଜାଦ ହିନ୍ଦ୍ ଫୌଜର ଗଦାଧର ମହାପାତ୍ର



ଡ. ପରେଶ ରଥ

ବ୍ରିଟିଶ ଅଧୀନସ୍ଥ ଜୟପୁର ସମସ୍ଥାନମ ଇଷ୍ଟେଟ୍ ପରିଚାଳନା ଅନ୍ତର୍ଗତ ସୂର୍ଯ୍ୟବଂଶୀୟ ରାଜ ଶାସନ ଅମଳରୁ ଦଲିଲ ଲେଖାଳୀ ସ୍ୱର୍ଗତ ଦାମୋଦର ମହାପାତ୍ର ଓ ପତ୍ନୀ ଲକ୍ଷ୍ମୀ ଦେବୀଙ୍କ ଚାରିପୁତ୍ର ଓ ଏକମାତ୍ର କନ୍ୟା । ଚତୁର୍ଥ ପୁତ୍ର ଗଦାଧର ମହାପାତ୍ରଙ୍କ ଜନ୍ମ ଜୟପୁର ସହରରେ ୧୯୨୧ ମସିହା ଜୁନମାସ୍ ୧୫ ତାରିଖରେ ହୋଇଥିଲା ।

ବାଲ୍ୟକାଳରୁ ହିଁ ସେ ସୈନ୍ୟ ବାହିନୀରେ ଯୋଗ ଦେବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ୧୯୪୦ ମସିହା ନଭେମ୍ବର ମାସ ୩ ତାରିଖରେ ଭାରତୀୟ ବ୍ରିଟିଶ୍ ସେନା ବାହିନୀରେ ଯୋଗଦେବା ପାଇଁ ସେ ମନୋନୀତ ହେଲେ ଏବଂ ୧୯୪୦ ମସିହା ନଭେମ୍ବର ମାସ ୩ ତାରିଖରେ ସେନାବାହିନୀରେ ଯୋଗଦେଇ ବାଙ୍ଗାଲୋର ଠାରେ ସେ ତାଲିମ ପ୍ରାପ୍ତ ହେଲେ ଏବଂ ତାଙ୍କ ରେଜିମେଣ୍ଟ ସମୁଦ୍ର ପାରି ହୋଇ ମାଳୟରେ ପହଞ୍ଚିଲେ ୧୯୪୨ ମସିହା ଜାନୁୟାରୀ ମାସରେ ଜାପାନ ସହିତ ଯୁଦ୍ଧ ଆରମ୍ଭ ହେଲା । ଏହି ଯୁଦ୍ଧରୁ ପଛଘୁଞ୍ଚା ଦେଇ ରେଜିମେଣ୍ଟ ସେନାନୀ ସିଙ୍ଗାପୁରକୁ ଚାଲି ଆସିଲେ ଏବଂ ସେଠାରେ ବନ୍ଦୀ ଅବସ୍ଥାରେ ଥିଲେ । ସେ ସମୟରେ କ୍ୟାପେଟେନ୍ ମୋହନ ସିଂ ଭାରତୀୟ ବନ୍ଦୀମାନଙ୍କୁ ନେଇ ମାତୃଭୂମିର ସ୍ୱାଧୀନତା ପାଇଁ ଏକ ସ୍ୱେଚ୍ଛାସେବୀ ବାହିନୀ ଗଠନ କଲେ ଏବଂ ଯେତେସବୁ ଭାରତୀୟ ବନ୍ଦୀ ଥିଲେ ସମସ୍ତେ ସେହି ସ୍ୱେଚ୍ଛାସେବୀ ବାହିନୀରେ ଯୋଗ ଦେଲେ । ନୂତନ ସଂଗଠନ ଓ ନୂତନ ଧରଣର ତାଲିମ ଆରମ୍ଭ ହେଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନରେ ଗଦାଧର ମହାପାତ୍ର 'ଆଜାଦ୍ ହିନ୍ଦ୍ ଫୌଜ'ରେ ଯୋଗ ଦେଲେ । ଗଦାଧର ମହାପାତ୍ର ସେ ସମୟରେ ନେତାଜୀଙ୍କ ୨୨ଟି ଉପବିଭାଗର ବିଶିଷ୍ଟ ବାହାଦୁର ଗ୍ରୁପର ସୈନିକ ଥିଲେ ଏବଂ ଆଠ ନମ୍ବର ଗ୍ରୁପର କମାଣ୍ଡର ଥିଲେ । ୧୯୪୫ ମସିହା ମେ ମାସରେ ଯୁଦ୍ଧ ବିରତି ଘୋଷଣା ପରେ ଗଦାଧର ମହାପାତ୍ର ବନ୍ଦୀ ହୋଇ ମାତୃଭୂମିକୁ ଫେରି ଆସିଲେ । ବିଚାର ପରେ ସେ ମୁକ୍ତ ହେଲେ ଏବଂ ନିଜ ଜନ୍ମ ସ୍ଥାନ ଜୟପୁରକୁ ଫେରି ଆସିଲେ । ପରବର୍ତ୍ତୀ କାଳରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ପି.ଇ.ଟି ଶିକ୍ଷକ ଭାବେ ଯୋଗ ଦେଇ ନିଜ ଅବଶିଷ୍ଟ ଜୀବନ ଶିକ୍ଷକତାରେ ବିତାଇ ଦେଲେ । ୧୯୨୩ ମସିହାରେ ଭାରତ ସ୍ୱାଧୀନତାର ଅମୃତ ମହତ୍ସୋବ ପାଳନ ଅବସରରେ ଭାରତୀୟ ସଂସ୍କୃତି ମନ୍ତ୍ରଣାଳୟ ଗଦାଧର ମହାପାତ୍ରଙ୍କ ନାମ ସ୍ୱାଧୀନତା ସଂଗ୍ରାମୀ ଭାବେ ପ୍ରକାଶ କରିବା ପରେ ତାଙ୍କ ପ୍ରତିମୂର୍ତ୍ତି ଜୟପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରତିଷ୍ଠା କରାଯାଇଛି । ସେହି ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।



**ଏସୋସିଏଟ୍ ପ୍ରଫେସର,ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ,କୋରାପୁଟ**

# ଶରତର କାଶତଣ୍ଡୀ କରେ ଆନମନା

ସନ୍ତୋଷ କୁମାର ଦାଶ

ଏବେ ରାଜ୍ୟର ବିଭିନ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱରେ, ବିଭିନ୍ନ ପଡ଼ିଆ ପ୍ରାନ୍ତରେ ପ୍ରଚୁର ପରିମାଣରେ କାଶତଣ୍ଡୀ ଫୁଟିଛି । କାଶତଣ୍ଡୀକୁ ଦେଖିଲେ ଶରତ ଋତୁର ଆଗମନ ଓ ତା' ସହିତ ଦେବୀ ଦୁର୍ଗାଙ୍କ ପାର୍ବଣ ପୂଜା ପାଖେଇ ଆସୁଥିବା ଜଣାପଡ଼େ । ଏବେ କାଶତଣ୍ଡୀ ହସି କହିଲାଣି ପାର୍ବଣ ଋତୁ ଆସୁଛି । ଜଳବାୟୁ ପରିବର୍ତ୍ତନ ପାଇଁ ଏ ବର୍ଷ ଯଥେଷ୍ଟ ଆଗରୁ କାଶତଣ୍ଡୀ ଫୁଟିଛି । ଆସନ୍ତା ୧୪ ତାରିଖରେ ମା ଦୁର୍ଗାଙ୍କର ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇ ଶାରଦୀୟ ପାର୍ବଣ ପୂଜାର ଅୟମାରମ୍ଭ ହେବ । ତା' ପୂର୍ବରୁ ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି ।

ସୁଲୁସୁଲିଆ ପବନରେ କାଶତଣ୍ଡୀ ହଲି ଦୋହଲି କବି, ପ୍ରକୃତିପ୍ରେମୀ, ଭାବୁକଙ୍କ ମନକୁ ପୁଲକିତ କରୁଛି ।

ପ୍ରକୃତି ରାଣୀ ସତେ ଯେପରି ଧଳା ରଙ୍ଗର ଚାମର ଧରି ପାର୍ବଣ ଋତୁକୁ ସ୍ୱାଗତ କରିବା ସହ ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି । କବିଙ୍କ ଭାଷାରେ ନୀଳ ଆକାଶ ରେ ଖଣ୍ଡ ଖଣ୍ଡ ବାଦଲ ଭାସି ଯାଉଥିବା ବେଳେ ତଳେ ପୃଥିବୀ ପୃଷ୍ଠରେ ଧଳା ରଙ୍ଗର ଚିକ ଚିକ୍ କରୁଥିବା କାଶତଣ୍ଡୀ ସତେ ଯେପରି ମେଘ ମାଳାକୁ ହାତ ହଲାଇ ବିଦାୟ ଜଣାଉଛି । ଅପୂର୍ବ ଏ ଦୃଶ୍ୟ । ରାସ୍ତା ପାର୍ଶ୍ୱରେ ଫୁଟିଥିବା କାଶତଣ୍ଡୀ ପଥଚାରୀଙ୍କୁ ଆନମନା କରୁଛି । ବିଭୋର ହୋଇ ଉଠୁଛି ଆଉ ପୁଲ୍ଲକିତ ହୋଇ ଉଠୁଛି ମଣିଷର ତନୁ ଆଉ ମନ । କିଛି କିଛି ଲୋକ ଘଡ଼ିଏ ଅଟକି ଯାଉଛନ୍ତି ଆଉ ମନଭରି ଉପଭୋଗ କରୁଛନ୍ତି ପ୍ରକୃତି ରାଣୀର ଏ ମନଲୋଭା ଦୃଶ୍ୟକୁ ।

ଧଳା ରଙ୍ଗକୁ ଶାନ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ । ଏଣୁ କାଶତଣ୍ଡୀ ସାରା ସଂସାରରେ ବିଞ୍ଚି ଚାଲିଛି ସତ୍ୟ ଓ ଶାନ୍ତିର ବାର୍ତ୍ତାକୁ । ପ୍ରକୃତି ରାଣୀ ସତେ ଯେପରି ଧଳା ଚାଦରରେ ନିଜକୁ ଘୋଡ଼ାଇ ଦେଇଛି ।

ସତରେ ମନକୁ ବିମୋହିତ କରି ଦେଉଛି ରାସ୍ତା ପାର୍ଶ୍ୱର କାଶତଣ୍ଡୀ ଆଉ ହସି କହୁଚି ସମସ୍ତଙ୍କୁ ପ୍ରସ୍ତୁତ ହୁଅ, ସମସ୍ତେ ପାର୍ବଣ ଋତୁ ଆସୁଛି, ମାଆ ଆସୁଛନ୍ତି !!

ତୁଳସୀପୁର, ପୁରୀ
ମୋ–୯୪୩୯୩୬୧୮୮

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏନ୍‌କାଉଣ୍ଟରରେ...

ଜରୁରାମ ମହନ୍ଦା(୩୩), ବୁଧୁରାମ ମହନ୍ଦା(୨୯), ଚିନ୍ନା ମଣ୍ଡି(୩୪), କୁମ୍ଭା ମଣ୍ଡି(୩୪), ବୋଦି ମେହନ୍ଦା(୩୦), ବିରଜୁ ମହନ୍ଦା(୩୦), ବୁଧୁ ମଣ୍ଡି(୩୩) ଏବଂ କୋସା ମେହନ୍ଦା(୩୪) । କ୍ୟାଡର ମାଓବାଦୀମାନେ ଆଦିବାସୀ ଛୋଟ ମାଓମାନଙ୍କୁ ହୀନ ଚକ୍ଷୁରେ ଦେଖନ୍ତି । ସଂଗଠନରେ ଭେଦଭାବ ଓ ନିର୍ଯାତନା ବଢ଼ିଛି । ପୁଲିସ ଲଗାତାର କ୍ୟାମ୍ପ ପ୍ରତିଷ୍ଠା କରିବା ଏବଂ ଅପରେସନକୁ ଜୋରଦାର କରିବା ଯୋଗୁଁ ମାଓବାଦୀ ଭୟଭୀତ ରହିଥିବା କହିଛନ୍ତି । ଏମାନଙ୍କ ମଧ୍ୟରେ କିଛି ବ୍ୟକ୍ତି ଜନତାନା ସରକାର ସଦସ୍ୟ, ମିଲିସିଆ କମାଣ୍ଡର, ସିଏନଏମ ଅଧ୍ୟକ୍ଷ,ପଞ୍ଚାୟତ ସରକାର ସଦସ୍ୟ, ପଞ୍ଚାୟତ ମିଲିସିଆ ସଦସ୍ୟ ଭଳି ମାଓବାଦୀ ରହିଛନ୍ତି । ଏମାନେ ଆତ୍ମସମର୍ପଣ ପରେ ପୁଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି ।

## ମହାନଦୀ...

କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ ।

## ସାରର...

ନିର୍ଦ୍ଦେଶ ଦେଇଛନ୍ତି ।ସେହିଭଳି, ମାର୍କଫେଡ଼ ର ଅଧିକାରୀ ମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁଏନଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ କ୍ରପ ଡାଇଭର୍ସିଫିକେସନ ଏବଂସମ୍ବନ୍ଧିତ କୃଷି ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ । ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆ ଯାଉଛି ଏବଂ ଯେପରି ସେହି ଅଞ୍ଚଳରେ ଚାଷୀ ମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ ।

ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝି ଥିଲେ ଏବଂ କୌଣସି ସ୍ଥାନରେ ଚାଷୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ ।

## ନେପାଳ...

ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିଥିବା ସୁଶୀଳା କାର୍କିଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ସେ ଦାୟିତ୍ୱ ଗ୍ରହଣ କରିବାରୁ ରାଜି ହୋଇଥିଲେ । ହେଲେ ଏବେ ସେ ରେସରୁ ବାଦ ପଡ଼ିଥିବା ଜଣାପଡ଼ିଛି । ତାଙ୍କ ବଦଳରେ ନେପାଳର ବିଜୁଳି ସଙ୍କଟକୁ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଇଲେକଟ୍ରିକାଲ ଇଞ୍ଜିନିୟର କୁଲମନ ଘିସିଂ ଦେଶର ପ୍ରଧାନମନ୍ତ୍ରୀ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଥିବା ଜଣାପଡ଼ିଛି । ଅଧିକାଂଶ ଜେଡ ଜି ବିକ୍ଷୋଭକାରୀ ଘିସିଂଙ୍କ ସପକ୍ଷରେ ମତ ରଖିଛନ୍ତି । ଗୁରୁବାର ଜେନ ଜେ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଘିସିଂଙ୍କ ବ୍ୟତୀତ ୬ ଘଣ୍ଟା ଧରି ଚାଲିଥିବା ଭିଡିଓ କନଫରେନ୍ସିଂ ଆଲୋଚନା ବେଳେ କାଠମାଣ୍ଡୁ ମେୟର ବାଲେନ ଶାହ ଓ ନେପାଳର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ସୁଶୀଳା କାର୍କିଙ୍କ ନାଁ ମଧ୍ୟ ବିଚାରକୁ ନିଆଯାଇଥିଲା । ଅଧିକାଂଶ ଜେଡ ଜେଡ ଇଲେକଟ୍ରିକାଲ ଇଞ୍ଜିନିୟର ଘିସିଂଙ୍କ ସପକ୍ଷରେ ରହିଛନ୍ତି ।

୫୪ ବର୍ଷୀୟ କୁଲମନ ଘିସିଙ୍ଗ ହେଉଛନ୍ତି ନେପାଳ ବିଦ୍ୟୁତ ପ୍ରାଧିକରଣର ପୂର୍ବତନ ନିର୍ଦ୍ଦେଶକ । ଦେଶବ୍ୟାପୀ ବିଦ୍ୟୁତକରଣ ସମସ୍ୟାର ସମାଧାନ ତାଙ୍କ ଦାୟିତ୍ୱ ସମୟରେ ସମାପନ ହୋଇଥିଲା । ସେ ଜଣେ ସ୍ୱଚ୍ଛ ଓ ଦକ୍ଷ ପ୍ରଶାସକ ଭାବେ ଜଣାଶୁଣା । ତାଙ୍କର କୌଣସି ରାଜନୀତିକ ଲିଙ୍କ ନାହିଁ । ତେଣୁ ଦୁର୍ନୀତି ମୁକ୍ତ ସରକାର ଗଠନ ପାଇଁ ଦାବି କରୁଥିବା ଜେନ ଜେଡ ପକ୍ଷରୁ ତାଙ୍କୁ ଦାୟିତ୍ୱ ନେବାକୁ କୁହାଯାଇଛି । ୧୯୭୦ ମସିହା ନଭେମ୍ବର ୨୫ରେ ନେପାଳର ବେଥାନ ଗାଁରେ ଜନ୍ମ ଗ୍ରହଣ କରିଥିଲେ ଘିସିଂ । ଜାମସେଦପୁରରେ ଥିବା ରିଜନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ସେ ଇଲେକଟ୍ରିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ । ଏହାପରେ କାଠମାଣ୍ଡୁରେ ଥିବା ପୁଲଚୌକ ଇଞ୍ଜିନିୟରିଂ କଲେଜରୁ ପାଓ୍ୱାର ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ ପୋଖରା ବିଶ୍ୱବିଦ୍ୟାଳୟରୁ ଏମବିଏ କରିଥିଲେ । ସେ ଜଣେ ବିଦ୍ୟୁତ ଟେକ୍ନିକାଲ ବିଶେଷଜ୍ଞ ଭାବେ ଜଣାଶୁଣା । ନେପାଳ ବିଜୁଳି ପ୍ରାଧିକରଣରେ ସେ ୧୯୯୪ରେ ଜଣେ ଇଲେକଟ୍ରିକାଲ ଇଞ୍ଜିନିୟର ଭାବେ ଯୋଗ ଦେଇଥିଲେ । ଦୀର୍ଘ ୨ ଦଶନ୍ଧି ଧରି ସେ ବିଭିନ୍ନ ଟେକ୍ନିକାଲ ଓ ପ୍ରଶାସନିକ ପଦରେ କାମ କରିଛନ୍ତି । ରୌଘାଟ ହାଇଡ୍ରୋ ଇଲେକଟ୍ରିସିଟୀ ପ୍ରକଳ୍ପର ମୁଖ୍ୟ ଓ ଚିଲିମେ ହାଇଡ୍ରୋପାଓ୍ୱାର କମ୍ପାନୀର ଏମଡି ଭାବେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି । ୨୦୧୬ରେ ତାଙ୍କୁ ନେପାଳ ବିଦ୍ୟୁତ ପ୍ରାଧିକରଣର ଏମଡି ଭାବେ ନିଯୁକ୍ତି ମିଳିଥିଲା ।ନେପାଳ ଦୈନିକ ୧୮ ଘଣ୍ଟାର ବିଜୁଳି କାଟର ସମ୍ମୁଖୀନ ହେଉଥିବା ବେଳେ ସେ ଦାୟିତ୍ୱ ନେଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଏହି ସମସ୍ୟା ଦୂର ହୋଇଥିଲା । ପୂରା ଦେଶରେ ୨୪ ଘଣ୍ଟିଆ ବିଜୁଳି ସେବା ଆରମ୍ଭ ହୋଇପାରିଥିଲା ।

## ଟ୍ରମ୍ପଙ୍କ...

ତାଙ୍କୁ ହତ୍ୟା କରାଯାଇଛି ।ଆମେରିକାରେ ରାଜନୈତିକ ହିଂସା ଭୟ ବଢ଼ିଛି । ୩୧ ବର୍ଷିୟ ଚାର୍ଲି କିର୍କଙ୍କ ମୃତ୍ୟୁ ନେଇ ଟ୍ରମ୍ପ ଭାଙ୍ଗି ପଡିବା ସହ ମର୍ମାହତ ଅଛନ୍ତି । ସୋସିଆଲ ମିଡିଆରେ ଚାର୍ଲିଙ୍କ ବାବଦରେ ଲେଖି ଦୁଃଖ ପ୍ରକାଶ କରିଛନ୍ତି ଟ୍ରମ୍ପ । ତେବେ ଚାର୍ଲିଙ୍କ ପରିବାର ପ୍ରତି ସମବେଦନା ଜଣାଇ ଚାର୍ଲିଙ୍କୁ ଲଭୟୁ ବୋଲି ଲେଖିଛନ୍ତି । ତାସହ ଚାର୍ଲିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଚାର୍ଲିଙ୍କ ସମାନାର୍ଥେ ଦେଶର ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରବିବାର ସନ୍ଧ୍ୟା ୬ଟା ଯାଏଁ ଦେଶର ସମସ୍ତ ଆମେରିକୀୟ ପତାକା ଅର୍ଦ୍ଧନମିତ ରହିବ ।

ଚାର୍ଲି କିର୍କ ହେଉଛନ୍ତି ୟୁଥ ଇନ ଆମେରୀକାର ସହପ୍ରତିଷ୍ଠାତା ଏବଂ ସିଇଓ । ୨୦୦ ମିଟର ଦୂର ଏକ ବିଲ୍ଡିଂରୁ ତାଙ୍କୁ ଗୁଳି କରାଯାଇଛି । ରାଜନୈତିକ ହିଂସା ଏବଂ ଗୁଳିକାଣ୍ଡରେ ପଛରେ ଯେଉଁମାନେ ବି ଅଛନ୍ତି କାହାରିଙ୍କୁ ଛଡାଯିବନି ବୋଲି କହିଛନ୍ତି ଟ୍ରମ୍ପ । ଚାର୍ଲିଙ୍କ ପାଇଁ ଟ୍ରମ୍ପଙ୍କୁ ନିର୍ବାଚନରେ ଯୁବପିଢିଙ୍କ ଅଧିକ ସମର୍ଥନ ମିଳିଥିଲା । ଜଣେ ପୋଡକାଷ୍ଟର ଭାବେ ସେ ଯୁବପିଢିଙ୍କ ମଧ୍ୟରେ ବେଶ୍ ପରିଚିତ ଥିବା ବେଳେ ଟ୍ରମ୍ପଙ୍କ ବିଜୟ ପଛରେ ଥିଲା ଚାର୍ଲିଙ୍କ ବଡ଼ ହାତ । କୁହାଯାଏ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ସହ ସିଏ ଥିଲେ ଡାହାଣ ହାତ ।

## ସ୍ୱିଜରଲ୍ୟାଣ୍ଡକୁ...

ସମସ୍ୟା ସମାଧାନ କରିବାରେ ସହଯୋଗ କରିବା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଭାରତର ପ୍ରତିନିଧି କହିଛନ୍ତି ।

ସୂଚନାଯୋଗ୍ୟ, ଜାତିସଂଘରେ ସ୍ୱିଜରଲ୍ୟାଣ୍ଡ ପ୍ରତିନିଧି ଭାରତକୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା, ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ବଜାୟ ରଖିବା ଭଳି ଅହେତୁକ ପରାମର୍ଶ ଦେବା ପରେ ଭାରତ ଏହାର ଦୃଢ଼ ପ୍ରତିକ୍ରିୟା ରଖିଛି ।

## ଜବରଦଖଲ...

ଲାଗିଥିବା ୩୦ କ୍ୱାର୍ଟର୍ସ ଓ ବସ୍ତିକୁ ଏହାପରେ ଉଚ୍ଛେଦ କରିବା ପ୍ରକ୍ରିୟା ଆରମ୍ଭ ହେବ ।

ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ଭାରତର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ । ଏଠୁ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀ ଦେଶ ବିଦେଶରେ ପ୍ରତିଷ୍ଠା ଅର୍ଜନ କରିବା ସହ ସୁପ୍ରଶାସକ ଭାବେ ପ୍ରଶଂସା ସାଉଁଟୁଛନ୍ତି । ହେଲେ ବାଣୀବିହାର ପରିସରରେ ଜବରଦଖଲ ଯୋଗୁ ଶୈକ୍ଷିକ ବାତାବରଣରେ ବ୍ୟତିକ୍ରମ ହେଉଛି । ଅଣଛାତ୍ରଙ୍କୁ ନେଇ ବିଭିନ୍ନ ସମୟରେ ଅଘଟଣ ଘଟିବା ଫଳରେ ଛାତ୍ରଛାତ୍ରୀମାନେ ସେମାନଙ୍କୁ ହଷ୍ଟେଲରୁ ଫାଙ୍କା କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଆସୁଥିଲେ । ସରକାର ମଧ୍ୟ ଏଥିରେ ହସ୍ତକ୍ଷେପ କରି ଫାଙ୍କା କରାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହଷ୍ଟେଲରୁ ପୋଲିସ ସହାୟତାରେ ଅଣଛାତ୍ରଙ୍କୁ ବାହାର କରାଯିବା ପରେ ଜବରଦଖଲରେ ଥିବା କ୍ୱାର୍ଟର୍ସକୁ ଗୁରୁବାର ଫାଙ୍କା କରାଯାଇଛି ।

ବେଆଇନ ଭାବେ ଜବରଦଖଲରେ ଥିବା ୫୦ କ୍ୱାର୍ଟର୍ସରୁ ଜବରଦଖଲକାରୀଙ୍କୁ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି । ସେହି କ୍ୱାର୍ଟର୍ସଗୁଡିକରୁ ପାଣି ଲାଇନ୍ ଓ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବା ସହ ତାଲା ପକାଯାଇଛି । ଯେଉଁ କ୍ୱାର୍ଟର୍ସଗୁଡିକ ତାଲା ପଡିଥିଲା ସେସବୁର ତାଲା କାଟି ଜିନିଷଗୁଡିକୁ ବାହାରକୁ ଫୋପାଡି ଦିଆଯିବା ସହ ତାଲା ପକାଗଲା । ଆଉଁ ଯେଉଁମାନେ ଉପସ୍ଥିତ ଥିଲେ ତାଙ୍କୁ ପୋଲିସ ସହାୟତାରେ ଜିନିଷ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେତେକ ଜବରଦଖଲକାରୀ ତାଙ୍କ ଜିନିଷଗୁଡିକୁ ଗାଡିରେ ଲଦି ଅନ୍ୟତ୍ର ନେଉଥିବା ଦେଖିବାକୁ ମିଳିଥିଲା । ଯେଉଁ କ୍ୱାର୍ଟର୍ସରେ କେହି ନଥିଲେ, ତାଙ୍କ ଜିନିଷ ବାହାରେ ପଡିଛି । କାରଣ ସେମାନେ ପକାଇଥିବା ତାଲାକୁ କାଟି ଜିନିଷ ବାହାର କରାଯିବା ପରେ ସେଠାରେ ସବୁ ନୂଆ ତାଲା ପକାଇ ଦିଆଯାଇଛି ।

କର୍ମଚାରୀଙ୍କ ନାଁରେ ଆଲର୍ଟ କରାଯାଇଥିବା ୩୦ କ୍ୱାର୍ଟର୍ସ ଭଡାରେ ଲାଗିଛି । ସେଗୁଡିକୁ ଫାଙ୍କା କରାଯିବା ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଯେଉଁମାନଙ୍କ ନାଁରେ ସେସବୁ କ୍ୱାର୍ଟର୍ସ ଆଲର୍ଟ କରାଯାଇଛି, ସେମାନଙ୍କୁ ନୋଟିସ୍ କରାଯାଇଛି । ଯଦି ସେମାନେ ନିର୍ଦ୍ଧାରିତ ସମୟରେ ସେହି କ୍ୱାର୍ଟର୍ସରେ ନରୁହନ୍ତି, ତେବେ ତାଙ୍କୁ କ୍ୱାର୍ଟର୍ସ ଆଲର୍ଟରୁ ଉଚ୍ଛେଦ କରାଯିବା ସହ ଯିଏସବୁ ଭଡାରେ ରହୁଥିବେ ତାଙ୍କୁ କାଢି ତାଲା ପକାଯିବ ବୋଲି ସୂଚନା ମିଳିଛି । ସେହିପରି ବେଆଇନ ଭାବେ ଦୀର୍ଘଦିନ ହେବ ବସ୍ତି ଗଢି ରହୁଥିବା ଲୋକମାନଙ୍କୁ ମଧ୍ୟ କାଢି ଦିଆଯିବ । ବସ୍ତିକୁ ଉଚ୍ଛେଦ କରିବା ପାଇଁ ସରକାରଙ୍କ ଯେଉଁସବୁ ବ୍ୟବସ୍ଥା ରହିଛି, ସେହି ବ୍ୟବସ୍ଥାନୁଯାୟୀ ସେମାନଙ୍କୁ ଉଚ୍ଛେଦ କରାଯିବ । କାରଣ ବାଣୀବିହାର କର୍ତ୍ତୃପକ୍ଷଙ୍କ ମିଶନ ଅଲ୍‌ଆଉଟ୍‌ରେ ପର୍ଯ୍ୟାୟ କ୍ରମେ ବିଶୃଙ୍ଖଳାକାରୀଙ୍କ ଉପରେ ପଦକ୍ଷେପ ନିଆଯାଉଛି ।

## ଚାଷୀଙ୍କ...

ସାରର କଳାବଜାରୀ ନେଇ ପ୍ୟାକ୍ସକୁ ତାଲା ପକାଇ ଦେଇଥିଲେ ଚାଷୀ । ଏପରିକି ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ଚାଷୀ ଓ ପ୍ୟାକ୍ସ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ହୋଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀ ୟୁରିଆ ସାର ନପାଇ ପ୍ରତିବାଦରେ ରାସ୍ତାରୋକ କରିଥିଲେ । ଚାଷୀ ଠିକ ସମୟରେ ସାର ନପାଇଲେ ଧାନ ଉତ୍ପାଦନରେ ପ୍ରଭାବ ପଡ଼ିବ ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି । କିନ୍ତୁ କୃଷି ବିଭାଗ ଅଧିକାରୀ ମାନେ କେବଳ ମିଥ୍ୟା ପ୍ରତିଶୃତି ଦେଇ ସମୟକୁ ଗଡ଼ାଇ ଦେଉଥିବା କହିଛନ୍ତି । ଝାରସୁଗୁଡ଼ା ଜିଲ୍ଲା କିର୍ମିା ବ୍ଲକ ଅଞ୍ଚଳରେ କିଛି ସ୍ଥାନରେ ଚଢ଼ା ଦରରେ ୟୁରିଆ ସାର ବିକ୍ରୀ ହେଉଥିବାରୁ ଚଢ଼ାଉ କରାଯାଇଥିଲା । ତଥାପି କଳାବଜାରୀ ଚାଲିଥିବା ଅଭିଯୋଗ ହେଉଛି । କିଛି ମୁଷ୍ଟିମେୟ ଗୋଷ୍ଠୀ ୟୁରିଆ ସାର କଳାବଜାରୀରେ ସମ୍ପୃକ୍ତି ଥିବା ଚାଷୀ ଅଭିଯୋଗ କରିଛନ୍ତି ।

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଞ୍ଚଳରେ ସାର ପାଇବା ପାଇଁ ଚାଷୀ ମାନେ ନିଜ ନିଜ ଅଧାର କାର୍ଡ଼କୁ ପ୍ୟାକ୍ସ ଆଗରେ ଧାଡ଼ି କରି ରଖିଥିବା ଦୃଶ୍ୟ ସାମନାକୁ ଆସିଥିଲା । ଗୌଡ଼ଗୋଠ କୃଷି ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ରାତି ୩ଟାରୁ ଲାଇନ୍ ଲଗାଇଥିଲେ । ସକାଳ ଯାଏଁ ଲାଇନରେ ଛିଡ଼ାହେବା କାଠିକର ପାଠ । ତେଣୁ ଶ୍ରମଭାର ଲାଘବ ପାଇଁ ଚାଷୀମାନେ ସାଙ୍ଗରେ ଆଣିଥିବା ଆଧାରକାର୍ଡକୁ ଲାଇନରେ ରଖି ଦେଇଥିଲେ । ଫଳରେ ସକାଳେ ପ୍ୟାକ୍ସ ସମ୍ମୁଖରେ ଆଧାରକାର୍ଡର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା । ଉକ୍ତ ପ୍ୟାକ୍ସରେ ୭୬୦ ଜଣ ଚାଷୀ ଖରିଫ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି । ହେଲେ ମାତ୍ର ୩୧୫ ବସ୍ତା ସାର ଆସିଛି । ପ୍ରଥମେ ଋଣ ନେଇଥିବା ଚାଷୀଙ୍କୁ ୟୁରିଆ ସାର ଦେବାକୁ ନିୟମ ରହିଥିବାରୁ ଅଣଋଣୀ ଚାଷୀ ଆଧାରକାର୍ଡ ଧରି ଲାଇନ୍ ଲଗାଉଛନ୍ତି । କମ୍ ସାର ଥିବା ଯୋଗୁଁ ବଣ୍ଟନରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ସାର ଅଭାବକୁ ନେଇ ବ୍ଲକ୍ କୃଷି ଅଧିକାରୀ କହିଛନ୍ତି, ପ୍ରଚୁର ପରିମାଣରେ ସାର ଆସିଛି ଏବଂ ଦେଓଗାଁରେ ଥିବା ୧୨ଟି ପ୍ୟାକ୍ସକୁ ୩୧୫/୩୨୦ ବସ୍ତା ଲେଖାଏଁ ସାର ଆସିଛି । ହେଲେ ଚାଷୀଙ୍କ ହାତରେ ସାର ନଥିବାରୁ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଲାଗି ରହିଛି । ଏଭଳି ସ୍ଥିତି ପ୍ରାୟ ସବୁ ଜିଲ୍ଲାରେ ରହିଥିବାରୁ କୃଷି ଓ ସମବାୟ ବିଭାଗର ପ୍ରତିଶୃତି ଉପରେ ଚାଷୀଙ୍କ ଭରସା ନଥିବା କହୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମାଞ୍ଚଳରେ ଚାଷୀଙ୍କୁ ଯୋଗାଇ ଦିଆନଗଲେ ବହୁ ପରିମାଣରେ କ୍ଷତି ସହିବେ ବୋଲି ଅନୁମାନ କରାଯାଉଛି । ବିଶେଷ କରି ସଦର ମହକୁମାରୁ ଦୂର ଦୂରାନ୍ତରେ ଥିବା ଗ୍ରାମର ଚାଷୀ ୟୁରିଆ ସାର ପାଇବାରେ ଅସୁବିଧା ଭୋଗୁଥିବା କୁହାଯାଉଛି ।

## ସିଆଇଆଇ ବ୍ୟାଙ୍କିଂ ସମ୍ମିଳନୀ

# ଅକ୍ଷୟ ଶକ୍ତି ସମ୍ଭାବନା ଉପରେ ଆଲୋକପାତ




ଭୁବନେଶ୍ୱର(ସବ୍ୟୁ): ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ କୋଲକାତାରେ ଅନୁଷ୍ଠିତ ୧୮ତମ ସିଆଇଆଇ ବ୍ୟାଙ୍କିଂ ସମ୍ମିଳନୀର "ବିକଶିତ ଭାରତ ପାଇଁ ଫାଇନାନ୍ସ: ଏକ ପୂର୍ବାଞ୍ଚଳ ଦୃଷ୍ଟିକୋଣ' ଶୀର୍ଷକ ସିଇଓ ରାଉଣ୍ଡ ଟେବୁଲରେ ଅଂଶଗ୍ରହଣ କରି ଭାରତର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟହାସଲରେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ।ଶ୍ରୀ ଦାସ କହିଛନ୍ତି ଯେ ୨୦୨୫ ଜୁଲାଇ ସୁଦ୍ଧା ପୂର୍ବ ଭାରତରେ ସ୍ଥାପିତ ଶକ୍ତି କ୍ଷମତାର ମାତ୍ର ୨୦ ପ୍ରତିଶତ ଅକ୍ଷୟ ଶକ୍ତିହୋଇଥିବା ବେଳେ ଜାତୀୟ ହାର ହେଉଛି ୪୮ ପ୍ରତିଶତ । ସୋଲାର, ପମ୍ପଡ ଷ୍ଟୋରେଜ, ବ୍ୟାଟେରି ଷ୍ଟୋରେଜ ଓ ଗ୍ରିନହାଇଡ୍ରୋଜେନ୍ କ୍ଷେତ୍ରରେ ଏହି ଅଂଚଳରେ ହାସଲ ହୋଇ ନଥିବା ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ଶ୍ରୀ ଦାସ କହିଥିଲେ ଯେ ଅଭିବୃଦ୍ଧିର ମୁଳଦୁଆ ହେଉଛି ପ୍ରଶାସନ ଏବଂ ଇରେଡାର ଏହା ପ୍ରଶାସନିକ ଢାଂଚାକୁ ବେଶସୁଦୃଢ଼ କରିପାରିଛି । ସେ କହିଥିଲେ ଯେ ୩୮ ବର୍ଷର ଯାତ୍ରାରେ ଇରେଡା ୧.୬୩ ଲକ୍ଷ କୋଟି ଟଙ୍କା ଆବଂଟନକରିଥିବା ବେଳେ ମାତ୍ର ୧୩୫ କୋଟି ଟଙ୍କା ରାଇଟ-ଅଫ କରିଛି ଯାହା ଏହାର ଦୃଢ଼ ଋଣ ଅସୁଲ ପ୍ରକ୍ରିୟାକୁ ଦର୍ଶାଉଛି । ଅସୁଲ ହେବା ଗୁରୁତ୍ୱପୂର୍ଣ୍ଣ । ପ୍ରଶାସନିକ ଢାଞ୍ଚା ସହ ଅଭିବୃଦ୍ଧି ହେବା ଦରକାର । ପ୍ରକଳ୍ପର ଗୁଣାତ୍ମକ ମାନ ଅନୁଶୀଳନରେଆମର ଦୃଢ଼ତା ରହିଛି ଯେଉଁଥିରେ ଆମେ ଗ୍ରିନ ହାଇଡ୍ରୋଜେନ, ବ୍ୟାଟେରି ଷ୍ଟୋରେଜ ଓ ସୋଲାର ମାନୁଫାକଚରିଂ ଭଳିବିପଦ ଭଲ ଭାବେ ଜଣାପଡୁନଥିବା କ୍ଷେତ୍ରରେ ମଧ୍ୟ ଦୃଢ଼ ନିଷ୍ପତ୍ତି ନିଆଯାଉଥିବା ସେ କହିଥିଲେ ।ସେ କହିଛନ୍ତି ଯେ ୨୦୩୦ ସୁଦ୍ଧା ୫୦୦ ଗିଗାଓ୍ୱାଟର ଅଣ ଜୀବାଶ୍ମ ଶକ୍ତି କ୍ଷମତା ହାସଲ କରିବା ପାଇଁ ୩୦ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ପଡ଼ିବ ଏବଂ ଗ୍ରିନ ମାନୁଫାକଚରିଂ, ରପ୍ତାନି ଓ ଯୁବ ଉଦ୍ୟମିତାରେ ପୂର୍ବ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଥିଲେ ।ଇରେଡାର ଭୂମିକା ଉପରେ ଦୃଷ୍ଟିପାତ କରି ସେ ଜଣାଇଥିଲେ ଯେ ଇରେଡା ହେଉଛି ଭାରତର ସର୍ବବୃହତ ଗ୍ରିନଏନବିଏଫସି ଯାହା ୩୦ ଗିଗାଓ୍ୱାଟରୁ ଅଧିକ କ୍ଷମତା ପାଇଁ ଫାଇନାନ୍ସ ପ୍ରଦାନ କରିଛି । ଉଦ୍ଦେଶ୍ୟ, ଦୃଢ଼ତା ଓ ଏମଏନଆରଇ ଓ ଇରେଡାର ଭାବନକୁ ନେଇ ଆମେ ସ୍ଥାୟୀ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା, ଉଦୀୟମାନ ପ୍ରଯୁକ୍ତିର ବିପଦ କମ୍ କରିବା ଏବଂ ବିକଶିତ ଭାରତ ୨୦୪୭ ପାଇଁ ଭାରତର ଯାତ୍ରାକୁ ସମର୍ଥନ କରିବା ଜାରି ରଖିବୁ ବୋଲି ସେ କହିଥିଲେ ।

# ଟିପିଏନ୍‌ଓଡିଏଲ୍ ସ୍ଥାପନ କଲା ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର

ବାଲେଶ୍ୱର ,(ସବ୍ୟୁ): ଏଣିକି ବିଦ୍ୟୁତ୍ ସମସ୍ୟାରୁ ଉପଭୋକ୍ତାଙ୍କୁ ମିଳିବ ମୁକ୍ତି । ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟାଟା ପାଓ୍ୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଆବଶ୍ୟକତାକୁ ଭିତ୍ତି କରି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । କେନ୍ଦୁଝର ଜିଲ୍ଲା ହାଟଡିହି ଶାଳଣିଆ ବଜାରରେ ଥିବା ୬୩ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ଯୋଡ଼ା ବ୍ଲକର ପଦମପୁର ମେଡିକାଲକୁ ସଂଯୋଗ ହୋଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଛି । ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଡିଭିଜନ ଅନ୍ତର୍ଗତ ଦେହୁର୍ଦା ସେକ୍ସନର ଚକସଡାରେ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଚନ୍ଦନେଶ୍ୱରରେ ୬୩ କେଭି ବିଦ୍ୟୁତ ଟ୍ରାନ୍ସଫରମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲା ସୁତେଇ ବଡଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି, ଭଦ୍ରକ ଜିଲ୍ଲା ତହସିଲ ସେକ୍ସନରେ ଦୁଇଟି ୧୦୦ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ ଓ ଯାଜପୁର ଜିଲ୍ଲା ପାଣିକୋଇଲି ସେକ୍ସନ ବାଗରିଆ ଗାଁରେ ଥିବା ୧୦୦ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ କରାଯାଇଛି । ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପର୍ଣ୍ଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲଫେଜ ସମସ୍ୟା ଦୂର କରିବାରେ ସକ୍ଷମ ହେବ । ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ମଧ୍ୟ ଦୂର ହେବ । ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି ।

# ନେପାଳରେ ଫସିଥିବା ୨୩ ଓଡ଼ିଆ ତୀର୍ଥଯାତ୍ରୀ ଉଦ୍ଧାର

ଭୁବନେଶ୍ୱର (ସବ୍ୟୁ) : ନେପାଳରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୩ଜଣ ଓଡ଼ିଆ ଯାତ୍ରୀଙ୍କୁ ନେପାଳରୁ ଉଦ୍ଧାର କରି ଭାରତକୁ ଫେରାଇ ଅଣାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଓଡ଼ିଆ ତୀର୍ଥଯାତ୍ରୀମାନେ ନେପାଳର ପଶୁପତିନାଥ ଦର୍ଶନ କରିବା ପାଇଁ ଯାଇ ଫସିଥିଲେ । ନେପାଳରେ ଅପ୍ରୀତିକର ଘଟଣା କ୍ରମେ ଓଡ଼ିଆ ତୀର୍ଥ ଯାତ୍ରୀମାନେ ଦୁଇଦିନ ପର୍ଯ୍ୟନ୍ତ କାଠମାଣ୍ଡୁର ଏକ ହୋଟେଲରେ ଅଟକି ରହିଥିଲେ । ଓଡ଼ିଶାରୁ ୨୩ଜଣ ଯାତ୍ରୀ ନେପାଳ ଭ୍ରମଣରେ ଯାଇଥିଲେ ଏବଂ ସାମ୍ପ୍ରତିକ ପରିସ୍ଥିତି କାରଣରୁ ଓଡ଼ିଆ ଯାତ୍ରୀମାନେ ନେପାଳରେ ଫସି ରହିଥିଲେ । ଉକ୍ତ ଘଟଣାଟି ସାମନାକୁ ଆସିବାର ୫ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁ ସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ଼. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ନେପାଳରେ ଫସି ରହିଥିବା ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି ।

# ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳର ଚାରାବଣ୍ଟନ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଡିଏଫଓ ପ୍ରଶାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ରେଂଜ ପକ୍ଷରୁ ସହକାରୀ ବନାଧିକାରୀ ଉମାକାନ୍ତ ଦାସ ବନପାଳ ମଙ୍ଗୁଳି ଚରଣ ସାଙ୍କ ତତ୍ତ୍ୱାବଧାନରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଖାଲିଆବେଣ୍ଟା, ଶାମୁକାନେଣ୍ଡି, ବଳରାମପୁର ଠାରେ ଚାରା ବଣ୍ଟନ କରାଯାଇଛି । ବିଶେଷ କରି ଆମ୍ବ, ପଣସ, ଜାମୁ, ଅଉ, ଅଁଳା, ବାହାଡା, ମହୁଲ, କୁସୁମ, ବଉଳ, ଫାସୀ, ନିମ୍ବ ପ୍ରଭୃତି ଚାରା ପ୍ରତେକ ପଞ୍ଚାୟତକୁ ପାଞ୍ଚ ସହ ଚାରା ବଣ୍ଟନ କରାଯାଇଛି । ମା ପାଇଁ ଗଛ ଟିଏ ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି ।ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସରକାରଙ୍କର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଛନ୍ତି ।

**AFFIDAVIT**

I, Ruby Sahu, W/o Late Srinivas Sahu, Resident of Hi-Tech Medical Canteen, Hi-Tech Medical- College and Hospital, Pandara, Rasulgarh, District- khurda, Pin- 751025, Odisha. Declare by this affidavit No. 128796, Dtd.09/07/2025 that now onwards i shall be known as **RUBI SAHU** for all future purposes.

**AFFIDAVIT**

I, Sri Rashmi Ranjan Swain, S/o- Sri Kunj Mohan Swain residing at Plot No.- 471, Mahanadi Vihar, Po.- Nayabazar, Ps.- Chauliaganj, Dist.- Cuttack, Pin- 753004, Odisha vide affidavit no.7937 dtd.11.9.25 state that, my wife's correct name is **Itishri Swain** but in the Birth certificate of my daughter **Ishika Subhadarshini** my wife's name has been wrongly mentioned as Itishree Swain. Hence both the names of my wife **Itishri Swain** and **Itishree Swain** be treated as one and same person.

**AFFIDAVIT**

By virtue of an affidavit in the court of executive magistrate, Bhubaneswar. This affidavit no. 41, on dated 10.09.25. I, Madhusmita Pradhan, Aged (40), W/o- Smruti Ranjan Pradhan, Resident of Plot No. 4416/9724, Ghatikia, Ananda Vihar, Bhubaneswar, Dist- Khordha, Pin-751003, Odisha do here by solemly affirm that my husband actual Name is Smruti Ranjan Pradhan in all records and manner. But wrongly mentioned as S.R. Pradhan in my daughter's Birth Certificate bearing Regd. No. 5072/2010. That my husband both name S.R. Pradhan and Smruti Ranjan Pradhan same and one person. That the fact above are true the best of my Knowledge.

**Sd/- Madhusmita Pradhan**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated. 09.09.2025. I Kabiraja Sahoo, residing at Lunisara, PO : Sikrida, PS : Nuagaon, Dist :Nayagarh declare that I have changed my minor son's name from Hrudayanath Jena to Hrudayanath Sahoo. Henceforth he shall be known as Hrudayanath Sahoo for all purposes.

**Kabiraja Sahoo**
**Applicant Name**

**AFFIDAVIT**

By virtue of an affidavit sworn before (Executive Magistrate,/ Notary Public) Bhubaneswar, Dated. 05.09.2025.Resident of Qr No.-2R/10, OVC Campus, OUAT, Unit-7, P.O-Surya Nagar, Bhubaneswar-751003, Dist-Khordha, Odisha declare that I have changed my name from Upada Laxmi Reddy to U.Laxmi Reddy. Henceforth, I shall be known as U. Laxmi Reddy for all purposes.

**U. Laxmi Reddy**

**AFFIDAVIT**

By virtue of an affidavit No- C.F No-41, Dtd. 13.06.2025, I, Anusaya Mohapatra, D/o- Baina Mohapatra, Vill- Bilasuni, P.S-Niali, Dist- Cuttack. My actual name is "Anusaya Mohapatra" But in my Aadhaar Card my name has been unfortunately mentioned as "Anusaya Dalua" instead of "Anusaya Mohapatra". Both are same & one person.

**AFFIDAVIT**

I Manoj Nayak, Address - Village - Kerasahi, P.O.- Biras, P.S- Naikanidihi, Dist - Bhadrak, Odisha, Pin- 756125 declare by this Affidavit before Executive Magistrate, Basudevpur, bearing no-6635 dated. 8.9.2025 that onwards. I shall be known as Manmath Nayak for all purposes.

**Manmath Nayak**

**OFFICE OF THE CHIEF DISTRICT MEDICAL OFFICER & PUBLIC HEALTH OFFICER. DHENKANAL**
**ROGI KALYANI SAMITI, DHH , DHENKANAL**

E-379

**Memo No. 2664 Date : 10.09.25**

**(SHORT TENDER NOTICE)**

Invites Sealed tenders will be invited from firms/dealers of Odisha having valid GST registration for Supply of Office Stationery & contingency to DHH, Dhenkanal. The detailed terms and conditions along with list of items are available on the website www.dhenkanal.nic.in. which may be downloaded for reference. Interested parties may submit their offers in sealed covers super-scribing as "Tender for Office Stationery & Contingency to DHH Dhenkanal through registered post/ speed post/courier only, which should reach on or before 5.00 P.M. of 03/10/2025 positively. The undersigned reserves the right to reject any or all the tenders without assigning any reason thereof.

**Sd/- Chief District Medical & Public Health Officer Dhenkanal**

OIPR : 10059/11/0024/2526

**CUTTACK MUNICIPAL CORPORATION**

C-1037

**"e" PROCUREMENT NOTICE**

**Tender ID : 2025_ORULB_117883**

**Bid Reference No. MC (CMC) CTC_Div-II_No.12/202526**

**Tender Call Notice No. 10669 (PW) Date. 10.09.2025**

| | | |
|---|---|---|
| Name of Works | : | Civil Works |
| No of Works | : | 01 Nos |
| Bid Value | : | Rs. 5.25 Lakh |
| Date of Completion | : | Fifteen Days |
| Date and Time schedule | : | |

| Start | End | Opening |
|---|---|---|
| 4.00 PM on dt. 11.09.2025 | 5.00 PM on dt. 17.09.2025 | 11.00 A.M. on dt. 19.09.2025 |

Tender Details : can be seen in the procurement portal : **www. tendersorissa.gov.in**

**Sd/- Executive Engineer, City Div-II**

OIPR : 13031/11/0215/2526

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. ଟିଆରଡି-କେଜିପି-ଡବ୍ଲୁ-୨୦୨୫-୨୬-୨୨ ତାରିଖ ୦୯.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ନିମିତ୍ତ ପ୍ରତିଟି ଆଇଟମ୍ ପାଇଁ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ୧. ବାଉନୀନ୍ : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି. ଓସାରର ଫୁଟ ଓଭର ବ୍ରିଜ (ଏଫଓବି ବ୍ୟବସ୍ଥା), ୨. କଲୁବେଡିଆ : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି. ଫୁଟ୍ ଓଭର ବ୍ରିଜ (ଏଫ୍‌ଓବି ବ୍ୟବସ୍ଥା), ୩. ଅମ୍ଳକ : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି. ଓସାରର ଫୁଟ ଓଭର ବ୍ରିଜ (ଏଫଓବି ବ୍ୟବସ୍ଥା), ୪. ମେଚେଡ଼ା : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି. ଓସାରର ଫୁଟ ଓଭର ବ୍ରିଜ (ଏଫ୍‌ଓବି ବ୍ୟବସ୍ଥା), ୫. ତାମଲୁକ : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି. ଓସାରର ଫୁଟ ଓଭର ବ୍ରିଜ (ଏଫ୍‌ଓବି ବ୍ୟବସ୍ଥା) । ଟେଣ୍ଡର ମୂଲ୍ୟ : ଟ. ୨,୩୨,୩୪,୨୭୩.୪୦ । ଇଏମଡି : ଟ. ୨,୬୬,୨୦୦/- । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଶୂନ୍ୟ । ଖୋଲା ତାରିଖ : ୧୪.୧୦.୨୦୨୫ । ସମାପ୍ତି ସମୟ : ୧୨ ମାସ । ଦାଖଲ ତାରିଖ : ୧୪.୧୦.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କ ବିଡ୍ ଅନଲାଇନ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖି ପାରିବେ ।

(PR-614)

**GOVERNMENT OF ODISHA : OFFICE OF SUPERINTENDING ENGINEER MINOR IRRIGATION DIVISION, JEYPORE**
**E-mail ID: - mijeypore@yahoo.co.in**

A-615

**NOTICE INVITING TENDER**
**E-Procurement Notice**
**Bid Identification No. MIDJEY - 06/2025-26**
**Letter No. 1438 Dt. 10.09.2025**

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in .Single/Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1. | Name of the work | : | Construction of Check Dam Under MATY 3.0 Scheme. |
| 2. | Total Number of work | : | 16 (Sixteen) Nos. |
| 3. | Estimated cost | : | Approximately Rs. 33.49 to 94.84 lakhs . |
| 4. | Period of completion | : | 04(Four) and 06(Six) Calendar Months |
| 5. | Class of Contractor | : | "B" and "C" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 17.09.25 to 5.30 PM oF 03.10.2025 |
| 7. | Last date /time for receipt of bids in the portal | : | 5.30 pm on 03.10.2025 |
| 8. | Date of opening of bid | : | At 11.00 A.M on 04.10.2025 in website ("www.tendersorissa.gov.in) |
| 9. | Submission of Bids | : | Online mode |
| 10 | Name of the Officer inviting Bid | : | Superintending Engineer, Minor Irrigation Division, Jeypore |
| 11. | Further details can be seen from the Government of Odisha Web-site : **www.tendersorissa.gov.in** | | |

**Sd/- Superintending Engineer M.I. Division, Jeypore**

OIPR : 32374/11/0016/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ଲୋବାଲ ୟୁନିଭର୍ସିଟି ଫେୟାର

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭର୍ସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୭୦ରୁ



ଅଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ସମ୍ଭାବନା ସୃଷ୍ଟି କରିବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିଛି ଗ୍ଲୋବାଲ ୟୁନିଭର୍ସିଟି ଫେୟାର। ଏହି ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡ଼ବଡ଼ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅଗ୍ରଣୀ ସ୍କୁଲର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ସହିତ ସିଧାସଳଖ ଆଲୋଚନା କରିବା ସହିତ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ସୁଯୋଗ, ଛାତ୍ରବୃତ୍ତି, ପ୍ରବେଶ ପ୍ରକ୍ରିୟା ଏବଂ କ୍ୟାରିୟର ସୁଯୋଗ ଆଦି ପଚାରି ବୁଝିଥିଲେ।

ମେଳା ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ମଧ ଅନ୍ତର୍ଜାତୀୟ ଇଂରାଜୀ ଭାଷା ପରୀକ୍ଷା ପ୍ରଣାଳୀ (ଆଇଇଏଲଟିଏସ) ସହିତ ଏକ ଆନୁଷ୍ଠାନିକ ସହଭାଗିତାରେ ସ୍ୱାକ୍ଷର କରିଥିଲା। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଆଇଇଏଲଟିଏସର ଏକ କେନ୍ଦ୍ର ଖୋଲିବ। ଫଳରେ ବିଦେଶରେ ପଢ଼ିବାକୁ ଚାହୁଁଥିବା ବହୁ ଛାତ୍ରଛାତ୍ରୀ ଏଥିରୁ ତାଲିମ ପାଇପାରିବେ। ଏଭଳି କେନ୍ଦ୍ର ଖୋଲିବାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ହେଉଛି ଓଡ଼ିଶାର ଏକମାତ୍ର ବିଦ୍ୟାଳୟ। ଏହି ସହଯୋଗ ଛାତ୍ରଛାତ୍ରୀମାନଙ୍କୁ ଆଇଇଏଲଟିଏସ ସମ୍ବଳ, କର୍ମଶାଳା ଏବଂ ପ୍ରସ୍ତୁତି ସହାୟତା ପାଇଁ ସ୍ୱତନ୍ତ୍ର ପ୍ରବେଶ ପ୍ରଦାନ କରିବାରେ ସହାୟକ ହେବ। ଏହା ସହ ସେମାନଙ୍କୁ ଶ୍ରେଷ୍ଠ ବ୍ୟାଣ୍ଡ ସ୍କୋର ହାସଲ, ବିଶ୍ୱସ୍ତରୀୟ ଶିକ୍ଷା ଏବଂ କ୍ୟାରିଅର ସମ୍ଭାବନାକୁ ଅନୁସରଣ କରିବାରେ ସାହାଯ୍ୟ କରିବ।

ଏହି ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନା ଲିସା ବଳ ସୂଚନା ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହିତ ସଶକ୍ତ କରିବାକୁ ପ୍ରତିବଦ୍ଧ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଏଭଳି ଗ୍ଲୋବାଲ ୟୁନିଭର୍ସିଟି ଫେୟାର ଏବଂ ଆଇଇଏଲଟିଏସ୍ ଜରିଆରେ ପ୍ରତ୍ୟେକ ପିଲା ବିଶ୍ୱ ସ୍ତରରେ ଯେଭଳି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ନେଇ ଆମେ ଯତ୍ନଶୀଳ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଶିଳ୍ପକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭିବୃଦ୍ଧି ଘଟିଛି: ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶକୁ ଶକ୍ତି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ବିଗତ ୪ ବର୍ଷ ଧରି କମ୍ପାନୀ ପଶ୍ଚିମ ଓଡ଼ିଶାର ନଅ ଗୋଟି ଜିଲ୍ଲାର ୪୮ ହଜାର ବର୍ଗ କିଲୋମିଟର କ୍ଷେତ୍ରରେ ପ୍ରାୟ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଘରୋଇ, ଶିଳ୍ପ ତଥା କୃଷି ଭଳି ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇ ଆସୁଅଛି । ଶିଳ୍ପ ପ୍ରାଧାନ୍ୟ ଅଞ୍ଚଳ ଭାବେ ପରିଗଣିତ ପଶ୍ଚିମ ଓଡ଼ିଶା ଏବଂ ଏହି ଅଞ୍ଚଳ ଗୁଡ଼ିକରେ ଶିଳ୍ପର ଅଭିବୃଦ୍ଧିକୁ ଟିପିଡବ୍ଲୁଓଡିଏଲର ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯଥେଷ୍ଟ ସମର୍ଥନ କରୁଅଛି । କମ୍ପାନୀ ପକ୍ଷରୁ ବର୍ତ୍ତମାନ ୬,୦୪୫ ଶିଳ୍ପ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ କରାଯାଉଅଛି । ଯେଉଁଥିରେ ପ୍ରାୟ ୧,୦୦୦ ବୃହତ ଶିଳ୍ପ ଏବଂ ୫,୦୦୦ ରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଅନ୍ତର୍ଭୁକ୍ତ ରହିଛି । ଏଥିମଧ୍ୟରୁ ୩୪ ଜଣ ଉପଭୋକ୍ତାଙ୍କୁ ଏକ୍ସଟ୍ରା ହାଇ ଟେନସନ୍ (ଇଏଚଟି) ବିଦ୍ୟୁତ୍ ଯୋଗାଣ ଏବଂ ୧୮୭୫ ଜଣ ଉପଭୋକ୍ତାଙ୍କୁ ହାଇ ଟେନସନ୍ (ଏଚଟି) ବିଦ୍ୟୁତ୍ ଯୋଗାଣ କରାଯାଉଅଛି । ତେବେ ସମଗ୍ର ପଶ୍ଚିମ ଓଡ଼ିଶାର ଶିଳ୍ପ ଉପଭୋକ୍ତାଙ୍କ ପାଇଁ ଚୁକ୍ତିବଦ୍ଧ ବିଦ୍ୟୁତ୍ ଚାହିଦା ୧୦୬.୨ ମେଗାୱାଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସର୍ବାଧିକ ବିଦ୍ୟୁତ୍ ଚାହିଦା ୮୮.୯ ମେଗାୱାଟ୍ ରହିଛି ।

### ଡିଏଭି ଚନ୍ଦ୍ରଶେଖରପୁରରେ ଲିଟରେଚର୍ କନ୍‌କ୍ଲେଭ ଓ କ୍ୟାରିଅର ମେଳା

# ସାହିତ୍ୟ ଅଧ୍ୟୟନ ଜୀବନମନସ୍କ ଓ ପରିପୂର୍ଣ୍ଣ କରାଏ

ଭୁବନେଶ୍ୱର (ସବ୍ୟୁ): ଉତ୍ତମ ପୁସ୍ତକକୁ ସଭିଏଁ ଜୀବନର ସହଚର କରିବା ଉଚିତ । ଉଚ୍ଚାଙ୍ଗ ସାହିତ୍ୟ ପ୍ରତ୍ୟେକ ଜାତିର ଅମୂଲ୍ୟ ସମ୍ପଦ । ସେସବୁର ଅଧ୍ୟୟନ ବଳରେ ଆମେ ଜୀବନମନସ୍କ ହେବା ସହିତ ପରିପୂର୍ଣ୍ଣତା ଲାଭ କରିପାରିବା ବୋଲି ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ପରିସରରେ ସମାହିତ ବାର୍ଷିକ ଲିଟରେଚର୍ କନ୍‌କ୍ଲେଭ୍ ଓ କ୍ୟାରିୟର ମେଳାର ଚତୁର୍ଥ ସଂସ୍କରଣରେ ଅତିଥିଗଣ ମତପ୍ରକାଶ କରିଛନ୍ତି । ଦୁଇଦିନବ୍ୟାପୀ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିରୂପେ ଯୋଗଦାନ କରିଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ. ସି.ଶତପଥୀଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ଓ ପ୍ରୋତ୍ସାହନରେ ଗତ ୪ ବର୍ଷଧରି ଏହି ମହୋତ୍ସବ ଆୟୋଜିତ ହୋଇଆସୁଛି । ଅତିଥିମାନଙ୍କ ଗହଣରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁଜାତା ସାହୁ ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ତଥା କୃତ୍ରିମ ବୁଦ୍ଧିମତ୍ତାର ସହାୟତା ନେଇ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନପିପାସୁ ହେବାକୁ ଆହ୍ୱାନ ଦେଇଥିଲେ । ପୂର୍ବାହ୍ନ ଅଧିବେଶନରେ ଡ.ଶ୍ରେୟା ସାନ୍ୟାଲ୍ ଓ ସହଯୋଗୀଗଣ,



ପ୍ରଫେସର ସୁବ୍ରତ କୁମାର ଭୂୟାଁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅପରାହ୍ନରେ ସୁଶୀଲ୍ କୁମାର ମିଶ୍ର, ସୁଜିତ୍ ମହାପାତ୍ର, ଡ. ତନୁତୃଷ୍ଣା ପାଣିଗ୍ରାହୀ, ଡ.ମୃତ୍ୟୁଞ୍ଜୟ ରଥ ପ୍ରମୁଖ 'ସାମଗ୍ରିକ ଦୃଶ୍ୟପଟରେ ସାହିତ୍ୟର ଭୂମିକା' ଶୀର୍ଷକ ଦଳଗତ ଆଲୋଚନାରେ ଭାଗ ନେଇଥିଲେ। ପରେପରେ, ପୁରାତନ ଛାତ୍ରୀ ସୁଶ୍ରୀ ମିତ୍ରା ସାମଲଙ୍କ ସଂଯୋଜନାରେ ଗଳ୍ପ ପଠନୋତ୍ସବ ଆୟୋଜିତ ହୋଇଥିଲା। ତୃତୀୟ ଶ୍ରେଣୀର ଛାତ୍ର ଦିଭିତ୍ ସିଂଘାଲ୍ ଚମତ୍କାର ଗଳ୍ପ ଉପସ୍ଥାପନ କରିଥିଲେ । ଏଥିସହିତ ମାନସିକ ଦକ୍ଷତା ଅଭିବୃଦ୍ଧି ଶୀର୍ଷକ କାର୍ଯ୍ୟକ୍ରମରେ ଶ୍ରୀ ଜୟେଶ୍ ଦୌଲତଜାଦା ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ କ୍ୟାରିୟରମେଳା ମାର୍ଗଦର୍ଶିକା' ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୮୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ବିଭିନ୍ନ କ୍ୟାରିଅର୍ ସଂପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଏକାଡେମିକ୍ ସୁପରଭାଇଜରଗଣଙ୍କ ସମେତ ଭାଷା ଓ ସାହିତ୍ୟ ବିଭାଗୀୟ ଶିକ୍ଷକଶିକ୍ଷୟିତ୍ରୀବୃନ୍ଦ ସମୁଦାୟ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ୟୁକୋ ବ୍ୟାଙ୍କ ପକ୍ଷରୁ ଜନ ସୁରକ୍ଷା ସଂପୃକ୍ତି ଶିବିର

କଟକ (ସବ୍ୟୁ): ଆର୍ଥିକ ସମାବେଶୀକରଣକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସଂପୃକ୍ତି ନିଶ୍ଚିତ କରିବା ଲକ୍ଷ୍ୟରେ ବାରଙ୍ଗ ବ୍ଲକ୍ ଅନ୍ତର୍ଗତ କୁରଙ୍ଗ ଶାସନ ଗ୍ରାମ ପଞ୍ଚାୟତ ଆମ୍ରପଲ୍ଲୀ ରିସୋର୍ଟଠାରେ ୟୁକୋ ବ୍ୟାଙ୍କ କଟକ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ଜନ ସୁରକ୍ଷା ସଂପୃକ୍ତି ଶିବିର ଏବଂ ରି-କେୱାଇସି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଶିବିରରେ ପ୍ରଧାନ ମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ପରି ସରକାରୀ ଯୋଜନାଗୁଡ଼ିକ ସହିତ ରିକେୱାଇସି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ ମହାନ୍ତି, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର, ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ସମାବେଶୀକରଣ



ଓ ବିକାଶ ବିଭାଗର ମହାପ୍ରବନ୍ଧକ ଅନୀତା ପଟ୍ଟନାୟକ ଏବଂ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ଉପସ୍ଥିତ ଥିଲେ। ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ଗୁରୁତ୍ୱ ଏବଂ ଲାଭ ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରାମବାସୀମାନଙ୍କୁ ଏହି ଯୋଜନାଗୁଡ଼ିକରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ସେମାନେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଏବଂ ନିରବଚ୍ଛିନ୍ନ ସୁବିଧା ପାଇଁ ନିୟମିତ କେୱାଇସି ଅପ୍‌ଡେଟ୍‌ର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉଦ୍ଧ୍ୱର୍ ଗ୍ରାମବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ୟୁକୋ ବ୍ୟାଙ୍କ କଟକ ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ବର୍ଷା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭଗବତ ସିଂ ଭାକୁନିଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିଠୁ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ

ବୋଲଗଡ଼,(ସବ୍ୟୁ): ରାଜ୍ୟରେ ସ୍କୁଲ ଡ୍ରପ ଆଉଟ ବା ଅପଚୟର ହାର ଦୂର କରି ଶିକ୍ଷାବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ, ପିଲାମାନଙ୍କୁ ସ୍କୁଲରେ ସାମିଲ କରିବା ପାଇଁ ସରକାର ସକ୍ରିୟ ହୋଇଛନ୍ତି । ସେଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲା ଓ ସ୍କୁଲଗୁଡ଼ିକରେ "ଆମ ସ୍କୁଲ ଯିବା' କାର୍ଯ୍ୟକ୍ରମ ୧୨ ତାରିଖରୁ ସଚେତନତା ପଦଯାତ୍ରା ଆରମ୍ଭ ହେବ ।୧୯ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ସମସ୍ତ ବିଦ୍ୟାଳୟ ମାନଙ୍କରେ କରାଯିବ ।ଏହାକୁ ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରକଳ୍ପଙ୍କ ଉଦ୍ୟୋଗରେ ଆୟୋଜନ କରାଯାଇଛି ।କାର୍ଯ୍ୟକ୍ରମର ଅବଧି ୧-୨ ଘଣ୍ଟା ମଧ୍ୟରେ ସୀମିତ ରହିବ ।ପଦଯାତ୍ରାରେ "ମାଆମାନେ'ଙ୍କୁ ବିଶେଷ ଭାବରେ ସାମିଲ କରାଯିବ ।ବିଭିନ୍ନ ସ୍ଲୋଗାନ ସହିତ ସଚେତନତା ବାର୍ତ୍ତା ପ୍ରଚାର କରାଯିବ ।ଶିକ୍ଷାଙ୍କୁ ସମସ୍ତଙ୍କ ଅଧିକାର ଏହାକୁ ସମସ୍ତଙ୍କର ନିକଟତର କରିବା ପାଇଁ ସ୍ଥାନୀୟ ଅଧିକାରୀ, ସରପଞ୍ଚ, ସମାଜରେ ପ୍ରଭାବଶାଳୀ ଲୋକଙ୍କୁ ସାମିଲ କରାଯିବ ।

## ଟ୍ରକ ସହ ୪ଶହ କାର୍ଟୁନ୍ ଆସ୍କା-୪୦ ଜବତ ଡ୍ରାଇଭର ଗିରଫ

ଜଟଣୀ,(ସବ୍ୟୁ): ଜଟଣୀ ଥାନା ଏଏସ୍‌ଆଇ ରାଜୀବ କୁମାର ପାଣିଗ୍ରାହୀ ଅଭିଯୁକ୍ତ ଡ୍ରାଇଭର କାହ୍ନୁଚରଣ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବିଶେଷସୂତ୍ରରୁ ଖବର ପାଇ ଜଟଣୀ ପୁଲିସ ସ୍ଥାନୀୟ ଖୁଦୁପୁର ଛକରେ ଟ୍ରକ୍‌ର ତଲାସୀ ସମୟରେ ମଦଭରା ଟ୍ରକକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଆସ୍କା ମଦ ଥିବା ୪୦୦ କାର୍ଟୁନ୍‌ରେ ୨ହଜାର ଲିଟର ଆସ୍କା-୪୦ ମଦ ଥିବା ଦେଖିବାକୁ ମିଳିଥିଲା। ଏହି ମଦ ବାଘମାରୀ ବେଗୁନିଆ ଚାଲଣ ପାଇଁ ଜାରି ହୋଇଥିବା ସରକାରୀ ପରିବହନ ପାସ ଧରାପଡ଼ିଥିବା ଟ୍ରକ ଡ୍ରାଇଭର ଦେଖାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ବେଆଇନ୍‌ଭାବେ ବାଘମାରୀ ନେବା ପରିବର୍ତ୍ତେ ଚୋରାରେ ଜଟଣୀ ଦେଇ କୋଣାର୍କ ଅଞ୍ଚଳକୁ ଚାଲଣ କରୁଥିବା ପୁଲିସ ଆଗରେ କହିଥିଲା। ଅଭିଯୁକ୍ତ ଟ୍ରକ ଚାଳକ କାହ୍ନୁ ଚରଣ ବେହେରାକୁ ପୋଲିସ ଗିରଫ କରିଛି। ଖୋର୍ଦ୍ଧା ଟାଉନ୍‌ଥାନା ମୁକୁନ୍ଦପ୍ରସାଦ ପୋଖରୀ ସାହିରେ ଧରାପଡ଼ିଥିବା ଟ୍ରକ ଚାଳକର ଘର। ବତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

# ପୂଜ୍ୟଶ୍ରୀ ମଥୁରାନନ୍ଦ ବାବାଙ୍କର ଅଷ୍ଟାଦଶ ମହାପ୍ରୟାଣ ବାର୍ଷିକ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ୍‌ସ୍ଥିତ କାଇମାଟିଆ ଗଡ଼ ରାମତାରକ ଯୋଗାଶ୍ରମରେ ପୂଜଶ୍ରୀ ମଧୁରାନନ୍ଦ ବାବାଙ୍କର ୨୦୦୮ ମସିହା, ଆଶ୍ୱିନ କୃଷ୍ଣପକ୍ଷ ଗଜ ଷଷ୍ଠୀ ତିଥିରେ ମହାପ୍ରୟାଣ ହୋଇଥିଲା। ଆଜି ରାମତାରକ ଯୋଗାଶ୍ରମରେ ବାବାଙ୍କର ଅଷ୍ଟାଦଶ ମହାପ୍ରୟାଣ ଉତ୍ସବ ପାଳନ କରାଯାଉଅଛି। ଉକ୍ତ ଉତ୍ସବରେ ଓଡ଼ିଶାର ପ୍ରାୟ



ପ୍ରତ୍ୟେକ ଜିଲ୍ଲାରୁ ବହୁ ଭକ୍ତବୃନ୍ଦ ଯୋଗଦାନ ଦେଉଛନ୍ତି। ରାମତାରକ ଯୋଗାଶ୍ରମରେ ଉକ୍ତ ଉତ୍ସବ ନିମନ୍ତେ ନାମ ସଂକୀର୍ତ୍ତନ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଅଛି । ତତ୍‌ସହିତ ଦେବନୀତି, ବ୍ରାହ୍ମଣ ଭୋଜନ ଏବଂ ଉପସ୍ଥିତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ରାମତାରକ ଯୋଗାଶ୍ରମ ଟ୍ରଷ୍ଟ ତରଫରୁ କରାଯାଉଅଛି ।

# ବାଙ୍ଗାଲୋର ମେଟ୍ରୋ ସମ୍ପ୍ରସାରଣ ପାଇଁ ଷ୍ଟେନଲେସ ଷ୍ଟିଲ ଯୋଗାଇଛି ଜିନ୍ଦଲ ଷ୍ଟେନଲେସ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ବାଙ୍ଗାଲୋର ମେଟ୍ରୋ ପର୍ଯ୍ୟାୟ ୨ ପ୍ରକଳ୍ପ ପାଇଁ ପ୍ରିମିୟମ୍ ୩୦୧ଏନ ଅଷ୍ଟେନିଟିକ୍ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇଛି, ଯାହା ଦେଶର ସହରାଞ୍ଚଳ ପରିବହନ ଭିତିଭୂମିରେ ଏକ ମାଇଲଖୁଟ। ଏହି ପ୍ରକଳ୍ପର ଅଂଶ ଭାବରେ ୟେଲୋ ଲାଇନ୍ ସମ୍ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା।

ଚଳିତ ବର୍ଷ ଅଗଷ୍ଟ ମାସରେ ବାଙ୍ଗାଲୋର ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ୍ ଏହାର ପର୍ଯ୍ୟାୟ ୨ ମେଟ୍ରୋ ସମ୍ପ୍ରସାରଣ ଅଧୀନରେ ସିଆରଆରସି-ଟିଟାଗଡ଼ କନସୋର୍ଟିୟମରୁ ତିନୋଟି ଟ୍ରେନସେଟକୁ ସେବାରେ ସାମିଲ କରିଥିଲା। ଏହି ଅର୍ଡରରେ ୫୩ ଟି ଟ୍ରେନସେଟ୍ ସାମିଲ ଅଛି, ଯାହା ବେଙ୍ଗାଲୁରୁର ଦ୍ରୁତ ବର୍ଦ୍ଧିଷ୍ଣୁ ମେଟ୍ରୋ ନେଟୱାର୍କ ପାଇଁ ଏହି ପ୍ରକଳ୍ପର ପରିମାଣ ଏବଂ ଗୁରୁତ୍ୱକୁ ଦର୍ଶାଉଛି। ଜିନ୍ଦଲ ଷ୍ଟେନଲେସ୍ ୧୦୩୧ ମେଟ୍ରିକ୍ ଟନ୍ ୩୦୧ଏନ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇଛି ଏବଂ ପ୍ରକଳ୍ପ ଆଗକୁ ବଢ଼ିବା ସହିତ ଆହୁରି ସାମଗ୍ରୀ ଯୋଗାଣ କରିବା ନେଇ ଯୋଜନା ରହିଛି। ଯୋଗାଣ କରାଯାଇଥିବା ସାମଗ୍ରୀର ଉଚ୍ଚ ଷ୍ଟ୍ରେନ୍ଥ ଟୁ ୱେଇଟ ଅନୁପାତ, ଉତ୍କୃଷ୍ଟ କ୍ଷୟ ପ୍ରତିରୋଧ ବୈଶିଷ୍ଟ୍ୟ, ଅଗ୍ନି ଏବଂ ଦୁର୍ଘଟଣା ପ୍ରତିରୋଧ ଏବଂ କମ କାର୍ବନ ଫୁଟପ୍ରିଣ୍ଟ ପାଇଁ, ଏହାକୁ ମେଟ୍ରୋ କୋଚଗୁଡ଼ିକର ଛାତ ଏବଂ ସଂରଚନାଗତ ଅଂଶରେ ବ୍ୟବହାର କରାଯାଇଛି।

ଏହି ବିକାଶ ଉପରେ



ମତାମତ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ଭାରତର ମେଟ୍ରୋ ଭିତିଭୂମିର ଆଧୁନିକୀକରଣରେ ଯୋଗଦାନ କରି ଗର୍ବିତ, ଯାହା ସହରାଂଚଳ ଗତିଶୀଳତାକୁ ସୁଦୃଢ଼ କରିବା ସହ ଦେଶରେ ଏକ ସ୍ଥାୟୀ ଓ ସୁଦୃଢ଼ ପରିବହନ ବ୍ୟବସ୍ଥା ନିର୍ମାଣ ଦିଗରେ ସହାୟକ ହେବ। ଏକ ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ସାମଗ୍ରୀ ଭାବରେ ୩୦୧ଏନ ଅଷ୍ଟେନିଟିକ୍ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର ଆଧୁନିକ ରେଳ ପରିବହନର ସ୍ଥାୟୀତ୍ୱ ଲକ୍ଷ୍ୟକୁ ସମର୍ଥନ କରେ। ବାଙ୍ଗାଲୋର ମେଟ୍ରୋକୁ ସାମଗ୍ରୀ ଯୋଗାଣ କରି ଆମେ ଏକ ସୁରକ୍ଷିତ, ଦୀର୍ଘସ୍ଥାୟୀ ମେଟ୍ରୋ ନେଟୱାର୍କ ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ।

ଜିନ୍ଦଲ ଷ୍ଟେନଲେସ୍ ଅନେକ ବିଶ୍ୱସ୍ତରୀୟ ମେଟ୍ରୋ ପ୍ରକଳ୍ପ ସହିତ ଜଡିତ, ଯେଉଁଥିରେ ଭାରତର ପ୍ରାୟ ପ୍ରତ୍ୟେକ ମେଟ୍ରୋ ପ୍ରକଳ୍ପ ପାଇଁ ସହିତ କୁଇନ୍ସଲ୍ୟାଣ୍ଡ, ମେଲବୋର୍ଣ୍ଣ ଏବଂ ସିଡନୀରେ ମେଟ୍ରୋ ସିଷ୍ଟମ ପାଇଁ ଆଲଷ୍ଟମ୍ ଇଣ୍ଡିଆ ମାଧ୍ୟମରେ ଷ୍ଟେନଲେସ୍ ଷ୍ଟିଲ୍ ସାମଗ୍ରୀ ଯୋଗାଣ ଅନ୍ତର୍ଭୁକ୍ତ ଅଛି। କମ୍ପାନୀ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍, ବନ୍ଦେ ମେଟ୍ରୋ, କୋଲକାତାର ଅଣ୍ଡରୱାଟର ମେଟ୍ରୋ, ଭାରତର ପ୍ରଥମ ଆଂଚଳିକ ରାପିଡ୍ ଟ୍ରାନଜିଟ୍ ସିଷ୍ଟମର ପ୍ରଥମ ଟ୍ରେନସେଟ୍ ଏବଂ ମୁମ୍ବାଇ ମେଟ୍ରୋ ଭଳି କିଛି ପ୍ରତିଷ୍ଠିତ ଭାରତୀୟ ରେଳ ପ୍ରକଳ୍ପ ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇଛି। କମ୍ପାନୀ ୧୯୯୮ ମସିହାରୁ ୱାଗନ୍, କୋଚ୍ ଏବଂ ଭିତିଭୂମି ପାଇଁ ଭାରତୀୟ ରେଳକୁ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇ ଆସୁଛି।

### ବିଶ୍ୱସ୍ତରିୟ ୧ ନିୟୁତ ଟନ୍ ବିଲେଟ୍ ଉତ୍ପାଦକ କ୍ଲବରେ

# ସାମିଲହେବା ପାଇଁ ବେଦାନ୍ତ ଆଲୁମିନିୟମ୍‌ର ରୋଡମ୍ୟାପ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ୍, ଆଜି ବିଶ୍ୱର ପ୍ରମୁଖ ବିଲେଟ୍ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ଭାବରେ ଉଭା ହେବା ଏବଂ ଏଲିଟ୍ ୧ ନିୟୁତ ଟନ୍ କ୍ଲବରେ ଯୋଗଦେବା ପାଇଁ ଏହାର ରୋଡମ୍ୟାପ୍ ଘୋଷଣା କରିଛି। ବିଲେଟ୍ କ୍ଷମତାକୁ ବାର୍ଷିକ ୧.୨୫ ନିୟୁତ ଟନ୍ (ଏମଟିପିଏ) କୁ ବିସ୍ତାର କରିବାର ଯୋଜନା ସହିତ ଏବଂ ଭାରତର ଘରୋଇ ବିଲେଟ୍ ବଜାରର ଅଧାରୁ ଅଧିକ ନିୟନ୍ତ୍ରଣ କରିବା ସହିତ, କମ୍ପାନୀ ବୈଦ୍ୟୁତିକ ଯାନବାହନ, ସୌରଶକ୍ତି, ରେଳବାଇ, କୋଠା ଏବଂ ନିର୍ମାଣ, ମହାକାଶ ଏବଂ ପ୍ରତିରକ୍ଷା ଭଳି ଉଚ୍ଚ-ବିକାଶ ଶିଳ୍ପରୁ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଏହାର ପୋର୍ଟଫୋଲିଓକୁ ଆଗକୁ ବଢ଼ାଉଛି।

ଭାରତର ବିଲେଟ୍ ନେତୃତ୍ୱ ଭାବରେ, ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଝାରସୁଗୁଡାରେ ଏକ ଅତ୍ୟାଧୁନିକ ୧.୮ ଏମଟିପିଏ ସ୍ମେଲ୍ଟର ଏବଂ ଛତିଶଗଡ଼ର



କୋର୍ବାଠାରେ ଏହାର ପ୍ରତୀକାତ୍ମକ ବାଲକୋ ପ୍ଲାଂଟରେ ଏକ ୦.୫୭ ଏମଟିପିଏ କ୍ଷମତା ସ୍ମେଲ୍ଟର ପରିଚାଳନା କରୁଛି। ବିଶେଷ କରି ବିଲେଟ୍ ପାଇଁ, କମ୍ପାନୀର ବର୍ତ୍ତମାନ କାଷ୍ଟିଂ କ୍ଷମତା ୫୮୦ କେଟିପିଏ ଏବଂ ଏହା ସକ୍ରିୟ ଭାବରେ ଅତିରିକ୍ତ ୬୭୦ କେଟିପିଏ ଦ୍ୱାରା କ୍ଷମତା ବୃଦ୍ଧି କରୁଛି, ଯାହା ସମ୍ପୂର୍ଣ୍ଣ ହେବା ପରେ ମୋଟ ବିଲେଟ୍ କ୍ଷମତାକୁ ୧.୨୫ ଏମଟିପିଏକୁ ନେଇଯିବ। ଆଜି, ବେଦାନ୍ତ ଆଲୁମିନିୟମ୍ ଭାରତରେ ପ୍ରଥମ ଏବଂ ବିଲେଟ୍ ଉତ୍ପାଦନରେ ବିଶ୍ୱ ସ୍ତରରେ ତୃତୀୟ ସ୍ଥାନରେ ଅଛି। ଏକ୍ସଟ୍ରୁସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧ-ସମାପ୍ତ ଉତ୍ପାଦ, ବିଲେଟ୍ସ, ଅଟୋମୋବାଇଲ୍ ଏବଂ କୋଠାଠାରୁ ଆରମ୍ଭ କରି ଇଭି ଏବଂ ସୌର ଭଳି ଉଦୀୟମାନ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ ଶିଳ୍ପକୁ ସକ୍ଷମ କରୁଛି।

କମ୍ପାନୀର ଦୃଷ୍ଟିକୋଣ ଉପରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀଯୁକ୍ତ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମ ଉଚ୍ଚମାନର, ଦାୟିତ୍ୱପୂର୍ଣ୍ଣ ଭାବରେ ଉତ୍ପାଦିତ ଆଲୁମିନିୟମ ବିଲେଟ୍ ସହିତ ଆଗାମୀ ଦିନର ଶିଳ୍ପଗୁଡ଼ିକୁ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ। ବେଦାନ୍ତ ଆଲୁମିନିୟମ ୧ଏକ୍ସଏକ୍ସଏକ୍ସ, ୩ଏକ୍ସଏକ୍ସଏକ୍ସ, ଏବଂ ୬ଏକ୍ସଏକ୍ସଏକ୍ସ ସିରିଜରେ ଆଲୁମିନିୟମ ବିଲେଟ୍ ର ଏକ ବିସ୍ତୃତ ପରିସର ପ୍ରଦାନ କରେ। ୫ ଇଂଚ ରୁ ୧୨ ଇଂଚ ବ୍ୟାସ ପର୍ଯ୍ୟନ୍ତ ୨୫ ରୁ ଅଧିକ ଉଚ୍ଚମାନର ପ୍ରକାରରେ ଉପଲବ୍ଧ, କମ୍ପାନୀର ବିଲେଟ୍ ପୋର୍ଟଫୋଲିଓ ବିଶ୍ୱ ଏକ୍ସଟ୍ରୁସନ୍ ଶିଳ୍ପ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି।

## ଏନ୍‌ଏସି ମାନ୍ୟତା ଦାବିରେ ଆଜି ଶରଣକୁଳ ବନ୍ଦ

ଶରଣକୁଳ,(ସବ୍ୟୁ): ଶରଣକୁଳକୁ ଏନଏସି ମାନ୍ୟତା ପ୍ରଦାନରେ ରାଜ୍ୟ ସରକାର ପାତରଅନ୍ତର ନୀତି ଆପଣାଇଥିବାରୁ ଶୁକ୍ରବାର ଶରଣକୁଳ ଅଞ୍ଚଳରେ ଅଖ, ଚକ ବନ୍ଦ କରି ଏକ ଜନ ଆନ୍ଦୋଳନ କରିବାକୁ ବିଜେ ଦଳ ତରଫରୁ ସୂଚନା ଦିଆଯାଇଛି । ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେ ସରକାର ଶରଣକୁଳକୁ ଏନଏସି ଘୋଷଣା କରିଥିଲା ବେଳେ ଅଳ୍ପ ଦିନ ତଳେ ବିଜେପି ସରକାର କିଛି ନୂତନ ଏନଏସି ଘୋଷଣା କରିଥିଲେ କିନ୍ତୁ ଶରଣକୁଳକୁ ମାନ୍ୟତା ପ୍ରଦାନ କଲେ ନାହିଁ । ଏନେଇ ଆସନ୍ତା ୧୨ତାରିଖ ଦିନ ଏନଏସି ମାନ୍ୟତା ଦାବିରେ ଶରଣକୁଳକୁ ବନ୍ଦ ଦିଆଯାଇଛି । ଶୁକ୍ରବାର ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଶରଣକୁଳ ଅଞ୍ଚଳର ସମସ୍ତ ଦୋକାନ, ବଜାର, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଗା ଚଳାଚଳ ବନ୍ଦ ରହିବ ବୋଲି ଦଳ ପକ୍ଷରୁ ଗାଡିରେ ପ୍ରଚାର କରି କୁହାଯାଇଛି ।

# ହୀରାକୁଦ ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ନେଉଛି ହିଣ୍ଡାଲକୋ



ଭୁବନେଶ୍ୱର (ସବ୍ୟୁ): କର୍ପୋରେଟ୍ ସାମାଜିକ ଦାୟିତ୍ୱ ଏବଂ ସାମୁଦାୟିକ ସମ୍ପୃକ୍ତିର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହିଣ୍ଡାଲକୋ ହୀରାକୁଦର ଆସ୍ ମାଉଣ୍ଡରେ " ମା ପାଇଁ ଗଛଟିଏ " ହୃଦୟସ୍ପର୍ଶୀ ଥିମ୍ ଅଧୀନରେ ଏକ ବଡ଼ ଆକାରର ବୃକ୍ଷରୋପଣ ଅଭିଯାନ ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଏବଂ ବରିଷ୍ଠ ନାଗରିକ କ୍ଲବ୍ (ହୀରାଖଣ୍ଡ ନାଗରିକ ପରିଷଦ) ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ସଦସ୍ୟ, କର୍ମଚାରୀ ଏବଂ ବରିଷ୍ଠ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅଭିଯାନରେ ଡକ୍ଟର ଏସ୍. ଏନ୍. ନନ୍ଦ, ଆଞ୍ଚଳିକ ଅଧିକାରୀ, ରାକେଶ ପଣ୍ଡା, ମନୋରଞ୍ଜନ ପ୍ରଧାନ ଏବଂ ସମ୍ବଲପୁରର ଅନ୍ୟାନ୍ୟ ସଦସ୍ୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ହିଣ୍ଡାଲକୋ ପକ୍ଷରୁ, ଏହି କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ; ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ; ସିପିପି ମୁଖ୍ୟ ଅରୁଣ ସିଂହ; ସ୍ମେଲ୍ଟର ମୁଖ୍ୟ ପ୍ରତାପ ସାହୁ; ସିଏସଆର ଉପଦେଷ୍ଟା ସୁକାନ୍ତ ମହାପାତ୍ର; ପରିବେଶ ମୁଖ୍ୟ ରଞ୍ଜନ ଜେନା, ବିଶ୍ୱଜିତ ପରିଡା ଏବଂ ହିଣ୍ଡାଲକୋ ହୀରାକୁଦର ଅନ୍ୟାନ୍ୟ ସଦସ୍ୟମାନେ ବୁଢାକଟା ଗ୍ରାମର ସଦସ୍ୟଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦୦ ରୁ ଅଧିକ ଚାରା ରୋପଣ କରାଯାଇଥିଲା, ପ୍ରତ୍ୟେକ ଗଛ ପ୍ରତୀକାତ୍ମକ ଭାବରେ ନିଜ ମାଆଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା ।

# ଉତ୍ତରାଖଣ୍ଡ ବନ୍ୟା କ୍ଷୟକ୍ଷତିର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେରାଡୁନ ଗସ୍ତ କରି, ଉତ୍ତରାଖଣ୍ଡର ପ୍ରଭାବିତ ଅଞ୍ଚଳରେ ବନ୍ୟା, ବାଦଲଫଟା ବର୍ଷା ଏବଂ ଭୂସ୍ଖଳନରେ ସୃଷ୍ଟିତ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଡେରାଡୁନରେ ଏକ ସରକାରୀ ବୈଠକ କରିଥିଲେ, ଯାହା ଦ୍ୱାରା ଉତ୍ତରାଖଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହିତ ରିଲିଫ୍ ଏବଂ ପୁନର୍ବାସ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ସେ ଉତ୍ତରାଖଣ୍ଡ ପାଇଁ ୧୨୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ସମଗ୍ର ଅଞ୍ଚଳ ଏବଂ ଏହାର ଲୋକମାନଙ୍କୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ, ଏକ ବହୁମୁଖୀ ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଘର ପୁନଃନିର୍ମାଣ, ଜାତୀୟ ରାଜପଥ ପୁନରୁଦ୍ଧାର, ବିଦ୍ୟାଳୟ ପୁନଃନିର୍ମାଣ, ପ୍ରଧାନମନ୍ତ୍ରୀ ଏନଆରଏଫ ମାଧ୍ୟମରେ ରିଲିଫ୍ ପ୍ରଦାନ ଏବଂ ପଶୁପାଳନ ପାଇଁ ମିନି କିଟ୍ ବଣ୍ଟନ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଅଧୀନରେ, ଗ୍ରାମାଞ୍ଚଳରେ ଘର ପୁନଃନିର୍ମାଣ ପାଇଁ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା "ସ୍ୱତନ୍ତ୍ର ପ୍ରକଳ୍ପ" ଅଧୀନରେ ଆର୍ଥିକ ସହାୟତା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଯୋଗ୍ୟ ପରିବାରକୁ ପ୍ରଦାନ କରାଯିବ। କେନ୍ଦ୍ର ସରକାର ପୂର୍ବରୁ ଆନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ଦଳଗୁଡ଼ିକୁ ଉତ୍ତରାଖଣ୍ଡ ଗସ୍ତ କରି, ରାଜ୍ୟଗୁଡ଼ିକୁ କ୍ଷୟକ୍ଷତିର ପରିମାଣ ଆକଳନ କରିବା ପାଇଁ ପଠାଇଛନ୍ତି। ସେମାନଙ୍କ ବିସ୍ତୃତ ରିପୋର୍ଟ ଆଧାରରେ ଆହୁରି ସହାୟତା ପ୍ରଦାନ କରାଯିବା ବିଷୟରେ ବିଚାର କରାଯିବ।

ପ୍ରଧାନମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। କହିଛନ୍ତି ଯେ କେନ୍ଦ୍ର ସରକାର ଏହି କଷ୍ଟକର ସମୟରେ ରାଜ୍ୟ ସରକାରଙ୍କ ସହିତ ଘନିଷ୍ଠ



ଭାବରେ କାର୍ଯ୍ୟ କରିବେ ଏବଂ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ପରିବାରମାନଙ୍କୁ ଭେଟିଛନ୍ତି ଯେଉଁମାନେ ଭୂସ୍ଖଳନ ଏବଂ ବନ୍ୟା ସମେତ ସମ୍ପ୍ରତି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହୋଇଛନ୍ତି। ସେ ସମସ୍ତ କ୍ଷତିଗ୍ରସ୍ତ ଲୋକଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି ଏବଂ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ବନ୍ୟା ଏବଂ ସମ୍ବନ୍ଧୀୟ ବିପର୍ଯ୍ୟୟରେ ଗୁରୁତର ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ବନ୍ୟା ଏବଂ ସମ୍ଭାବ୍ୟ ବିପର୍ଯ୍ୟୟରେ ଗୁରୁତର ଆହତଙ୍କ ପାଇଁ ୫୦,୦୦୦ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ସମ୍ପ୍ରତି ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନାଥ ହୋଇଥିବା ପିଲାମାନେ 'ପ୍ରଧାନମନ୍ତ୍ରୀ ଶିଶୁ ଯତ୍ନ ଯୋଜନା' ମାଧ୍ୟମରେ ସହାୟତା ପାଇବେ, ଯାହା ସେମାନଙ୍କର ଦୀର୍ଘକାଳୀନ ଯତ୍ନ ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବ।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା ଆଇନ ଏବଂ ନିୟମ ଅଧୀନରେ ସହାୟତା, ଏହି ପର୍ଯ୍ୟାୟରେ ଘୋଷଣା କରାଯାଇଥିବା ରାଜ୍ୟଗୁଡ଼ିକୁ ଆଗୁଆ ବଣ୍ଟନ ସମେତ, ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ। କେନ୍ଦ୍ର ସରକାର ରାଜ୍ୟର ସ୍ମାରକପତ୍ର ଏବଂ କେନ୍ଦ୍ରୀୟ ଦଳଗୁଡ଼ିକର ରିପୋର୍ଟ ଆଧାରରେ ମୂଲ୍ୟାଙ୍କନକୁ ଆହୁରି ସମୀକ୍ଷା କରିବେ। ତୁରନ୍ତ ରିଲିଫ୍ ଏବଂ ପ୍ରତିକ୍ରିୟା ପାଇଁ ପ୍ରୟାସ କରିବା ପାଇଁ ସେ ଏନଡିଆରଏଫ, ଏସଡିଆରଏଫ, ସେନା, ରାଜ୍ୟ ପ୍ରଶାସନ ଏବଂ ଅନ୍ୟାନ୍ୟ ସେବା-ମୁଖୀ ସଂଗଠନର କର୍ମଚାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ପରିସ୍ଥିତିର ଗମ୍ଭୀରତାକୁ ସ୍ୱୀକାର କରି ଆଶ୍ୱାସନା ଦେଇଛନ୍ତି ଯେ, କେନ୍ଦ୍ର ସରକାର ପରିସ୍ଥିତିର ସମାଧାନ ପାଇଁ ସମସ୍ତ ପ୍ରୟାସ କରିବେ।

# ପୁଣି ବନିଗଲେ ବିଶ୍ୱର ଧନୀ ବ୍ୟକ୍ତି

ନୂଆଦିଲ୍ଲୀ: ଓରାକେଲର ସହ-ପ୍ରତିଷ୍ଠାତା ଲାରି ଏଲିସନଙ୍କଠାରୁ ଶୀର୍ଷ ସ୍ଥାନ ହରାଇବା ପରେ ଏଲୋନ ମସ୍କ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ବନି ଯାଇଥିଲେ। ତାଙ୍କ ଶୀର୍ଷ ସ୍ଥାନକୁ ଅଧିକାର କରି ନେଇଥିଲେ ଲାରି ଏଲିସନ। ହେଲେ ମାତ୍ର କିଛି ଘଣ୍ଟାର ବ୍ୟବଧାନ ପରେ ପୁଣି ଥରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି ମସ୍କ। କମ୍ପାନୀର ଏଆଇ ଭିତ୍ତିଭୂମି ସେବାର ଚାହିଦା ବୃଦ୍ଧି ପାଇବା ଦ୍ୱାରା ଓରାକେଲର ଷ୍ଟକରେ ତୀବ୍ର ବୃଦ୍ଧି ପରେ ଏଲିସନ କିଛି ଘଣ୍ଟା ପାଇଁ ଆଗକୁ ବଢ଼ି ଯାଇଥିଲେ ପଛରେ ରହି ଯାଇଥିଲେ ମସ୍କ।



ବ୍ଲୁମବର୍ଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଓରାକେଲର ଆୟ ରିପୋର୍ଟ ପରେ ଏଲିସନଙ୍କ ନେଟ୍ ସମ୍ପତ୍ତି ୮୯ ବିଲିୟନ ଡଲାର ବୃଦ୍ଧି ପାଇ ୩୮୩.୨ ବିଲିୟନ ଡଲାରରେ ପହଞ୍ଚିଥିଲା। ଦିନର ଗୋଟିଏ ସମୟରେ, ତାଙ୍କ ସମ୍ପତ୍ତି ୧୦୧ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଯାହା ବ୍ଲୁମବର୍ଗ ବିଲିୟନିୟର୍ସ ଇଣ୍ଡେକ୍ସରେ ରେକର୍ଡ ହୋଇଥିବା ସର୍ବାଧିକ ଏକ-ଦିନିକିଆ ଲାଭ।

ବୁଧବାର ଦିନ ୩୬% ବୃଦ୍ଧି ପାଇବା ପୂର୍ବରୁ ଓରାକେଲର ସେୟାର ୪୩% ବୃଦ୍ଧି ପାଇଥିଲା। ଓରାକେଲର ବଜାର ମୂଲ୍ୟ ପ୍ରାୟ ୨୪୪ ବିଲିୟନ ଡଲାର ବୃଦ୍ଧି ପାଇ ମୋଟ ୯୨୨ ବିଲିୟନ ଡଲାରରେ ପହଞ୍ଚିଥିଲା। ଲାଭ ହେତୁ ଓରାକେଲର ସର୍ବବୃହତ ବ୍ୟକ୍ତିଗତ ସେୟାରଧାରୀ ଏଲିସନ୍ କ୍ଷଣିକ ପାଇଁ ମସ୍କଙ୍କୁ ପଛରେ ପକାଇ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଥିଲେ। ହେଲେ ବୁଧବାର ବାଣିଜ୍ୟ ଶେଷ ସୁଦ୍ଧା, ମସ୍କ ୩୮୪.୨ ବିଲିୟନ ଡଲାର ସମ୍ପତ୍ତି ସହିତ ପୁନର୍ବାର ଶୀର୍ଷ ସ୍ଥାନ ହାସଲ କରିଥିଲେ, ଯାହା ଏଲିସନଙ୍କ ଠାରୁ ୧ ବିଲିୟନ ଡଲାର ଆଗରେ ଥିଲା।

# ନୌସେନାକୁ ମିଳିଲା ଥ୍ରୀଡି ସର୍ଭିଲାନ୍ସ ରାଡାର

ମୁମ୍ବାଇ: ଭାରତୀୟ ନୌସେନାରେ ସାମିଲ ହୋଇଛି ସ୍ୱଦେଶରେ ନିର୍ମିତ ଶକ୍ତିଶାଳୀ ଥ୍ରୀଡି ସର୍ଭିଲାନ୍ସ ରାଡାର (ଏଏସଆର-ଲାଞ୍ଜା-ଏନ) । ଏହାକୁ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ ପକ୍ଷରୁ ଏକ ସ୍ପାନିଶ କମ୍ପାନିର ପ୍ରଯୁକ୍ତି ହସ୍ତାନ୍ତର ମାଧ୍ୟମରେ ନିର୍ମାଣ କରାଯାଇଛି ।



ଟି ଏ ଏ ସ ଏ ଲ ପ୍ରଥମ ଭାରତୀୟ କମ୍ପାନୀ ହୋଇଛି ଯାହା ଆଡଭାନ୍ସଡ୍ ନୌସେନା ଥ୍ରୀଡି ଏୟାର ସର୍ଭିଲାନ୍ସ ରାଡାର ନିର୍ମାଣ କରିଛି। ଏହି ସଫଳତାକୁ ଭାରତର ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ହାସଲରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ ବିବେଚନା କରାଯାଏ। ଏହି ସିଷ୍ଟମକୁ ସ୍ଥାନୀୟ ଭାବରେ ଏକତ୍ରିତ ଏବଂ ସମନ୍ୱିତ କରାଯାଇଛି।

ଏହି ଭାରତୀୟ ନୌସେନା ଯୁଦ୍ଧଜାହାଜର ସମସ୍ତ ସିଷ୍ଟମ ସହିତ ରାଡାରକୁ ନିର୍ବିଘ୍ନରେ ସଂଯୁକ୍ତ କରାଯାଇଛି। ଏହାର ଅନ୍ତର୍ଭୁକ୍ତ ହେବା ପୂର୍ବରୁ ରାଡାରର ବ୍ୟାପକ ସାମୁଦ୍ରିକ ପରୀକ୍ଷଣ କରାଯାଇଛି, ଯେଉଁଠାରେ ଏହାର କ୍ଷମତା ପାଇଁ ବିଭିନ୍ନ ରାଡାର କ୍ରସ-ସେକ୍ସନରେ ଏହାର କାର୍ଯ୍ୟଦକ୍ଷତା ପରୀକ୍ଷା କରିବା ପାଇଁ ନୌସେନା ଏବଂ ବାୟୁ ପ୍ଲାଟଫର୍ମଗୁଡ଼ିକୁ ନିୟୋଜିତ କରାଯାଇଥିଲା।

# ଆତଙ୍କବାଦୀ ଷଡ଼ଯନ୍ତ୍ର ପଣ୍ଡ

ନୂଆଦିଲ୍ଲୀ: ଆତଙ୍କବାଦ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ଦିଲ୍ଲୀ ପୋଲିସକୁ ଆଉ ଏକ ବଡ଼ ସଫଳତା ମିଳିଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଦେଶର ବିଭିନ୍ନ ରାଜ୍ୟରୁ ପାଞ୍ଚ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନଙ୍କଠାରୁ IED ତିଆରିରେ ବ୍ୟବହୃତ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି।

କୁହାଯାଉଛି ଯେ ଦିଲ୍ଲୀ ଏବଂ ରାଞ୍ଚିରୁ ସଦ୍ୟ ଗିରଫ ହୋଇଥିବା ଦୁଇ ଆତଙ୍କବାଦୀ ଏବଂ ଛଅ ସନ୍ଦିଗ୍ଧଙ୍କୁ ପଚରାଉଚରା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ପୋଲିସ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସମଗ୍ର ନେଟୱାର୍କକୁ ଭାଙ୍ଗିବା ପାଇଁ ଦେଶବ୍ୟାପୀ ଅଭିଯାନ ଚଳାଇଛନ୍ତି। ପାକିସ୍ତାନୀ ହ୍ୟାଣ୍ଡଲରମାନଙ୍କ ଦ୍ୱାରା ପରିଚାଳିତ ଏବଂ ISIS-ପ୍ରେରିତ ଘରୋଇ ମଡ୍ୟୁଲ୍ ଭାବରେ ଲୁଚି ରହିଥିବା ଏହି ନେଟୱାର୍କକୁ ଠାବ କରିବା ପାଇଁ ଦିଲ୍ଲୀ, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ମିଳିତ ଚଢ଼ାଉ କରାଯାଇଥିଲା।

ଏହି ଦଳ ଦିଲ୍ଲୀ, ରାଞ୍ଚି ( ଝାଡଖଣ୍ଡ), ଥାନେ ଏବଂ ମୁମ୍ବାଇ (ମହାରାଷ୍ଟ୍ର), ବେଙ୍ଗାଲୁରୁ (କର୍ଣ୍ଣାଟକ), ନିଜାମାବାଦ (ତେଲେଙ୍ଗାନା) ଏବଂ ରାଜଗଡ (ମଧ୍ୟପ୍ରଦେଶ) ରେ ଚଢ଼ାଉ କରିଛି। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲର ଅତିରିକ୍ତ ସିପି ପ୍ରମୋଦ ସିଂହ କୁଶୱାହାଙ୍କ ଅନୁଯାୟୀ, ଏହି ଅପରେସନରେ ମଡ୍ୟୁଲର ମାଷ୍ଟରମାଇଣ୍ଡ ବୋକାରୋ (ଝାଡ଼ଖଣ୍ଡ) ନିବାସୀ ଅଶହର ଦାନିଶ ଓରଫ ସିଇଓ (୨୩ ବର୍ଷ)କୁ ଗିରଫ କରାଯାଇଥିଲା। ଏହା ବ୍ୟତୀତ କଲ୍ୟାଣ ମୁମ୍ବାଇର ଆଫତାବ କୁରେଶି (୨୫ ବର୍ଷ), ମୁମ୍ବ୍ରା ମହାରାଷ୍ଟ୍ରର ବାସିନ୍ଦା ସୁଫିଆନ ଆବୁବାକର ଖାନ (୨୦ ବର୍ଷ), ନରସାପୁର ତେଲେଙ୍ଗାନାର



ମହମ୍ମଦ ହୁଜାଇଫ ୟମନ (୨୦ ବର୍ଷ) ଏବଂ ମଧ୍ୟପ୍ରଦେଶର କମରାନ କୁରେଶି ଛଦ୍ମନାମ ସମର ଖାନ (୨୬ ବର୍ଷ)କୁ ଗିରଫ କରାଯାଇଛି।

ପୋଲିସ ଅଭିଯୁକ୍ତଙ୍କଠାରୁ ଆଇଇଡି ତିଆରି ସାମଗ୍ରୀ, ରାସାୟନିକ ପଦାର୍ଥ, ଗୁଳି, ଦୁଇଟି ଅର୍ଦ୍ଧ-ସ୍ୱୟଂଚାଳିତ ପିସ୍ତଲ ଏବଂ ଗୋଟିଏ ଦେଶୀ ପିସ୍ତଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଉଦ୍ଧାର ହୋଇଥିବା ରାସାୟନିକ ପଦାର୍ଥଗୁଡ଼ିକୁ ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତିରେ ବ୍ୟବହାର କରାଯିବାର ଥିଲା।

ପୋଲିସ ତଦନ୍ତରୁ ଜଣାପଡିଛି ଯେ ଗଜୱା-ଏ-ହିନ୍ଦର ବିଚାରଧାରାରେ ଅନୁପ୍ରାଣିତ ଏହି ଆତଙ୍କବାଦୀ ଗୋଷ୍ଠୀ ଭାରତରେ ଖିଲାଫତ ପ୍ରତିଷ୍ଠା କରିବାକୁ ଚାହୁଁଥିଲା। ଏଥିପାଇଁ ଏହି ଲୋକମାନେ ଏକ ଗୁପ୍ତ ଆତଙ୍କବାଦୀ ତାଲିମ ଶିବିର ପାଇଁ ଜମି ଅଧିଗ୍ରହଣ କରିବାକୁ ମଧ୍ୟ ଯୋଜନା କରୁଥିଲେ। ଅଶହର ଦାନିଶ ଠାରୁ ଅସ୍ତ୍ରଶସ୍ତ୍ର ତିଆରି ପାଇଁ ବୈଷୟିକ ସାମଗ୍ରୀ ଏବଂ ରାସାୟନିକ ପଦାର୍ଥ ଉଦ୍ଧାର କରାଯାଇଛି।

ସିପି ପ୍ରମୋଦ ସିଂହ କୁଶୱାହାଙ୍କ ଅନୁଯାୟୀ, ଏହି ମଡ୍ୟୁଲର ସଦସ୍ୟମାନେ ଆଇଇଡି ଏବଂ ଅସ୍ତ୍ରଶସ୍ତ୍ର ତିଆରି କରି ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିଲେ। ଏହି କାର୍ଯ୍ୟାନୁଷ୍ଠାନ ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ମିଳିତ ଭାବରେ ପାକିସ୍ତାନ ହ୍ୟାଣ୍ଡଲରମାନଙ୍କ ଦ୍ୱାରା ପରିଚାଳିତ ଏହି ମଡ୍ୟୁଲର ପର୍ଦ୍ଦାଫାଶ କରିଛି, ଯେଉଁଠାରେ ଯୁବକମାନଙ୍କୁ କଟ୍ଟରପନ୍ଥ ରାସ୍ତାକୁ ନେଇ ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଥିଲା।

# 'ଫେକ୍ ନ୍ୟୁଜ୍' ବଡ଼ ବିପଦ

ନୂଆଦିଲ୍ଲୀ: ମିଛ ଖବର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସୁପାରିଶ କରିଛି ଏକ ସଂସଦୀୟ ସ୍ଥାୟୀ କମିଟି । ଏହାକୁ "ଗଣତନ୍ତ୍ର ପାଇଁ ଗମ୍ଭୀର ବିପଦ" ବୋଲି ଦର୍ଶାଇ କମିଟି ପରାମର୍ଶ ଦେଇଛି ଯେ ଫେକ ନ୍ୟୁଜର ମୁକାବିଲା କରିବାକୁ ବର୍ତ୍ତମାନ ଥିବା ନିୟମାବଳୀ ଏବଂ ଆଇନର ସଂଶୋଧନ କରାଯିବା, ଦଣ୍ଡ ପରିମାଣ ବୃଦ୍ଧି କରାଯିବା ଏବଂ ଦାୟିତ୍ୱ ସ୍ଥିର କରାଯିବା ଉଚିତ୍। ସୂତ୍ର ଅନୁଯାୟୀ, ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ଥିବା ସଂସଦୀୟ ସ୍ଥାୟୀ କମିଟି ମଙ୍ଗଳବାର ସର୍ବସମ୍ମତିକ୍ରମେ ଏହାର ଡ୍ରାଫ୍ଟ ରିପୋର୍ଟକୁ ଗ୍ରହଣ କରିଛି। ଏହି କମିଟିର ନେତୃତ୍ୱ ବିଜେପି ସାଂସଦ ନିଶିକାନ୍ତ ଦୁବେ କରୁଛନ୍ତି। ଏହି କମିଟି ସୁପାରିଶ କରିଛି ଯେ ଦେଶର ସମସ୍ତ ମୁଦ୍ରିତ, ଡିଜିଟାଲ୍ ଏବଂ ଇଲେକ୍ଟ୍ରୋନିକ୍ ମିଡିଆ ପ୍ରତିଷ୍ଠାନରେ ଏକ ତଥ୍ୟ ଯାଞ୍ଚ ବ୍ୟବସ୍ଥା ଏବଂ ଜଣେ ଆଭ୍ୟନ୍ତରୀଣ ଲୋକପାଳଙ୍କ ନିଯୁକ୍ତିକୁ ବାଧ୍ୟତାମୂଳକ କରାଯିବା ଉଚିତ।

କମିଟି ଏହା ମଧ୍ୟ କହିଛି ଯେ ନକଲି ଖବରର ମୁକାବିଲା ପାଇଁ ସରକାର, ଘରୋଇ କ୍ଷେତ୍ର ଏବଂ ସ୍ୱାଧୀନ ତଥ୍ୟ ଯାଞ୍ଚକାରୀଙ୍କ ମଧ୍ୟରେ ଏକ ସହଯୋଗୀ ତନ୍ତ୍ର ବିକଶିତ କରାଯିବା ଉଚିତ। କମିଟି ସମ୍ପାଦକୀୟ ନିୟନ୍ତ୍ରଣ ପାଇଁ ସମ୍ପାଦକ ଏବଂ ବିଷୟବସ୍ତୁ ମୁଖ୍ୟଙ୍କୁ, ସଂସ୍ଥାଗତ ବିଫଳତା ପାଇଁ ମାଲିକ ଏବଂ ପ୍ରକାଶକଙ୍କୁ ଏବଂ ନକଲି ଖବର ପ୍ରସାରଣ ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ଏବଂ ନ୍ୟୁଜ୍ ଏଗ୍ରିଗେଟରଗୁଡ଼ିକୁ ଉତ୍ତରଦାୟୀ କରିବାକୁ ସୁପାରିଶ କରିଛି।

ଏହି କମିଟି ଆଉ ଏକ ବିଷୟ ଉପରେ ଗୁରୁତ୍ୱ ଦେଇଛି । କମିଟି କହିଛି ଯେ ଏଆଇ ବ୍ୟବହାର କରି ତିଆରି କରାଯାଉଥିବା ଜାଲ କଣ୍ଟେଣ୍ଟ ଓ ଭିଡିଓଗୁଡ଼ିକୁ ନିୟନ୍ତ୍ରଣ କରାଯିବା ଆବଶ୍ୟକ । ବିଶେଷକରି ମହିଳା ଓ ଶିଶୁମାନଙ୍କ ଉପରେ ତିଆରି କରାଯାଉଥିବା ଆପତ୍ତିଜନକ ଏଆଇ କଣ୍ଟେଣ୍ଟକୁ ବନ୍ଦ କରାଯିବା ଆବଶ୍ୟକ। ଆବଶ୍ୟକ ହେଲେ ଏଆଇ କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ଲାଇସେନ୍ସ ପ୍ରଦାନ ଲାଗି ପ୍ରସ୍ତାବ ଦିଆଯାଉଛି ।

ମିଛ ଖବର ବା ଫେକ୍ ନ୍ୟୁଜ କଣ ?

ଫେକ୍ ନ୍ୟୁଜ ମାନେ ହେଉଛି ଭୁଲ ସୂଚନା କିମ୍ବା ଭ୍ରାନ୍ତିକର ସମାଚାର, ଯାହାକୁ ଜାଣିଶୁଣି ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ପ୍ରଚାର କରାଯାଏ। ଏହା ସାଧାରଣତଃ ସୋସିଆଲ ମିଡିଆ, ୱେବସାଇଟ୍ କିମ୍ବା ବେଳେବେଳେ ମୁଖ୍ୟଧାରା ଗଣମାଧ୍ୟମ ଜରିଆରେ ପ୍ରସାରିତ ହୁଏ। ଫେକ୍ ନ୍ୟୁଜ ସମାଜ ପାଇଁ ଅତ୍ୟନ୍ତ ବିପଜ୍ଜନକ, କାରଣ ଏହା ଲୋକମାନଙ୍କ ମନରେ ଭ୍ରମ, ଭୟ ଓ ଅବିଶ୍ୱାସ ସୃଷ୍ଟି କରେ। କେବେ କେବେ ଏହାର କାରଣରୁ ବିବାଦ, ହିଂସା କିମ୍ବା ସାଂପ୍ରଦାୟିକ ଦଙ୍ଗା ପରି ବଡ଼ ସମସ୍ୟା ହୋଇଥାଏ। ଫେକ୍ ନ୍ୟୁଜର ଯାଞ୍ଚ କରିବାକୁ ହେଲେ ଆମେ କିଛି ସରଳ ଉପାୟ ମାନିବା ଉଚିତ୍। ପ୍ରଥମେ, ସମାଚାରର ଉତ୍ସ ସତ୍ୟ କିନା ଯାଞ୍ଚ କରିବାକୁ ପଡ଼େ। ଦ୍ୱିତୀୟ, ଏହି ସୂଚନାକୁ ଅନ୍ୟାନ୍ୟ ବିଶ୍ୱସନୀୟ ମାଧ୍ୟମରେ ମଧ୍ୟ ଖୋଜିବା ଉଚିତ୍। ତୃତୀୟ, ଅତିରଞ୍ଜିତ କିମ୍ବା ଆଶ୍ଚର୍ଯ୍ୟଜନକ ଶିରୋନାମାକୁ ସତର୍କତାରେ ପଢ଼ିବାକୁ ଦରକାର। ଯଦି ଆମେ ସଚେତନ ହେବା, ତେବେ ଫେକ୍ ନ୍ୟୁଜରୁ ସମାଜକୁ ସୁରକ୍ଷିତ ରଖିପାରିବା।

# ଭାରତୀୟ ନେତାଙ୍କ ଦ୍ୱାରା ମୁଁ ପ୍ରଭାବିତ: ବିଚାରପତି ସୁଶୀଲା

ନୂଆଦିଲ୍ଲୀ: ସର୍ବପ୍ରଥମେ ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନମସ୍କାର କରୁଛି। ମୋଦୀ ଜୀଙ୍କୁ ନେଇ ମୋ ମନରେ ଯଥେଷ୍ଟ ସମ୍ମାନ ରହିଛି। ଦ୍ୱିତୀୟ କଥା ହେଉଛି ଏବେ ଆମ ନାଁର ପ୍ରସ୍ତାବ ଦିଆଯାଇଛି; କିଛି ସ୍ଥିର ହୋଇନାହିଁ। ଆସନ୍ତାକାଲି ବଦଳି ମଧ୍ୟ ପାରେ। ଆଗାମୀକାଲି ଆମର ହେବ ବୋଲି ଆମେ କହିପାରିବୁ ନାହିଁ। ଏବେ ଆଲୋଚନା ଚାଲିଛି, ଆମେ କହିପାରିବୁ ନାହିଁ। ଆମେସବୁ ଆଲୋଚନା କରିବୁ ଏହାପରେ ନିଷ୍ପତ୍ତି ନିଆଯିବ। ଅନ୍ତର୍ଜାତୀୟ ପ୍ରସଙ୍ଗ ସାମ୍ନାକୁ ଆସିଲେ, ସେଥିରେ କିଛି ଲୋକ ଆଲୋଚନା କରି ନୀତି ପ୍ରସ୍ତୁତ କରିଥା'ନ୍ତି। ତା'ପରେ ଯାହାକିଛି



କୁହାଯାଏ। ତେବେ ଭାରତୀୟ ନେତାମାନଙ୍କ ଦ୍ୱାରା ମୁଁ ବେଶ୍ ପ୍ରଭାବିତ ବୋଲି ନେପାଳର ପୂର୍ବତନ ବିଚାରପତି ସୁଶୀଲା କହିଛନ୍ତି।

# ଭାରତ ସହ ମିଶିବାକୁ ନେପାଳ ରାଜା ପ୍ରସ୍ତାବ ଦେଇଥିଲେ



ନୂଆଦିଲ୍ଲୀ : ହିମାଳୟ କୋଳରେ ଥିବା କ୍ଷୁଦ୍ର ଦେଶ ନେପାଳକୁ ନେଇ ସାରା ବିଶ୍ୱରେ ଏବେ ଚର୍ଚ୍ଚା ଜାରି ରହିଛି । ଚର୍ଚ୍ଚାର କାରଣ ହେଉଛି ସେଠାରେ ଦେଖାଦେଇଥିବା ହିଂସାତ୍ମକ ବିଦ୍ରୋହ । ଗଣତନ୍ତ୍ର ସ୍ଥାପନ ପରେ ସେଠାକାର ରାଜନୈତିକ ନେତାମାନେ କରିଥିବା ଦୁର୍ନୀତିର ବିରୋଧରେ ଏହି ଆନ୍ଦୋଳନ କରୁଛନ୍ତି ଯୁବପିଢ଼ି । କିନ୍ତୁ ନେପାଳ ସଂପର୍କରେ ଏକ ପୁରୁଣା କଥା ଏଠାରେ ଉପସ୍ଥାପନ କରୁଛୁ । ଦିନେ ଭାରତର ଅଂଶ ହେବାକୁ ପ୍ରସ୍ତାବ ଦେଇଥିଲେ ନେପାଳ ନରେଶ ତ୍ରିଭୁବନ ସାହା। କିନ୍ତୁ ତତକାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ସହିତ ମିଶ୍ରଣ ପ୍ରସ୍ତାବକୁ ପଣ୍ଡିତ ଜବାହରଲାଲ ନେହରୁ ପ୍ରତ୍ୟାଖ୍ୟାନ କରିଥିବା କଥାକୁ ପ୍ରଣବ ମୁଖର୍ଜୀ ତାଙ୍କ 'ଦ ପ୍ରେସିଡେନ୍ସିଆଲ୍ ଇୟର୍ସ' ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକରେ କୁହାଯାଇଛି ଯେ ନେପାଳର ରାଜା ତ୍ରିଭୁବନ ଭାରତର ଅଂଶ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ, କିନ୍ତୁ ନେହେରୁ ଭାରତୀୟ ବିସ୍ତାରବାଦକୁ ନାକଚ କରି ନେପାଳର ସ୍ୱାଧୀନତା ଓ ସ୍ୱାଭିମାନକୁ ଅଗ୍ରଗଣ୍ୟ କରିଥିଲେ। ନେହେରୁଙ୍କ ମତ ଥିଲା ଯେ ନେପାଳ ଏକ ସାର୍ବଭୌମ ରାଷ୍ଟ୍ର ହେଉ ଓ ଭାରତ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖୁ । ପ୍ରଣବବାବୁଙ୍କ ମତାନୁସାରେ, ଯଦି ନେହେରୁଙ୍କ ସ୍ଥାନରେ ଇନ୍ଦିରା ଗାନ୍ଧୀ ଥାନ୍ତେ, ତେବେ ସେ ଏହି ସୁଯୋଗକୁ ହାତଛଡ଼ା କରିନଥାନ୍ତେ । ଯେପରି ସେ ସିକ୍କିମକୁ ଭାରତରେ ମିଶ୍ରଣ କରିଥିଲେ, ସେହିପରି ନେପାଳକୁ ବି ଭାରତରେ ମିଶାଇ ଦେଇଥାନ୍ତେ ।

# ଭାରତ-ମରିସସ ଏକ ପରିବାର

ନୂଆଦିଲ୍ଲୀ: ମୋ ପାଇଁ ଗର୍ବର କଥା ଯେ, ମୁଁ ଆପଣଙ୍କୁ ମୋର ସଂସଦୀୟ କ୍ଷେତ୍ରରେ ସ୍ୱାଗତ କରିବାର ସୁଯୋଗ ପାଇଛି। କାଶୀ ଅନାଦି କାଳରୁ ଭାରତର ସଭ୍ୟତା ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ ହୋଇଆସିଛି । ଶହ ଶହ ବର୍ଷ ପୂର୍ବରୁ ଆମର ସଂସ୍କୃତି ଏବଂ ପରମ୍ପରା ଭାରତରୁ ମରିସସରେ ପହଞ୍ଚିବା ସହ ସେଠାକାର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟି ଥିଲା। କାଶୀରେ ମା' ଗଙ୍ଗାଙ୍କ ଅବିରତ ପ୍ରବାହ ପରି, ଭାରତୀୟ ସଂସ୍କୃତିର ଏହି ନିରନ୍ତର ଧାରା ଆଜି ପର୍ଯ୍ୟନ୍ତ ମରିସସକୁ ସମୃଦ୍ଧ କରିଆସୁଛି।

ଯେତେବେଳେ ଆମେ କାଶୀରେ ମରିସସର ବନ୍ଧୁମାନଙ୍କୁ ସ୍ୱାଗତ କରୁଛୁ, ଏହା କେବଳ ଏକ ଔପଚାରିକତା ନୁହେଁ ବରଂ ଏକ ଆଧ୍ୟାତ୍ମିକ ମିଳନ। ସେଥିପାଇଁ ମୁଁ ଗର୍ବର ସହିତ କହୁଛି ଯେ, ଭାରତ ଏବଂ ମରିସସ କେବଳ ଅଂଶୀଦାର ନୁହଁନ୍ତି ବରଂ ଏକ ପରିବାର।

ମରିସସ୍ ହେଉଛି ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ ଦୃଷ୍ଟିକୋଣ 'ମହାସାଗର'ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମାର୍ଚ୍ଚ ମାସରେ, ମୁଁ ମରିସସର ଜାତୀୟ ଦିବସ ସମାରୋହରେ ଯୋଗଦେବାର ସୌଭାଗ୍ୟ ପାଇଥିଲି। ସେହି ସମୟରେ ଆମେ ଆମର ସମ୍ପର୍କକୁ 'ଉନ୍ନତ ରଣନୈତିକ ସହଭାଗୀତା'ର ସ୍ଥିତିକୁ ଉନ୍ନୀତ କରିଥିଲୁ। ଆଜି ଆମେ ଦ୍ୱିପାକ୍ଷିକ ସହଯୋଗର ସମସ୍ତ ଦିଗକୁ ବିସ୍ତୃତ ଭାବରେ ସମୀକ୍ଷା କରିଛୁ। ଆମେ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତାମତ ଆଦାନପ୍ରଦାନ କରିଛୁ।

ମୁଁ ପ୍ରଧାନମନ୍ତ୍ରୀ ରାମଗୁଲାମ ଓ ମରିସସ୍‌ର ଜନତାଙ୍କୁ ଚାଗୋସ୍ ଚୁକ୍ତିନାମା ସମାପ୍ତ ହୋଇଥିବା ଯୋଗୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହା ମରିସସ୍‌ର ସାର୍ବଭୌମତ୍ୱର ଏକ ଐତିହାସିକ ବିଜୟ। ଭାରତ ସଦା ସର୍ବଦା ଉପନିବେଶମୁକ୍ତି ଏବଂ ମରିସସର ସାର୍ବଭୌମତ୍ୱର ପୂର୍ଣ୍ଣ ସ୍ୱୀକୃତିକୁ ସମର୍ଥନ କରିଆସିଛି । ଏହି ଯାତ୍ରାରେ ଭାରତ ସର୍ବଦା ମରିସସ ସହିତ ଦୃଢ଼ ଭାବରେ ଠିଆ ହୋଇଛି।

ମରିସସର ବିକାଶରେ ଏକ ବିଶ୍ୱସ୍ତ ଏବଂ ପ୍ରାଥମିକ ଅଂଶୀଦାର ହେବାରେ ଭାରତ ଗର୍ବ ଅନୁଭବ କରେ । ଆଜି ଆମେ ମରିସସର ଆବଶ୍ୟକତା ଏବଂ ପ୍ରାଥମିକତାକୁ ଧ୍ୟାନରେ ରଖି ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ପାଇଁ ନିଷ୍ପତ୍ତି ନେଇଛୁ।



ଏହା ଭିତ୍ତିଭୂମିକୁ ସୁଦୃଢ଼ କରିବ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ୱାସ୍ଥ୍ୟସେବା ସୁବିଧାକୁ ଆହୁରି ଉନ୍ନତ କରିବ। ଭାରତ ବାହାରେ, ପ୍ରଥମ ଜନ ଔଷଧି କେନ୍ଦ୍ର ଏବେ ମରିସସରେ ପ୍ରତିଷ୍ଠିତ ହୋଇଛି। ଆଜି ଆମେ ନିଷ୍ପତ୍ତି ନେଇଛୁ ଯେ, ମରିସସରେ 'ଆୟୁଷ ଉତ୍କର୍ଷ କେନ୍ଦ୍ର', ୫୦୦ ଶଯ୍ୟା ବିଶିଷ୍ଟ ସାର ସିୱୁସାଗୁର ରାମଗୁଲାମ ଜାତୀୟ ହସ୍ପିଟାଲ ଏବଂ 'ଭେଟେରିନାରି ସ୍କୁଲ୍ ଓ ପଶୁ ହସ୍ପିଟାଲ୍' ପ୍ରତିଷ୍ଠାରେ ଭାରତ ସହଯୋଗ କରିବ । ସେହି ସମୟ ମଧ୍ୟରେ, ଆମେ ଚାଗୋସ୍ ସାମୁଦ୍ରିକ ସୁରକ୍ଷିତ କ୍ଷେତ୍ର; ଏସ୍‌ଏସ୍‌ଆର ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଟିସି ଟାୱାର; ତଥା ରାଜପଥ ଓ ରିଙ୍ଗ ରୋଡର ସମ୍ପ୍ରସାରଣ ଭଳି ପ୍ରକଳ୍ପଗୁଡ଼ିକୁ ମଧ୍ୟ ଆଗେଇ ନେବୁ। ଏହି ପ୍ୟାକେଜ ଏକ ସହାୟତା ନୁହେଁ। ଏହା ଆମର ସାମୂହିକ ଭବିଷ୍ୟତରେ ଏକ ପୁଞ୍ଜିନିବେଶ ।

ଗତ ବର୍ଷ, ମରିସସରେ ୟୁପିଆଇ ଏବଂ ରୁପେ କାର୍ଡ ଲଞ୍ଚ କରାଯାଇଥିଲା। ଏବେ, ଆମେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟକୁ ସକ୍ଷମ କରିବା ପାଇଁ କାର୍ଯ୍ୟ କରିବୁ। ଶକ୍ତି ସୁରକ୍ଷା ଆମର ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଭାରତ ମରିସସକୁ ଏହାର ଶକ୍ତି ପରିବର୍ତ୍ତନରେ ସମର୍ଥନ କରୁଛି। ଆମେ ମରିସସକୁ ୧୦୦ଟି ବୈଦ୍ୟୁତିକ ବସ୍ ଯୋଗାଇ ଦେଉଛୁ, ଯାହା ମଧ୍ୟରୁ ୧୦ଟି ପୂର୍ବରୁ ପ୍ରଦାନ କରାଯାଇଛି। ଶକ୍ତି କ୍ଷେତ୍ରରେ ସମ୍ପନ୍ନ ବ୍ୟାପକ ସହଭାଗୀତା ଚୁକ୍ତିନାମା ଏହି ସହଯୋଗକୁ ଆହୁରି ସୁଦୃଢ଼ କରିବ। ଆମେ ତେମାରିଣ୍ଡ ଜଳପ୍ରପାତରେ ୧୭.୫ ମେଗାୱାଟ ଭାସମାନ ସୌର ଶକ୍ତି କେନ୍ଦ୍ର ପ୍ରତିଷ୍ଠାରେ ସମର୍ଥନ ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଛୁ। ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଆମର ଏକ ଦୀର୍ଘକାଳୀନ ସହଭାଗୀତା ରହିଛି। ମରିସସର ୫,୦୦୦ ରୁ ଅଧିକ ନାଗରିକ ଭାରତରେ ପ୍ରଶିକ୍ଷଣ ପାଇସାରିଛନ୍ତି। ମାର୍ଚ୍ଚ ମାସରେ ମୋର ଗସ୍ତ ସମୟରେ, ୫୦୦ ଜଣ ସରକାରୀ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଁ ଏହା ଜାଣି ବହୁତ ଖୁସି ଯେ, ପ୍ରଥମ ବ୍ୟାଚ୍ ବର୍ତ୍ତମାନ ମସୁରୀରେ ପ୍ରଶିକ୍ଷଣ ନେଉଛନ୍ତି । ଆଜି, ଆମେ ମରିସସରେ ଏକ ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛୁ। ବହୁତ ଶୀଘ୍ର, ଆମେ ମରିସସରେ ମିଶନ କର୍ମଯୋଗୀର ତାଲିମ ମଡ୍ୟୁଲ ମଧ୍ୟ ଆରମ୍ଭ କରିବୁ। ମାଡ୍ରାସର ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଏବଂ ଭାରତୀୟ ବୃକ୍ଷରୋପଣ ପରିଚାଳନା ସଂସ୍ଥାନ ମରିସସ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତିନାମା କରିଛନ୍ତି। ଏହି ଚୁକ୍ତିନାମାଗୁଡ଼ିକ ଗବେଷଣା, ଶିକ୍ଷା ଏବଂ ନବସୃଜନରେ ଆମର ସହଭାଗୀତାକୁ ନୂତନ ଶିଖରକୁ ନେଇଯିବ

# ବନ୍ଦ ହେବନି ଭାରତ- ପାକିସ୍ତାନ ମ୍ୟାଚ : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି) : ଭାରତ ପାକିସ୍ତାନ ମ୍ୟାଚ ବାତିଲ ନେଇ ଦାୟର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ମ୍ୟାଚ ହେବାକୁ ଦିଅ, ଆମେ ଏହାକୁ ବନ୍ଦ କରିବୁ ନାହିଁ । ଆଗାମୀ ୧୪ ତାରିଖରେ ଭାରତ -ପାକିସ୍ତାନ ଏସିଆ କପ୍ ଟି -୨୦ ବାତିଲ କରିବା ପାଇଁ ସୁପ୍ରିମକୋର୍ଟରେ ମାମଲା ଦାୟର ହୋଇଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ସମେତ ଅନ୍ୟାନ୍ୟ ଘଟଣା ଉଲ୍ଲେଖ କରି ୪ ଜଣ ଏଲଏଲ୍‌ବି ଛାତ୍ରଙ୍କ ଆବେଦନରେ ପାକିସ୍ତାନ ସହିତ ମ୍ୟାଚ ଜାତୀୟ ଭାବନାର ଉପହାସ ବୋଲି ଦର୍ଶାଯାଇଥିଲା । ଗୁରୁବାର ଆବେଦନର ଜରୁରୀ ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା । ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ । ମାମଲାଟି ଜଷ୍ଟିସ୍ ଜେ କେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୁଙ୍କ ସମ୍ମୁଖରେ ରଖାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଓକିଲ ଖଣ୍ଡପିଠଙ୍କୁ କହିଥିଲେ ରବିବାର ମ୍ୟାଚ ହେବ । ତେଣୁ ଆବେଦନ ଶୁକ୍ରବାର ତାଲିକାଭୁକ୍ତ କରାଯାଉ । ଏହାପରେ କୋର୍ଟ କହିଥିଲେ ଯେ, ମ୍ୟାଚକୁ ବନ୍ଦ କରାଯାଇପାରିବ ନାହିଁ । ମ୍ୟାଚ ହେବାକୁ ଦିଅ । ଓକିଲ ପୁଣି କୋର୍ଟଙ୍କୁ ମାମଲା ତାଲିକା ଭୁକ୍ତ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ କୋର୍ଟ ମନା କରିଦେଇଥିଲେ । ଉର୍ବଶୀ ଜୈନଙ୍କ ନେତୃତ୍ୱରେ ୪ ଜଣ ଆଇନ ଛାତ୍ର ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ସହିତ ମ୍ୟାଚ ଖେଳିବା ଅନ୍ତର୍ଜାତୀୟ ମର୍ଯ୍ୟାଦା ଏବଂ ଜନ ଭାବନାର ବିପରୀତ ବାର୍ତ୍ତା ପଠାଉଛି ବୋଲି ଯୁକ୍ତି ରଖିଥିଲେ । ଏହା ପାକିସ୍ତାନୀ ଆତଙ୍କୀଙ୍କ ହାତରେ ପ୍ରାଣ ହରାଇଥିବା ପୀଡିତଙ୍କ ପରିବାରର ଭାବନାକୁ ଆଘାତ ଦେଇପାରେ । ମନୋରଞ୍ଜନ ଅପେକ୍ଷା ରାଷ୍ଟ୍ରର ମର୍ଯ୍ୟାଦା ଏବଂ ନାଗରିକଙ୍କ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । କିନ୍ତୁ ଏହା କୋର୍ଟରେ ନାକଚ ହୋଇଯାଇଛି ।



## ଏସିଆ କପ୍ ଟି -୨୦

# ବାଂଲାଦେଶର ଟାର୍ଗେଟ ୧୪୪



ଦୁବାଇ, ୧୧।୯ (ଏଜେନ୍ସି) : ଏସିଆ କପ୍ ଟି -୨୦ ଗ୍ରୁପ୍ ବି ପର୍ଯ୍ୟାୟର ତୃତୀୟ ମ୍ୟାଚରେ ହଂକଂକୁ ଭେଟିଛି ବାଂଲାଦେଶ । ଆବୁଧାବିର ଜାଏଦ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ହଂକଂ ୨୪୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ହଂକଂ ଦଳ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେଣୁ ବାଂଲାଦେଶ ସମ୍ମୁଖରେ ୧୪୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ଟାର୍ଗେଟକୁ ପିଛା କରିଥିବା ବାଂଲାଦେଶ ୪ ଓଭର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୩୩ ରନ୍ ସଂଗ୍ରହ କରିଥିଲା । ଜିତିବା ପାଇଁ ବାଂଲାଦେଶକୁ ୯୬ ବଲରୁ ୧୦୯ ରନ୍‌ର ଆବଶ୍ୟକତା ଥିଲା । ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ହଂକଂ । ବାଂଲାଦେଶର ବୋଲିଂ ନିଷ୍ପତ୍ତି ସଠିକ ସାବ୍ୟସ୍ତ ହୋଇଥିଲା । କାରଣ ହଂକଂକୁ ବଡ ସ୍କୋର କରିବାରେ ସୁଯୋଗ ଦେଇନଥିଲା ବାଂଲାଦେଶ । ହଂକଂର ଦୁଇ ଓପନର ଜେସାନ୍ ଅଲ୍ଲି ଓ ଅଂଶୀ ରଥ । ଅଂଶୀ ରଥ ପାଳି ଆରମ୍ଭ କରିଥିଲେ । ଅଂଶୀ ୫ ଟି ବଲରୁ ୪ ରନ୍ କରି ତାସ୍କିନ୍ ଅହମ୍ମଦଙ୍କ ବଲରେ ଆଉଟ୍ ହୋଇଥିଲେ । ଏହା ପରେ ଜିସାନ୍ ଅଲ୍ଲି ୩୪ ବଲରୁ ୩୦, ବାବର ହୟାତ୍ ୧୨ ବଲରୁ ୧୪, ନିଜାକତ ଖାନ୍ ୪୦ ବଲରୁ ୪୨, ଅଧିନାୟକ ୟସିମ ମୁରତାଜା ୧୯ ବଲରୁ ୨୮ ରନ୍ କରିବାରୁ ହଂକଂ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୩ ରନ୍ କରିଥିଲା । ବାଂଲାଦେଶର ତାସ୍କିନ୍ ଅହମ୍ମଦ, ତାନଜିମ ହାସନ ସାକିବ ଓ ରିଷଦ ହୁସେନ୍ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ବାଂଲାଦେଶ ୧୪୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା । ଅପେକ୍ଷାକୃତ ଦୁର୍ବଳ ହଂକଂ ବିପକ୍ଷରେ ସହଜ ବିଜୟ ହାସଲ କରିବ ବୋଲି ବାଂଲାଦେଶ ଭାବିଥିଲା । କିନ୍ତୁ ତୃତୀୟ ଓଭରରେ ବାଂଲାଦେଶର ଓପନ୍‌ର ପରଭେଜ ହୁସେନ୍ ଏମନ୍ (୧୯ ରନ୍) ଙ୍କୁ ଆଉଟ୍ କରି ହଂକଂ ପ୍ରାରମ୍ଭିକ ସଫଳତା ପାଇଥିଲା । ଏହା ପରେ ତାନଜିଦ ହାସନ ମଧ୍ୟ ୧୪ ରନ୍ କରି ପ୍ରାଭିଲିୟନ୍ ଫେରିଯାଇଥିଲେ । ପାଖାପାଖି ଦୁଇଟି ବିପର୍ଯ୍ୟୟ କାରଣରୁ ବାଂଲାଦେଶର ରନ୍ ସଂଗ୍ରହ ହାରରେ ଅଙ୍କୁଶ ଲାଗିଥିଲା । ଶେଷ ଖବର ସୁଦ୍ଧା ବାଂଲାଦେଶ ୫.୪ ଓଭରରେ ୨ ୱିକେଟ୍ ହରାଇ ୪୭ ରନ୍ କରିଛି । ହଂକଂର ଆୟୁଷ ଶୁକ୍ଳା ଓ ଅତିକ୍ତ ଇକ୍‌ବାଲ୍ ଗୋଟିଏ କରି ୱିକେଟ୍ ସଫଳତା ପାଇଛନ୍ତି ।

# ରେକର୍ଡର ଲମ୍ବା ଲାଇନ୍



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି) : ଏସିଆ କପ୍ ଟି -୨୦ କ୍ରିକେଟ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଜମାଣିଆ ଆରମ୍ଭ କରିଛି । ୟୁଏଇ ବିପକ୍ଷ ମ୍ୟାଚରେ ଭାରତ ସହଜ ବିଜୟ ହାସଲ କରିବା ସହ ରେକର୍ଡର ଲମ୍ବା ଲାଇନ୍ ଲଗାଇଛି । ୧୩.୧ ଓଭରରେ ୟୁଏଇକୁ ୫୭ ରନ୍‌ରେ ଅଲଆଉଟ୍ କରିବା ପରେ ଭାରତ ୯୩ ବଲ ବାକି ଥାଇ ଏହି ମ୍ୟାଚକୁ ଜିତି ନେଇଥିଲା । ଅଭିଶେକ ଶର୍ମା ୧୬ ବଲରୁ ୩୦, ଶୁଭମନ୍ ଗିଲ୍ ୯ ବଲରୁ ୨୦ ଓ ସୂର୍ଯ୍ୟକୁମାର ଯାଦବ ୨ ବଲରୁ ୭ ରନ କରିଥିଲେ । ଭାରତ ପକ୍ଷରୁ କୁଲଦୀପ ୪ ଟି ଓ ଶିବମ୍ ଦୁବେ ୩ ୱିକେଟ୍ ନେଇଥିଲେ । କୁଲଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଟି -୨୦ କ୍ରିକେଟ୍‌ରେ ଭାରତ ବିପକ୍ଷରେ ୟୁଏଇ ସର୍ବନିମ୍ନ ସ୍କୋର କରିଛି । ପୂର୍ବରୁ ନ୍ୟୁଜଲାଣ୍ଡ ବିପକ୍ଷରେ ୬୬ ଓ ଆୟରଲାଣ୍ଡ ବିପକ୍ଷରେ ୭୦ ରନ୍ କରିଥିଲା । ଅଭିଶେକ ଶର୍ମା ଚତୁର୍ଥ ଭାରତୀୟ ବ୍ୟାଟର ଭାବେ ପ୍ରଥମ ବଲରେ ଛକା ମାରି ଇନିଂସ ଆରମ୍ଭ କରିଥିଲେ । ତାଙ୍କ ପୂର୍ବରୁ ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ସଞ୍ଜୁ ସାମସନ୍ ଏଭଳି କରିଛନ୍ତି । ସବୁଠୁ କମ୍ ବଲରେ ବିଜୟ ଲକ୍ଷ୍ୟ ହାସଲ କରିବାରେ ଭାରତ ୨ୟ ସ୍ଥାନରେ ରହିଛି । ଓମାନ୍ ବିପକ୍ଷରେ ଇଂଲଣ୍ଡ ମାତ୍ର ୧୯ ବଲରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଛି । ଭାରତ ୨୭ ବଲରେ ୟୁଏଇକୁ ଏବଂ ଶ୍ରୀଲଙ୍କା ୩୦ ବଲରେ ନେଦରଲାଣ୍ଡସ୍‌କୁ ହରାଇଥିଲା ।

**କୁଲଦୀପଙ୍କ କୀର୍ତ୍ତିମାନ :-**

ଏସିଆ କପ୍ ଆରମ୍ଭରୁ ଚାଇନା ମ୍ୟାନ ସ୍ପିନର କୁଲଦୀପ ଯାଦବ କମାଲ ଦେଖାଇଛନ୍ତି । ୟୁଏଇ ବିପକ୍ଷ ମ୍ୟାଚରେ କୁଲଦୀପ ୨.୧ ଓଭର ବୋଲିଂ କରି ୭ ରନ୍ ଦେଇ ୪ ୱିକେଟ୍ ନେଇଥିଲେ । କୁଲଦୀପ ଗୋଟିଏ ଓଭରରେ ମଧ୍ୟ ୩ ୱିକେଟ୍ ନେଇଛନ୍ତି । ତାଙ୍କ ହାତର ବୋଲିଂ ଯୋଗୁଁ ୟୁଏଇର ବ୍ୟାଟିଂ ଲାଇନ୍ ଅପ୍ ଭୁଷୁଡି ପଡିଥିଲା । ମାତ୍ର ୧୩ ଟି ବଲ ପକାଇ କୁଲଦୀପ ୪ ୱିକେଟ୍ ଦଖଲ କରିଥିଲେ । ଏହି ସଫଳତା ପରେ ଏସିଆ କପରେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି କୁଲଦୀପ । ସେ ଏସିଆ କପ୍ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବୋଲର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । କିନ୍ତୁ ସବୁଠାରୁ କମ୍ ବଲରେ ୪ ୱିକେଟ୍ ଦଖଲ କରିବାର ତାଲିକାର ୧ ନଂରେ ପହଞ୍ଚିଛନ୍ତି ।

ପାକିସ୍ତାନ ସ୍ପିନର ସଦବ ଖାଁଙ୍କୁ ପଛରେ ପକାଇଛନ୍ତି କୁଲଦୀପ । ୨୦୨୨ରେ ସଦବ ଖାନ୍ ୪ ୱିକେଟ୍ ନେଇଥିଲେ । ସେ ମାତ୍ର ୧୭ ଟି ବଲର ପକାଇଥିଲେ । ହଂକଂ ବିପକ୍ଷରେ ସେ ୧୭ ଟି ବଲ ସଫଳତା ପାଇଥିଲେ । କିନ୍ତୁ କୁଲଦୀପ ୧୩ ଟି ବଲରେ ୪ ୱିକେଟ୍ ଦଖଲ କରି ସଦବଙ୍କୁ ପଛରେ ପକାଇଛନ୍ତି ।




## ମହିଳା ଏସିଆ କପ୍

# ଚୀନଠାରୁ ହାରିଲା ଭାରତ



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି) : ମହିଳା ଏସିଆ କପ୍‌ର ସୁପର ୪ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚରେ ଭାରତ ପରାଜିତ ହୋଇଛି । ଦିନକ ଆଗରୁ କୋରିଆକୁ ଧରାଶାୟୀ କରି ସୁପର ୪ ପର୍ଯ୍ୟାୟ ଆରମ୍ଭ କରିଥିବା ଭାରତୀୟ ମହିଳା ଦଳ ଚୀନ ନିକଟରୁ ୪-୧ ଗୋଲରେ ହାରିଯାଇଛି । ଭାରତ ପକ୍ଷରୁ ମମତାଜ ଖାନ୍ ୧ ମାତ୍ର ଗୋଲ କରିଥିଲେ । ଚୀନର ଝୌ ମୈରଙ୍ଗ ଦୁଇଟି, ତାନ ଜିନ୍ ଝୁଆଙ୍ଗ, ଚେନ ୟାଙ୍ଗ ଗୋଲ କରିଥିଲେ । ମ୍ୟାଚର ତୃତୀୟ ମିନିଟରେ ଚୀନକୁ ପ୍ରଥମ ବଲରେ ସୁଯୋଗ ମିଳିଥିଲା । ଝୌ ମୈରଙ୍ଗ ପ୍ରଥମ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ । ପ୍ରଥମାର୍ଦ୍ଧ ଖେଳ ୧-୦ ସହ ଶେଷ ହୋଇଥିଲା । ତୃତୀୟ କ୍ୱାର୍ଟରରେ ଭାରତ ଓ ଚୀନ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ୩୧ ତମ ମିନିଟରେ ଚେନ୍ ୟାଙ୍ଗ ଗୋଲ୍ କରିବାରୁ ଚୀନ ୨-୦ରେ ଆଗୁଆ ହୋଇଥିଲା । ୨୯ ତମ ମିନିଟରେ ଭାରତର ମମତାଜ ଖାନ୍ ଗୋଲ ଦେଇଥିଲେ । ବ୍ୟବଧାନ ୨-୧ ହୋଇଥିଲା । ୪୯ ତମ ମିନିଟରେ ଚୀନର ତାନ ଜିନ୍ ଝୁଆଙ୍ଗ ଏବଂ ୫୬ ତମ ମିନିଟରେ ଝୌ ମୈରଙ୍ଗ ଦ୍ୱିତୀୟ ଗୋଲ କରି ଚୀନକୁ ୪-୧ ବ୍ୟବଧାନରେ ବିଜୟୀ କରିଥିଲେ ।

# ସଚିନ ହେବେ କି ବିସିସିଆଇ ସଭାପତି ?



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି) : ଭାରତୀୟ କ୍ରିକେଟ୍‌ର କିମ୍ବଦନ୍ତୀ ସଚିନ ତେନ୍ଦୁଲକର ବିସିସିଆଇର ଆଗାମୀ ସଭାପତି ହେବା ନେଇ ଚର୍ଚ୍ଚା ଜୋର ଧରିଛି । କିନ୍ତୁ ଗୁରୁବାର ନିରବତା ଭାଙ୍ଗିଛନ୍ତି ସଚିନ । ସେ ସିଧାସଳଖ ଏଭଳି ଖବରକୁ ଖଣ୍ଡନ କରିବା ସହ ଏହାକୁ ଗୁଜବ ବୋଲି କହିଛନ୍ତି । ଏସ୍‌ଆରଟି ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ କୁହାଯାଇଛି, ଏବେ ଆମକୁ ବିସିସିଆଇର ନୂଆ ସଭାପତି ସଚିନ ତେନ୍ଦୁଲକର ହେବା ନେଇ ଗଣମାଧ୍ୟମ ରିପୋର୍ଟ ଓ ଗୁଜବ ବିଷୟରେ ଅବଗତ ହେଲେ । ବାସ୍ତବରେ ସଚିନ ତେନ୍ଦୁଲକର ବିସିସିଆର କୌଣସି ପଦପଦବୀ ପାଇଁ ଆବେଦନ କରି ନାହାଁନ୍ତି କିମ୍ବା ପଦ ଅଳଙ୍କୃତ କରିବାକୁ ଆଶାୟୀ ମଧ୍ୟ ନାହାଁନ୍ତି । ଏଭଳି ଗୁଜବ ତଥା ବିଭ୍ରାନ୍ତିକର ଖବର ପ୍ରସାରଣ ନକରିବାକୁ ଏସ୍‌ଆରଟି ପକ୍ଷରୁ ନିବେଦନ କରାଯାଇଛି । ନିକଟରେ ଏକାଧିକ ଗଣମାଧ୍ୟରେ ଖବର ପ୍ରକାଶ ପାଇଥିଲା ଯେ ଆଗାମୀ ୨୮ ତାରିଖରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକରେ ବିସିସିଆକୁ ନୂଆ ସଭାପତି ମିଳିବ । ଭାରତର ଜଣେ ପୁରୁଖା କ୍ରିକେଟ୍‌ର ଏହି ପଦ ଅଳଙ୍କୃତ କରିବେ । ସେ ଧୋନୀ, ଗାଙ୍ଗୁଲିଙ୍କ ଭଳି ଏକାଧିକ କୀର୍ତ୍ତିମାନର ଅଧିକାରୀ । ତେଣୁ ସମସ୍ତେ ଭାବି ଥିଲେ ଯେ, ସଚିନ ତେନ୍ଦୁଲକର ହି ବିସିସିଆଇର ପରବର୍ତ୍ତୀ ସଭାପତି ହେବାକୁ ଯାଉଛନ୍ତି । ବାସ୍ତବରେ ଏ ସମସ୍ତ କଥା କେବଳ ଗୁଜବ । ଏଥିରେ କୌଣସି ସତ୍ୟତା ନାହିଁ । ବିସିସିଆଇ ଏଜିଏମ୍‌ରେ ନୂଆ ସଭାପତିଙ୍କ ସହ ଆଇପିଏଲ୍, ଚୈୟାରମ୍ୟାନ୍ ତଥା ଏକାଧିକ ପଦପଦବୀ ପାଇଁ ନିର୍ବାଚନ ହେବ । ରୋଜର ବିନ୍ନିଙ୍କୁ ୭୦ ବର୍ଷ ହେବାକୁ ସେ ବିସିସିଆଇର ସଭାପତି ପଦରୁ ଇସ୍ତଫା ଦେଇଥିଲେ । ସେହିଭଳି ବର୍ତ୍ତମାନର ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମଲ ବାଧ୍ୟତାମୂଳକ କୁଲିଂ ପିରିୟଡକୁ ଯିବେ । କାରଣ ସେ କ୍ରମାଗତ ୬ ବର୍ଷ ଧରି ପ୍ରଶାସକ ଭୂମିକା ତୁଲାଇଛନ୍ତି । ବର୍ତ୍ତମାନର ସମ୍ପାଦକ ଦେବଜିତ୍ ସାଇକିଆ ତଥା କୋଷାଧ୍ୟକ୍ଷ ପ୍ରଭଜିତ ଭାଟିଆ ଓ ଯୁଗ୍ମ ସମ୍ପାଦକ ରୋହନ ଦେଶାଇ ନିଜ ପଦ ବଜାୟ ରଖିବେ ।

# ସୁପର୍ ଡଟ ମନି ସହ କିମ୍ବଦନ୍ତୀ ଫିଲ୍ଡର ଜଣ୍ଟି ରୋଡ୍‌ସ

ଭୁବନେଶ୍ୱର: ଏକ ଫ୍ଲିପକାର୍ଟ-ସମର୍ଥିତ ଅଗ୍ରଣୀ ୟୁପିଆଇ ପ୍ଲାଟଫର୍ମ, ସୁପର୍ ଡଟ ମନି ପକ୍ଷରୁ ଏକ ନୂଆ ଡିଜିଟାଲ ଆଡ୍ ଫିଲ୍ମର ଶୁଭାରମ୍ଭ କରାଯାଇଛି। ଯେଉଁଥିରେ ଏହାର 'କ୍ୟାଶବ୍ୟାକ କ୍ୟାଚର' ଭାବେ କିମ୍ବଦ"ୀ କ୍ରିକେଟର ଜଂଟି ରୋଡ୍‌ସ ଅଭିନୟ କରିଛନ୍ତି । ଏହାର ନୂଆ ଡିଜିଟାଲ ଫିଲ୍ମରେ ସପୁର ଡଟ୍ ମନି ଜଂଟି ରୋଡ୍‌ସଙ୍କୁ ପିଚ୍‌ରୁ ବାହାରକୁ ଆଣିଛନ୍ତି ଏବଂ ଦୈନନ୍ଦିନ ଜୀବନରେ ସାମିଲ କରିଛନ୍ତି ଯିଏ ନିଜର ଟ୍ରେଡମାର୍କ ଶୈଳୀ ସହ କ୍ୟାଶବ୍ୟାକ ପାଇଁ ଡାଇଭ୍ କରୁଛନ୍ତି । ଏହି ବିଜ୍ଞାପନ ଫିଲ୍ମ ଏକ ସରଳ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ, ଯାହାକି ଆଜିର ଉପଭୋକ୍ତାମାନେ ପ୍ରତ୍ୟେକ ଟ୍ରାଜ୍ୱନ ପାଇଁ ଏକ ରିୱାର୍ଡ ଆଶା କରୁଛନ୍ତି। ଏକ ସଦ୍ୟତମ ଅଧ୍ୟୟନ ଅନୁସାରେ, ୯୫% ଭାରତୀୟ ଡିଜିଟାଲ ଗ୍ରାହକ କ୍ୟାଶବ୍ୟାକ ଅଫରଗୁଡିକୁ ଆକର୍ଷଣୀୟ ବୋଲି କହିଛନ୍ତି । ଏସମ୍ପର୍କରେ ସୁପର ଡଟ ମନିର ସହ-ପ୍ରତିଷ୍ଠାତା ପ୍ରେମାଂଶୁ ସିଂହ କହିଛନ୍ତି, "ସୁପର ଡଟ ମନିରେ ଆମେ ବିଶ୍ୱାସ କରୁ ଯେ, ରିୱାର୍ଡଗୁଡିକ ଜଟିଳ କିମ୍ବା ସର୍ତମୂଳକ ନୁହେଁ ବରଂ ସରଳ, ନିର"ର ଓ ପ୍ରକୃତରେ ମୂଲ୍ୟବାନ ହେବା ଉଚିତ । ଉପଭୋକ୍ତାମାନେ ଯେପରି ପ୍ରତିଥର ଅର୍ଥ ବ୍ୟୟ କରିବା ସମୟରେ ଫ୍ଲାଟ ଓ ନିର୍ଭରଯୋଗ୍ୟ କ୍ୟାଶବ୍ୟାକ ମାଧ୍ୟମରେ କିଛି ରିୱାର୍ଡ ଫେରି ପାଇବାର ଆନନ୍ଦକୁ ଅନୁଭବ କରିବେ ତାହା ନିଶ୍ଚିତ କରିବା ହେଉଛି ଆମର ଲକ୍ଷ୍ୟ। ଏହି କ୍ୟାମ୍ପେନରେ ଜଂଟି ରୋଡ୍‌ସ ସେହି ସମାନ ଉତ୍ସାହକୁ ଜୀବ" କରିଛନ୍ତି, ଯିଏ ସବୁବେଳେ ଗତିଶୀଳ ଓ ସତର୍କ ରହିଥାନ୍ତି ଏବଂ ଯାହା ବାସ୍ତବତରେ ପୁରସ୍କୃତ ତାହା ପାଇଁ ଡାଇଭ୍ କରିଥାନ୍ତି । ଏହି ଫିଲ୍ମ ସହିତ ଆମେ କେବଳ ଏକ ମଜାଦାର କାହାଣୀ କହୁନାହୁଁ ବରଂ ଆମେ ଉପଭୋକ୍ତା ଆକାଂକ୍ଷାକୁ ରୂପା"ର କରିବା ଏବଂ ଲୋଭନୀୟ ରିୱାର୍ଡକୁ ଏକ ଷ୍ଟାଣ୍ଡାର୍ଡରେ ପରିଣତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ ।" ସେହିପରି ବ୍ରେନଡାଡର କ୍ରିଏଟିଭ ଡାଇରେକଫର (ଫିଲ୍ମ ପାଇଁ) ଓ ପ୍ରତିଷ୍ଠାତା ବିଶାଲ ଦୟାମା କହିଛନ୍ତି, " କ୍ୟାଶବ୍ୟାକ ନହରାଇବା ପାଇଁ ଆମର ନାୟକ ଯେଉଁ ପରିଶ୍ରମ କରିଛନ୍ତି ତାହା ଏହି ବିଜ୍ଞାପନ ଫିଲ୍ମକୁ ଉଭୟ ମଜାଦାର ଓ ତଥ୍ୟପୂର୍ଣ୍ଣ କରିଛି । ଜଂଟି ରୋଡ୍‌ସ ଏକ ଶାରିରୀକତା ଓ ପସନ୍ଦ ଆଣିଛି" ଯାହା ହାସ୍ୟରସ ବାହାରେ ବିଚାରଧାରାକୁ ଉନ୍ନତ କରିଛି ଏହା ଆଚରଣ, ଅଭ୍ୟାସ ଏବଂ କିଛି ଫେରି ପାଇବାର ରୋମାଂଚ ସମ୍ପର୍କିତ ଅଟେ ।"

ଏହି ଫିଲ୍ମ ଚତୁରତାର ସହ ପଡିଆରେ ଜଂଟିଙ୍କ ନିରନ୍ତର ପ୍ରୟାସକୁ କ୍ୟାଶବ୍ୟାକ ପାଇଁ ଆଧୁନିକ ଉପଭୋକ୍ତାଙ୍କ ନିର"ର ସନ୍ଧାନ ସହ ସଂଯୋଗ କରିଛି, ଏକ ସନ୍ଧାନ ଯାହା ଶେଷରେ ଅଗ୍ରଣୀ ବ୍ୟାଙ୍କଗୁଡିକ ସହ ସହଭାଗିତାରେ ସୁପର ଡଟ ମନିର ୟୁପିଆଇ-ଲିଙ୍କ୍‌ଡ କ୍ରୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ସହ ଶେଷ ହୋଇଛି, ଯାହା ପ୍ରତ୍ୟେକ ଟ୍ରାଜ୍ୱନ ସହ ୩% ପର୍ଯ୍ୟ" କ୍ୟାଶବ୍ୟାକ ପ୍ରଦାନ କରୁଛି । ଏହା ବଡ କିମ୍ବା ଛୋଟ, ସମସ୍ତ ପ୍ରକାରର ଟ୍ରାଜ୍ୱନରେ ତତ୍କାଳ ରିୱାର୍ଡ ପାଇବାର ସାର୍ବଜନିନ ରୋମାଂଚକୁ ଉନ୍ମୋଚନ କରିଛି ।

ଏହି ଫିଲ୍ମ ଅଗ୍ରଣୀ ବ୍ୟାଙ୍କଗୁଡିକ ସହ ସୁପର ଡଟ ମନିର କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଓ ସେମାନଙ୍କର ସ୍ୱଚ୍ଛ ମୂଲ୍ୟର ଅଟଳ ପ୍ରତିଶ୍ରୁତି ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ପହଂଚ ଓ ଉପଭୋକ୍ତାଙ୍କ ସମ୍ପୃକ୍ତି ବୃଦ୍ଧି କରିବା ପାଇଁ ଏହି ବିଜ୍ଞାପନ ଫିଲ୍ମକୁ ବର୍ତମାନ ' ଭଳି କ୍ରୀଡା (କ୍ରିକେଟ) ଦୁନିଆର ପ୍ରତିଷ୍ଠିତ ଖେଳାଳିଙ୍କ ସହ ସହଭାଗିତାରେ ଡିଜିଟାଲ ଓ ସୋସିଆଲ ପ୍ଲାଟ୍‌ଫର୍ମଗୁଡିକରେ ଲଂଚ କରାଯାଇଛି ।

# ୨୭ରୁ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଚେସ୍



ଭୁବନେଶ୍ୱର, ୧୧।୯ (ସବ୍ୟୁ) : ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ ସେଣ୍ଟର ଏସ୍‌ଆର୍ ଚେସ୍ ପକ୍ଷରୁ ଭାଗ୍ୟଶ୍ରୀ ସ୍ମାରକୀ ଅଲ ଓଡିଶା ଓପନ୍ ଫିଡେ ରେଟିଂ ଚେସ ଚାମ୍ପିଅନସିପ୍ ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଫୁଲନଖରା ସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ୨ ଲକ୍ଷ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ମୋଟ ୮୯ ଟ୍ରଫି, ୫୪ ମେଡାଲ୍ ଦିଆଯିବ । ବିଜେତାଙ୍କୁ ୩୦ ହଜାର, ରନର୍ସଙ୍କୁ ୨୦ ହଜାର ଓ ତୃତୀୟ ସ୍ଥାନ ପାଇଁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ସେହିଭଳି ୭,୮,୯,୧୧, ୧୩ ଓ ୧୫ ବର୍ଷ ବୟସ ବର୍ଗର ଶ୍ରେଷ୍ଠ ୧୫ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ସାରା ରାଜ୍ୟରୁ ପ୍ରତିଦ୍ୱନ୍ଦ୍ୱିମାନେ ଏହି ପ୍ରତିଯୋଗିତାରୁ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗୀଙ୍କ ପାଇଁ ପ୍ରବେଶିକା ଫି ୧ ହଜାର ଟଙ୍କା ଧାର୍ଯ୍ୟ ହୋଇଛି । ପ୍ରତିଯୋଗିତା ସମ୍ପର୍କରେ ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଅଧିକ ବିବରଣୀ ପାଇଁ ସତ୍ୟରଞ୍ଜନ ପଟ୍ଟନାୟକ (୯୪୩୭୨୦୮୫୦୬) କିମ୍ବା ପ୍ରଦୀପ ପଣ୍ଡା (୯୯୩୭୬୪୨୮୯)ଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକ ନିବେଦନ କରିଛନ୍ତି ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି